# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୮/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, October 8/2025 | Page 16 | ₹ 7.00 | DHENKANAL

୫୧ଶ ଭାଗ ୩୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 312 | ମୂଲ୍ୟ ₹୭/-




## ୨ ଓଟିଟି ପ୍ଲାଟ୍‌ଫର୍ମରେ ଷ୍ଟ୍ରିମିଂ ହେବ 'ଜଲି ଏଲ୍‌ଏଲ୍‌ବି ୩'

ଅଭିନେତା ଅକ୍ଷୟ କୁମାର ଓ ଅର୍ଶଦ ୱାର୍ସିଙ୍କ 'ଜଲି ଏଲ୍‌ଏଲ୍‌ବି ୩' ଫିଲ୍ମ ଆସନ୍ତା ନଭେମ୍ବର ୧୪ରୁ ଓଟିଟି ପ୍ଲାଟ୍‌ଫର୍ମ ଜିଓ ହଟ୍‌ଷ୍ଟାର ଓ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେବ।

୧୨

୧୪

## ଅଷ୍ଟ୍ରେଲିଆ ଦଳକୁ ଫେରିଲେ ଷ୍ଟାର୍କ

ଭାରତ ବିପକ୍ଷ ଦିନିକିଆ ସିରିଜ ପାଇଁ ଅଷ୍ଟ୍ରେଲିଆ କ୍ରିକେଟ ଦଳକୁ ଫେରିଛନ୍ତି ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ।



# ମୋବାଇଲ ନ ଦେବାରୁ ନାବାଳିକାଙ୍କ ଆତ୍ମହତ୍ୟା

**ମାଲକାନଗିରି/ଖଇରପୁଟ,୭।୧୦ (ଦୁର୍ଯ୍ୟୋଧନ ପାତ୍ର/ଜଗନ୍ନାଥ ମାଝି)**

ବୟସ ମାତ୍ର ୧୦ ବର୍ଷ। ଜୀବନ କ'ଣ ଭଲ ଭାବେ ଜାଣିନାହାନ୍ତି। ମୋବାଇଲ ଦେଖିବାକୁ ଜିଦ୍ ଧରିଲେ। ବାପା ମନା କରିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣା ମାଲକାନଗିରି ଜିଲା ମାଥିଲି ଥାନା ଅଧୀନ ଗୋବିନ୍ଦପାଲି ଢେପସାହିରୁ ସାମ୍ନାକୁ ଆସିଛି। ମୃତା ହେଲେ ଢେପସାହି ବାସିନ୍ଦା ଅର୍ଜୁନ କିର୍ସାନୀଙ୍କ ଝିଅ ରୂପାଲୀ।

ସୂଚନାନୁଯାୟୀ, ସୋମବାର ରାତିରେ ରୂପାଲୀ ବାପାଙ୍କୁ ମୋବାଇଲ ମାଗିଥିଲେ। ଅର୍ଜୁନ ଝିଅଙ୍କୁ ମୋବାଇଲ ଦେବାକୁ ମନା କରିଦେଇଥିଲେ। ଏଥିରେ ସେ ରାଗିଯାଇ ଏକ ରୁମ୍‌ରେ ନିଜକୁ ବନ୍ଦ କରି ଦେଇଥିଲେ। ମା'ବାପା ଏହାକୁ ଅଣଦେଖା କରି ଶୋଇବାକୁ ଚାଲିଯାଇଥିଲେ। ଅର୍ଜୁନ ଘର ବାହାରେ ଶୋଇଥିବା ବେଳେ ତାଙ୍କ ସ୍ତ୍ରୀ ଅନ୍ୟ କୋଠରିରେ ଶୋଇଥିଲେ। ଏହାପରେ ବିଳମ୍ବିତ ରାତିରେ ରୂପାଲୀ ଦୁଆରବନ୍ଧରେ ଗାମୁଛା ବାନ୍ଧି ଝୁଲିପଡ଼ିଥିବା ଅନୁମାନ କରାଯାଉଛି। ମଙ୍ଗଳବାର ଭୋର ୪ଟାରେ ଝିଅଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଅର୍ଜୁନ ଉଦ୍ଧାରକରି ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାଥିଲି ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ନେଇ ନଂ.୪୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରିଛି। ମାଥିଲି ଥାନାଧିକାରୀ ପଦ୍ମନ ପୂଜାରି ଘଟଣାର ତଦନ୍ତ କରୁଛନ୍ତି।


ରୂପାଲୀ କିର୍ସାନୀ


ଚାଇନାର ଗାନ୍‌ସୁ ପ୍ରଦେଶରେ ଛୁଟିଦିନ ଅବସରରେ ପର୍ଯ୍ୟଟକମାନେ ସୌନ୍ଦର୍ଯ୍ୟଭରା ମିଙ୍ଗ୍‌ଶା ପର୍ବତ ଓ କ୍ରିସେଣ୍ଟ ସ୍ପ୍ରିଙ୍ଗ୍ ଅଞ୍ଚଳରେ ଓଟ ସବାରିର ମଜା ନେଉଛନ୍ତି।

# ହିମାଚଳରେ ଭୂସ୍ଖଳନ: ୧୮ ମୃତ

**ବିଳାସପୁର,୭।୧୦**

ହିମାଚଳପ୍ରଦେଶର ବିଳାସପୁର ଜିଲାରେ ମଙ୍ଗଳବାର ସନ୍ଧ୍ୟାରେ ବଡ଼ ଧରଣର ଭୂସ୍ଖଳନ ଘଟି ମାଟି ଅତଡ଼ା ତଳେ ଏକ ବସ୍ ପୋତିହୋଇପଡ଼ିବାରୁ ଅନ୍ୟୂନ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ବହୁସଂଖ୍ୟାରେ ଲୋକ ମାଟିପଥର ତଳେ ରହିଯାଇଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ପୋଲିସ ଓ ଜିଲା ପ୍ରଶାସନର ଅଧିକାରୀମାନେ ପହଞ୍ଚିଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ୩ ଜଣଙ୍କୁ ଉଦ୍ଧାର କରାଯାଇଥିବା ବିଳାସପୁର ଡେପୁଟୀ କମିଶନର ରାହୁଲ କୁମାର କହିଛନ୍ତି। ବସ୍‌ଟି ମାରୋଟାନ୍‌ରୁ ଘୁମାରୱିନ୍ ଯାଉଥିବାବେଳେ ସେଥିରେ ୩୦ରୁ ୩୫ ଜଣ ଯାତ୍ରୀ ଥିଲେ ବୋଲି କୁହାଯାଉଛି। ବାଲୁ ବ୍ରିଜ୍ ନିକଟରେ ଭୂସ୍ଖଳନ ହେବାରୁ ପାହାଡ଼ ପାର୍ଶ୍ୱ ରାସ୍ତାରେ ଯାଉଥିବା ଘରୋଇ ବସ୍‌ଟି ମାଟିପଥର ତଳେ ପୋତିହୋଇପଡ଼ିଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଦୁଃଖ ପ୍ରକାଶ କରିବା ସହ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଇସିଆଇ ୯ ସୁଦ୍ଧା ସବିଶେଷ ତଥ୍ୟ ଦେଉ

## ବିହାର ଚୂଡ଼ାନ୍ତ ଭୋଟର ତାଲିକାରୁ ୩.୬୬ ଲକ୍ଷ ବାଦ୍ ମାମଲା

**ନୂଆଦିଲ୍ଲୀ,୭।୧୦(ପି.ଟି.)**

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କରାଯାଇ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ତେବେ ଉକ୍ତ ତାଲିକାରୁ ୩.୬୬ ଲକ୍ଷ ଭୋଟର ବାଦ୍ ପଡ଼ିଥିବାରୁ ଏହାର ସବିଶେଷ ତଥ୍ୟ ଗୁରୁବାର ସୁଦ୍ଧା ପ୍ରଦାନ କରିବା ଲାଗି ସୁପ୍ରିମକୋର୍ଟ ନିର୍ବାଚନ କମିଶନ (ଇସି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ସାମିଲ ହୋଇଥିବା ୨୧ ଲକ୍ଷ ଭୋଟରଙ୍କ ନାମ ପ୍ରକାଶ କରିବାକୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ଏସ୍‌ଆଇଆର୍‌କୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ଆବେଦନର ପରବର୍ତ୍ତୀ ଶୁଣାଣି ୯ ତାରିଖକୁ ଧାର୍ଯ୍ୟ ହୋଇଛି।

ମଙ୍ଗଳବାର ଶୁଣାଣି ବେଳେ ନିର୍ବାଚନ କମିଶନ କହିଥିଲେ, ସାମିଲ ହୋଇଥିବା ଅଧିକାଂଶ ନାମ ନୂଆ ଭୋଟରଙ୍କର। ବାଦ୍ ପଡ଼ିଥିବା କୌଣସି ଭୋଟରଙ୍କ ତରଫରୁ ଏପର୍ଯ୍ୟନ୍ତ ଅଭିଯୋଗ ଦାଖଲ ହୋଇନାହିଁ। ସୁପ୍ରିମକୋର୍ଟ କହିଛନ୍ତି, ସମସ୍ତଙ୍କ ପାଖରେ ଚିଠା ଭୋଟର ତାଲିକା ଏବଂ ସେପ୍ଟେମ୍ବର ୩୦ରେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ତାଲିକା ରହିଛି। ତେଣୁ ତୁଳନାତ୍ମକ ବିଶ୍ଳେଷଣ ଜରିଆରେ ଆବଶ୍ୟକ ତଥ୍ୟ ଦାଖଲ କରାଯାଇପାରିବ। ଅଦାଲତଙ୍କ ନିର୍ଦ୍ଦେଶନାମା ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବା ସହ ସମସ୍ତଙ୍କୁ ଜାଣିବାର ସୁଯୋଗ ପ୍ରଦାନ କରିବ ବୋଲି ଜଷ୍ଟିସ୍ ବାଗ୍‌ଚୀ ନିର୍ବାଚନ କମିଶନଙ୍କ ତରଫରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀଙ୍କୁ କହିଛନ୍ତି। ଚୂଡ଼ାନ୍ତ ଭୋଟର ତାଲିକାରେ ଅନେକଙ୍କୁ ସାମିଲ କରାଯାଇଥିବାରୁ କୌଣସି ଦ୍ୱନ୍ଦ୍ୱଠାରୁ ଦୂରେଇ ରହିବାକୁ ହେଲେ ସାମିଲ ହୋଇଥିବା ଭୋଟରମାନଙ୍କ ପରିଚୟ ପ୍ରକାଶ କରାଯିବା ଉଚିତ ବୋଲି ଖଣ୍ଡପୀଠ କହିଛନ୍ତି।



ସୂଚନାଯୋଗ୍ୟ, ଏସ୍‌ଆଇଆର୍ ପୂର୍ବରୁ ବିହାରରେ ୯.୮୯ କୋଟି ଭୋଟର ରହିଥିବାବେଳେ ଏସ୍‌ଆଇଆର୍ ପରେ ଅଗଷ୍ଟ ୧ରେ ପ୍ରକାଶିତ ଚିଠା ଭୋଟର ତାଲିକାରେ ଏହି ସଂଖ୍ୟା ୭.୨୪ କୋଟିକୁ ହ୍ରାସ ପାଇଥିଲା, ଅର୍ଥାତ୍ ପ୍ରାୟ ୬୫ ଲକ୍ଷ ଭୋଟର ବାଦ୍ ପଡ଼ିଥିଲେ। ବାଦ୍ ପଡ଼ିଥିବା ଭୋଟରମାନେ ମୃତ କିମ୍ବା ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ରହିଥିବା ଇସିଙ୍କ ପକ୍ଷରୁ କୁହାଯାଇଥିଲା। ଯଦି ମୃତ କିମ୍ବା ଅନ୍ୟତ୍ର ପଳାୟନ କରିଛନ୍ତି, ସେମାନଙ୍କ ନାଁ ବାଦ୍ ପଡ଼ିବା ଠିକ୍ ଅଛି, କିନ୍ତୁ ଏହା ପରେ ଯଦି କାହାକୁ ବାଦ୍ ଦିଆଯାଉଛି, ତେବେ ନିୟମ ୨୧ ଏବଂ ଏସ୍‌ଓପି ଅନୁସରଣ କରିବାକୁ ଅଦାଲତ କହିଛନ୍ତି। ଯେଉଁମାନଙ୍କ ନାମ ବାଦ୍ ପଡ଼ିଛି, ସେମାନଙ୍କ ତଥ୍ୟ ନିର୍ବାଚନ କାର୍ଯ୍ୟାଳୟରେ ରଖାଯାଉ। ଚୂଡ଼ାନ୍ତ ତାଲିକାରେ ନୂଆ ନାଁ ସାମିଲ ହୋଇଥିବାରୁ ସ୍ୱାଭାବିକ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ତେଣୁ ନୂଆ ସାମିଲ ହୋଇଥିବା ଭୋଟରଙ୍କ ପରିଚୟ କ'ଣ ଏବଂ ସେମାନେ ପୂର୍ବରୁ ବାଦ୍ ପଡ଼ିଥିଲେ ନା ନୂଆ ନାମ, ତାହା ଜଣାଇବାକୁ ଜଷ୍ଟିସ୍ ବାଗ୍‌ଚୀ କହିଛନ୍ତି। ଚଡ଼ାନ୍ତ ଭୋଟର ତାଲିକାରେ ୭.୪୨ କୋଟି ଭୋଟର ରହିଛନ୍ତି, ଅର୍ଥାତ୍ ଏସ୍‌ଆଇଆର୍ ପୂର୍ବ ଭୋଟର ସଂଖ୍ୟାରୁ ପାଖାପାଖି ୪୭ ଲକ୍ଷ ହ୍ରାସ ପାଇଛି। ଚିଠା ତାଲିକାରେ ୨୧.୫୩ ଲକ୍ଷ ନୂଆ ଭୋଟରଙ୍କ ନାମ ଯୋଡ଼ାଯାଇଥିବାବେଳେ ୩.୬୬ ଲକ୍ଷ ନାମ ବାଦ୍ ପଡ଼ିବାରୁ ଚୂଡ଼ାନ୍ତ ତାଲିକାରେ ମୋଟ ୧୭.୮୭ ଲକ୍ଷ ବୃଦ୍ଧି ପାଇଛି।

# ହଟିଲା କର୍ଫ୍ୟୁ, ଇଣ୍ଟରନେଟ୍ ସେବା ସ୍ୱାଭାବିକ

**କଟକ,୭।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

- ସ୍ୱାଭାବିକ ହେଉଛି ସାଧାରଣ ଜୀବନଯାତ୍ରା
- ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରାଯିବ: ପୋଲିସ କମିଶନର

କଟକ ଦୁର୍ଗା ପୂଜା ଭସାଣି ସମୟରେ ସୃଷ୍ଟ ବିବାଦର ୩୬ ଘଣ୍ଟା ପରେ ମଙ୍ଗଳବାର ସକାଳେ କର୍ଫ୍ୟୁ ହଟିଥିବା ବେଳେ ସନ୍ଧ୍ୟା ୭ଟାରୁ ଇଣ୍ଟରନେଟ୍ ସେବା ସ୍ୱାଭାବିକ ହୋଇଛି। ଏବେ କଟକ ସ୍ଥିତିରେ ସୁଧାର ଆସିଛି ଏବଂ ସାଧରଣ ଜୀବନଯାତ୍ରା ସ୍ୱାଭାବିକ ହୋଇଛି। ଅନ୍ୟପଟେ ସହରରେ ଶାନ୍ତି ଓ ଭାଇଚାରା ବଜାୟ ରଖିବାକୁ ଅପିଲ କରିଛନ୍ତି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ। କଟକ ଡିସିପିଙ୍କ କାର୍ଯ୍ୟାଳୟରେ କମିଶନର ସିଂ କହିଛନ୍ତି ଯେ, କଟକରେ ଏବେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ଏହାକୁ ଦୃଷ୍ଟିରେ ରଖି ୩୬ ଘଣ୍ଟାର କର୍ଫ୍ୟୁ ହଟାଇ ଦିଆଯାଇଛି। ୩୬ ଘଣ୍ଟା ସମ୍ପୂର୍ଣ୍ଣ ଭାବେ ଶାନ୍ତିପୂର୍ଣ୍ଣ ଭାବେ ବିତିଛି। ପରିସ୍ଥିତି ଉପରେ ଅନୁଧ୍ୟାନ କରାଯାଉଛି। ବିଭିନ୍ନ ସ୍ଥାନରେ ପୋଲିସର ପାଟ୍ରୋଲିଂ ଜାରି ରହିବ ଏବଂ ମନିଟରିଂ କରାଯିବ। ଯଦି କୌଣସି ସ୍ଥାନରେ କିଛି ସମସ୍ୟା ଉପୁଜିବା ଜଣାପଡେ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଶୋଭାଯାତ୍ରା ପାଇଁ ପୋଲିସ ପକ୍ଷରୁ ଅନୁମତି ଦିଆଯାଇ ନ ଥିବାବେଳେ ଶୋଭାଯାତ୍ରା କରି ପୋଲିସକୁ ଆକ୍ରମଣ ଓ ସ୍ଥିତିକୁ ଜଟିଳ କରିବା ଘଟଣାରେ ସମୁଦାୟ ୯ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଅପପ୍ରଚାର ପାଇଁ ସାମାଜିକ ଗଣମାଧ୍ୟମ ଉପରେ ରୋକ୍ ଲଗାଯାଇଥିଲା। ଏବେ ପାର୍ବଣ ଋତୁ ରହିଛି, ଆଗକୁ କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ଆସୁଛି। ଏହାକୁ ଶାନ୍ତିପୂର୍ଣ୍ଣ ଭାବେ କରାଯିବା ନେଇ କଟକ ମହାନଗର ଶାନ୍ତି କମିଟି ଓ ବିଭିନ୍ନ ପୂଜା କମିଟି ସହ ଆଲୋଚନା କରାଯିବ। ଯେପରି ଏଭଳି ପରିସ୍ଥିତି କେବେ ନ ଉପୁଜେ ସେଥିପାଇଁ ସମସ୍ତ ପ୍ରସ୍ତୁତି କରାଯିବ ବୋଲି ସିଂ କହିଛନ୍ତି। ତେବେ କର୍ଫ୍ୟୁ ହଟିବା ପରେ ଛତ୍ରବଜାର, ମାଲଗୋଦାମ ଓ ଅନ୍ୟାନ୍ୟ ଅଞ୍ଚଳରେ ଭିଡ ପରିଲକ୍ଷିତ ହୋଇଥିଲା। କିନ୍ତୁ ପୋଲିସ ପକ୍ଷରୁ ବକ୍ସିବଜାର ଅଞ୍ଚଳରେ ୪୦ ପ୍ରତିଶତ ଦୋକାନ ବନ୍ଦ ରଖାଯିବା ସହ ଦରଘାବଜାରରୁ ଚୌଧୁରୀ ବଜାର ପର୍ଯ୍ୟନ୍ତ ଦୋକାନଗୁଡ଼ିକ ବନ୍ଦ କରାଯାଇଛି। ଅନ୍ୟପଟେ କଟକରେ ପୋଲିସ ପକ୍ଷରୁ ଦୋକାନଗୁଡ଼ିକ ରାତି ୯ଟାରୁ ୧୦ଟା ମଧ୍ୟରେ ବନ୍ଦ କରିବାକୁ କୁହାଯାଇଥିବା ଜଣାପଡ଼ିଛି। ସୂଚନାଥାଉ କି, ପୂର୍ବ ☞ପୃଷ୍ଠା-୪

# ଘାସିରାମ ମାଝୀ କଂଗ୍ରେସ ପ୍ରାର୍ଥୀ

## ନୂଆପଡ଼ା ଉପନିର୍ବାଚନ



**ଭୁବନେଶ୍ୱର,୭।୧୦(ରବିନାରାୟଣ ଜେନା)**

ନୂଆପଡ଼ାରେ ହେବାକୁଥିବା ଉପନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ମଙ୍ଗଳବାର ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ କେ. ସି. ବେଣୁଗୋପାଳ ଏକ ପ୍ରେସ୍ ରିଲିଜ୍‌ରେ ଦର୍ଶାଇଛନ୍ତି ଯେ, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖାର୍ଗେଙ୍କ ଅନୁମୋଦନକ୍ରମେ ଘାସିରାମ ମାଝୀଙ୍କୁ ନୂଆପଡ଼ା ଉପନିର୍ବାଚନ ଲାଗି କଂଗ୍ରେସ ପକ୍ଷରୁ ପ୍ରାର୍ଥୀ କରାଯାଇଛି। ଏହାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ସଂପ୍ରତି ନୂଆପଡ଼ା ଉପନିର୍ବାଚନ ରାଜନୈତିକ ଦୃଷ୍ଟିକୋଣରୁ ଅଧିକ ଗୁରୁତ୍ୱ ବହନ କରୁଛି। ରାଜ୍ୟ ସରକାର ନାରୀ ନିର୍ଯାତନାଠାରୁ ଆରମ୍ଭକରି ଆଇନଶୃଙ୍ଖଳା କ୍ଷେତ୍ରରେ ବହୁ ପଛରେ ରହିଛନ୍ତି। ଅନ୍ୟପକ୍ଷେ ବିଜେଡି ମଧ୍ୟ ରାଜ୍ୟବାସୀଙ୍କ ଆସ୍ଥାଭାଜନ ହରାଇଛି। ଏବେ କଂଗ୍ରେସ ପ୍ରତି ଜନସମର୍ଥନ ବଢୁଛି। ନୂଆପଡ଼ା ଭୋଟର ହିଁ ଏହାର ଜବାବ ଦେବେ ଏବଂ କଂଗ୍ରେସ ଜିତିବ ବୋଲି ଭକ୍ତ କହିଛନ୍ତି।

**ଆଜିର ସମ୍ପାଦକୀୟ**

**ଖାଲି ବାହୁସ୍ଫୋଟ**

# ୧୨୧ କୋଟିର ହିସାବ ମିଳୁନି

## ଆନନ୍ଦପୁର ସେତୁ ପ୍ରକଳ୍ପରେ କୂଳପାଉନି ଏଜି

**ଭୁବନେଶ୍ୱର,୭।୧୦(ରବିନାରାୟଣ ଜେନା)**

ରାଜ୍ୟରେ ଦୁର୍ନୀତିର ଚେର ଯେତେ ଲମ୍ବା ହେଲେ ବି ଉପାଡ଼ି ଫିଙ୍ଗିବାକୁ ସବୁ ସରକାରଙ୍କ ପକ୍ଷରୁ କୁହାଯାଉଛି। ଦୁର୍ନୀତି ରୋକିବା ପାଇଁ ଭିଜିଲାନ୍ସ ଓ କ୍ରାଇମବ୍ରାଞ୍ଚ ସହ ଅନ୍ୟାନ୍ୟ ଏଜେନ୍ସି ପକ୍ଷରୁ ସଚେତନ କରାଯିବା ସହ ଚଢ଼ାଉ ମଧ୍ୟ ହେଉଛି। ହେଲେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ରାଜ୍ୟରେ ଅନେକ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଅନିୟମିତତା ହୋଇଛି। ସେଥିମଧ୍ୟରୁ କେତେକ ବିଭାଗୀୟ ସମୀକ୍ଷାବେଳେ ଧରାପଡୁଛି ତ ଆଉ କେତେବେଳେ ମହାଲେଖାକାରଙ୍କ ସମୀକ୍ଷାରୁ ଜଣାପଡୁଛି। ସମୀକ୍ଷକମାନେ ଦୁର୍ନୀତି ଧରିବା ପରେ ମଧ୍ୟ ତା'ର ଚେର୍ ମିଳୁନାହିଁ। ବର୍ଷେ କି ଦୁଇବର୍ଷ ନୁହେଁ, ଇତିମଧ୍ୟରେ ୧୨ ବର୍ଷ ବିତି ଯାଇଥିଲେ ବି ପ୍ରକଳ୍ପ ନିର୍ମାଣ ଖର୍ଚ୍ଚର ଠୋସ୍ ହିସାବ ମିଳୁନାହିଁ। ଏପରିକି ସଂପୃକ୍ତ ବିଭାଗକୁ ବାରମ୍ବାର ପତ୍ର ଲେଖି ମହାସମୀକ୍ଷକ ଉତ୍ତର ଲୋଡ଼ିଥିଲେ ହେଁ ତାହା ମିଳୁନାହିଁ। ଏଭଳି ଏକ ଘଟଣା ଜଳସମ୍ପଦ ବିଭାଗରେ ଦେଖିବାକୁ ମିଳିଛି।

ତଥ୍ୟ ଅନୁଯାୟୀ, ଆନନ୍ଦପୁର ସେତୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ୧୨୧ କୋଟି ୮୩ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ଏହି ଖର୍ଚ୍ଚର କୌଣସି ହିସାବପତ୍ର ନାହିଁ। ଏପରିକି ଅଧିକାରୀମାନେ ଭାଉଚର ମଧ୍ୟ ଠିକ୍ ଭାବେ ପ୍ରସ୍ତୁତ କରିନାହାନ୍ତି। ୨୦୧୩-୧୪ ଆର୍ଥିକବର୍ଷରୁ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଏଭଳି ଅନିୟମିତତା ହୋଇଥିବା ମହାଲେଖାକାର-୨'ଙ୍କ ସମୀକ୍ଷାରୁ ଜଣାପଡ଼ିଛି। ଏନେଇ ଆନନ୍ଦପୁର ବ୍ୟାରେଜ୍ ପ୍ରୋଜେକ୍ଟ ଶାଳପଡ଼ାର ମୁଖ୍ୟ ବିତ୍ତ ଅଧିକାରୀ ଇତିମଧ୍ୟରେ ଜଳସମ୍ପଦ ବିଭାଗକୁ ୫ଥର ପତ୍ର ଲେଖିଲେଣି। ହେଲେ ବିଭାଗୀୟ ଅତିରିକ୍ତ ସଚିବ ଏଯାଏ ☞ପୃଷ୍ଠା-୪


# ୩ ଆମେରିକୀୟଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ

## ଉନ୍ନତ କ୍ୱାଣ୍ଟମ ପ୍ରଯୁକ୍ତି ସମ୍ପର୍କିତ ଗବେଷଣା ପାଇଁ ସମ୍ମାନ


**ଷ୍ଟକ୍‌ହୋମ, ୭।୧୦**

ପଦାର୍ଥ ବିଜ୍ଞାନ ପାଇଁ ମଙ୍ଗଳବାର 'ନୋବେଲ ପୁରସ୍କାର ୨୦୨୫'ର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ବୈଦ୍ୟୁତିକ ସର୍କିଟରେ ମାକ୍ରୋସ୍କୋପିକ୍ କ୍ୱାଣ୍ଟମ ମେକାନିକାଲ ଟନେଲିଂ ଏବଂ ଏନର୍ଜି କ୍ୱାଣ୍ଟିଜେଶନର ଆବିଷ୍କାର ପାଇଁ ୩ ଆମେରିକୀୟ ବୈଜ୍ଞାନିକ ଜନ୍ କ୍ଲାର୍କ, ମାଇକେଲ ଏଚ୍. ଡେଭୋର୍ଟ ଏବଂ ଜନ୍ ଏମ୍ ମାର୍ଟିନିସ୍‌ଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ଷ୍ଟକ୍‌ହୋମରେ ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସେସ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ଆବିଷ୍କାର କ୍ୱାଣ୍ଟମ କମ୍ପ୍ୟୁଟିଂ ଏବଂ ସୁପର କଣ୍ଡକ୍ଟିଂ ସର୍କିଟକୁ ନୂତନ ଦିଗ୍‌ଦର୍ଶନ ଦେବ ବୋଲି କୁହାଯାଇଛି।

ନୋବେଲ ପୁରସ୍କାର ବିଜେତା ଘୋଷିତ ହୋଇଥିବା ଏହି ୩ ବୈଜ୍ଞାନିକ ୮୦ ଏବଂ ୯୦ ଦଶକରେ କ୍ୱାଣ୍ଟମ ମେକାନିକ୍ସକୁ ଇଲେକ୍ଟ୍ରୋନିକ୍ସ ସହ ସଂଯୁକ୍ତ କରିଥିଲେ। ୟୁନିଭର୍ସିଟି ଅଫ୍ କାଲିଫର୍ନିଆ, ବର୍କେଲେରେ ପ୍ରଫେସର ଥିବା କ୍ଲାର୍କ ୧୯୮୦ରେ ଜୋସେଫ୍‌ସନ୍ ନାମକ ଏକ ସୁପର କଣ୍ଡକ୍ଟିଂ ଡିଭାଇସ୍‌ରେ କ୍ୱାଣ୍ଟମ ଟନେଲିଂକୁ ଆବିଷ୍କାର କରିଥିଲେ। ସେହିପରି ୟେଲ ୟୁନିଭର୍ସିଟିର ପ୍ରଫେସର ଭାବେ କାର୍ଯ୍ୟରତ ମାଇକେଲ ସର୍କିଟ କ୍ୱାଣ୍ଟମ ଇଲେକ୍ଟ୍ରୋଡାଇନାମିକ୍ସକୁ ବିକଶିତ କରିଥିଲେ। ତାଙ୍କର ଏହି ଆବିଷ୍କାର ଯୋଗୁ ବୈଦ୍ୟୁତିକ ସର୍କିଟଗୁଡ଼ିକୁ କ୍ୱାଣ୍ଟମ ସିଷ୍ଟମ୍ ଭାବରେ ବ୍ୟବହାର କରାଯାଇପାରୁଛି। ସେହିପରି ୟୁନିଭର୍ସିଟି ଅଫ୍ କାଲିଫର୍ନିଆ, ସାନ୍ତା ବାର୍‌ବରାର ପ୍ରଫେସର ମାର୍ଟିନିସ୍ କ୍ୱାଣ୍ଟମ ବିଟ୍ସରେ ଏନର୍ଜି କ୍ୱାଣ୍ଟିଜେଶନ ପ୍ରଦର୍ଶନ କରିଥିଲେ, ଯାହା କ୍ୱାଣ୍ଟମ କମ୍ପ୍ୟୁଟରର ଆଧାର ଭାବେ ସାବ୍ୟସ୍ତ ହୋଇଥିଲା। ଏହି ୩ ବୈଜ୍ଞାନିକ ଭିନ୍ନ ଭିନ୍ନ ପ୍ରୟୋଗଶାଳାରେ କାମ କରୁଥିବା ସତ୍ତ୍ୱେ ମଧ୍ୟ ସେମାନେ କରିଥିବା ଆବିଷ୍କାରଗୁଡ଼ିକ ପରସ୍ପର ସହ ଜଡ଼ିତ ଥିଲା। ଏହି ଆବିଷ୍କାର କ୍ୱାଣ୍ଟମ ସମ୍ବନ୍ଧୀୟ ସୂଚନାକୁ ବ୍ୟବହାରିକ କରିଥିଲା ବୋଲି ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସେସ୍ ପକ୍ଷରୁ କୁହାଯାଇଛି। ୧୧ ମିଲିୟନ ସ୍ୱିଡିଶ କ୍ରୋନ (ପ୍ରାୟ ୧୦.୪ କୋଟି ଟଙ୍କା)ର ପୁରସ୍କାର ରାଶି ଏହି ୩ ବୈଜ୍ଞାନିକଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟନ କରାଯିବ। ଆସନ୍ତା ଡିସେମ୍ବର ୧୦ରେ ଆଲ୍‌ଫ୍ରେଡ୍ ନୋବେଲଙ୍କ ମୃତ୍ୟୁ ବାର୍ଷିକୀ ଅବସରରେ ଏହି ୩ ବୈଜ୍ଞାନିକ ନୋବେଲ ପୁରସ୍କାରରେ ସମ୍ମାନିତ ହେବେ।


ଜନ୍ କ୍ଲାର୍କ


ମାଇକେଲ ଏଚ୍. ଡେଭୋର୍ଟ


ଜନ୍ ଏମ୍ ମାର୍ଟିନିସ


A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961). Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in





# ହତ୍ୟାକାରୀଙ୍କୁ ଗିରଫ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ବ୍ରହ୍ମପୁର, ୭।୧୦(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁରରେ କୁମାର ପୂର୍ଣ୍ଣିମା ରାତି ପ୍ରାୟ ୧୦ଟାରେ ଗଞ୍ଜାମ ଜିଲା ତଥା ବ୍ରହ୍ମପୁର ସହରର ଜଣାଶୁଣା ଆଇନଜୀବୀ ଓ ଭାଜପା ନେତା ପୀତବାସ ପଣ୍ଡାଙ୍କୁ ଅତି ନିକଟରୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣାରେ ଯେ କେହି ସମ୍ପୃକ୍ତ ଥାଆନ୍ତୁ ନା କାହିଁକି ହତ୍ୟାକାରୀଙ୍କୁ ଖୁବ ଶୀଘ୍ର ଗିରଫ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀଙ୍କୁ ଧରିବାକୁ ସାଇଣ୍ଟିଫିକ ଟିମ୍ ସହ ପୋଲିସ ତ୍ୱରିତ ପଦକ୍ଷେପ ନେଇଛି। ଏଥିପାଇଁ ୩ଟି ଟିମ୍ ଗଠନ କରାଯାଇଛି। ପୋଲିସକୁ ଫୁଟେଜ ମିଳିଛି। ଅଭିଯୁକ୍ତମାନେ ସ୍ଥାନୀୟ ଅପରାଧି ନୁହନ୍ତି, ସେମାନେ ବାହାରୁ ଆସି ଏଭଳି ଘଟାଇ ଫେରାର ହୋଇଯାଇଥିବା ପୋଲିସ ଅନୁମାନ କରୁଛି। ଇତିମଧ୍ୟରେ ପୀତବାସଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଗୋକର୍ଣ୍ଣେଶ୍ୱର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ବେଳେ ତାଙ୍କ ଛାତିରୁ ଗୁଳି ବାହାରିଛି। ୪ ଲିଟର ଜମାଟବନ୍ଧା ରକ୍ତ ମଧ୍ୟ ବାହାରିଥିବା ଏଫ୍ଏମ୍ଟି ବିଭାଗ ପକ୍ଷରୁ କୁହାଯାଇଛି। ବାର କାଉନସିଲ ଅଫ ଇଣ୍ଡିଆ, ରାଜ୍ୟ ବାର କାଉନସିଲ ଓ ଗଞ୍ଜାମ ଓକିଲ ସଂଘ ସହିତ ବିଭିନ୍ନ ଦଳର ନେତା ଦୋଷୀଙ୍କୁ ଖୁବ ଶୀଘ୍ର ଧରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଇତି ମଧ୍ୟରେ ଛୁଟିରେ ଯାଇଥିବା ଏସ୍‌ପି ସର୍ବଣା ବିବେକ ଏମ୍. କାର୍ଯ୍ୟରେ ଯୋଗଦେଇ ମଙ୍ଗଳବାର ଏହାର ତଦନ୍ତ ଦାୟିତ୍ୱ ନେଇଛନ୍ତି।

### ଆଇନଜୀବୀଙ୍କୁ ଗୁଳି କରି ହତ୍ୟା ଘଟଣା


ପୀତବାସ ପଣ୍ଡା


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ସୋମବାର ପୀତବାସ ଏସ୍ଏନ୍‌ଟି ରୋଡ଼ରେ ଥିବା ତାଙ୍କ ଚ୍ୟାମ୍ବରରୁ ନିଜ ସ୍କୁଟିରେ ବାହାରିଥିଲେ। ରାତି ପ୍ରାୟ ୧୦ଟା ଭିତରେ ବୈଦ୍ୟନାଥପୁର ଥାନା ବୈକୁଣ୍ଠ ନଗରସ୍ଥିତ ନିଜ ଘର ନିକଟରେ ପହଞ୍ଚିବା ପୂର୍ବରୁ ହେଲମେଟ୍ ପିନ୍ଧି ଏକ ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅତି ନିକଟରୁ ଛାତିକୁ ଗୁଳି କରିଥିଲେ। ସେ ଘଟଣା ସ୍ଥଳରେ ଟଳି ପଡ଼ିଥିଲେ। ତତକ୍ଷଣାତ ତାଙ୍କୁ ଏମ୍‌କେସିଜିକୁ ନିଆଯାଇଥିଲା। ସେଠାରେ ଡାକ୍ତର ପୀତବାସଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ଏମ୍‌ପି ପ୍ରଦୀପ କୁମାର ପାଣିଗ୍ରାହୀ, ଜିଲା ସଭାପତି ସରୋଜ ସାବତ, ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ସମେତ ଭାଜପାର ବହୁ ନେତା, କର୍ମୀ ଏବଂ ଗଞ୍ଜାମ ଓକିଲ ସଂଘର ଆଇନଜୀବୀମାନେ ପହଞ୍ଚି କେଉଁ କାରଣରୁ ପୀତବାସଙ୍କୁ ହତ୍ୟା କରାଯାଇଥିଲା ତାହାର ତର୍ଜମା କରିଥିଲେ।

ଅନ୍ୟପକ୍ଷରେ ଏହି ହତ୍ୟାକାଣ୍ଡକୁ ନେଇ ବିଭିନ୍ନ ବିଷୟ ଚର୍ଚ୍ଚା ହେଉଛି। ବାଲି ଚୋରାଚାଲାଣ ବିରୋଧରେ ପୀତବାସ ସ୍ୱର ଉତ୍ତୋଳନ କରୁଥିଲେ। ଏହି ଚୋରାଚାଲାଣରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଏହା ଏକ ଷଡଯନ୍ତ୍ର ହୋଇଥାଇପାରେ ବୋଲି ଆଲୋଚନା ହେଉଛି। ବିଭିନ୍ନ ଅନ୍ୟାୟ ବିରୋଧରେ ସେ ଆରଟିଆଇରେ ତଥ୍ୟ ମାଗି ଲୋକଙ୍କୁ ନ୍ୟାୟ ଦେଉଥିଲେ। ତେଣୁ ଏହା ମଧ୍ୟ ତାଙ୍କୁ ହତ୍ୟା ପଛର ଅନ୍ୟ ଏକ କାରଣ ହୋଇଥାଇପାରେ ବୋଲି କୁହାଯାଉଛି।

# ଲୋକେ ଅସୁରକ୍ଷିତ ଭାବିବା ଆରମ୍ଭକଲେଣି: ନବୀନ

**ଭୁବନେଶ୍ୱର, ୭।୧୦(ସୁନିତ୍ ମିଶ୍ର)**

ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାକୁନେଇ ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିରୋଧୀ। ରାଜ୍ୟର ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବିରୋଧୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କହିଛନ୍ତି, ରାଜ୍ୟରେ ଉତ୍ସବର ପରିବେଶ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି ଓ ଲୋକେ ନିଜକୁ ଅସୁରକ୍ଷିତ ଭାବିବା ଆରମ୍ଭ କଲେଣି। ନିଜ ଘର ସାମ୍ନାରେ ଠିଆହୋଇଥିବା ସମୟରେ ଗଞ୍ଜାମର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଯେପରି ଗୁଳିକରି ହତ୍ୟା କରାଗଲା ତାହା ଅତ୍ୟନ୍ତ ଜଘନ୍ୟ ଓ ଦୁଃଖଦାୟକ। ଦୁଃଖରେ ଭାଗିପଡ଼ିଥିବା ପରିବାରବର୍ଗଙ୍କ ପ୍ରତି ସେ ସମବେଦନା ଜଣାଇଛନ୍ତି। ସେ ଆହୁରି କହିଛନ୍ତି, ଏହି ଖବର ସାଧାରଣ ଲୋକଙ୍କୁ ଭୟଭୀତ କରିଦେଇଛି। ସେହିପରି ରାଉରକେଲାରେ ବଳାତ୍କାର, କଣାସରେ ସରକାରୀ ବସ୍ ଭିତରେ ଘଟିଥିବା ଅଭାବନୀୟ ଘଟଣା ସାଙ୍ଗକୁ ବାଲେଶ୍ୱରରେ ରାତ୍ରିକାଳୀନ କଟକଣା ସହ ଭାଇଚାରାର ସହର କଟକରେ ସାମ୍ପ୍ରଦାୟିକ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ପୋଲିସ ଏସ୍ଆଇ ନିଯୁକ୍ତିରେ ମହାଘୋଟାଲା ଆଶାୟୀ ଯୁବଗୋଷ୍ଠୀଙ୍କ ମନୋବଳ ଭାଙ୍ଗିଦେଇଥିବା ବେଳେ ସରକାରୀ ନିଯୁକ୍ତିରେ ସ୍ୱଚ୍ଛତା ବଜାୟ ରଖିବାରେ ମଧ୍ୟ ରାଜ୍ୟ ସରକାର ଅସମର୍ଥ। ଶାନ୍ତିପ୍ରିୟ ଓଡ଼ିଶାରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ମଜଭୁତ ରଖିବାରେ ଭାଜପା ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଲୋକଙ୍କ ସ୍ୱାର୍ଥ ପାଇଁ ସରକାର ତତ୍ପର ଓ ସଜାଗହେବା ଜରୁରୀ ବୋଲି ନବୀନ କହିଛନ୍ତି।

# ରାଜ୍ୟବ୍ୟାପୀ କଲମଛାଡ଼ ଆଜି

**କଟକ,୭।୧୦(କାର୍ତ୍ତିକ ସାହୁ)**

- କୋଟିଏ ଟଙ୍କା କ୍ଷତିପୂରଣ ଦାବି କଲା ରାଜ୍ୟ ଆଇନଜୀବୀ ପରିଷଦ
- ୪୮ ଘଣ୍ଟାରେ ଅଭିଯୁକ୍ତଙ୍କ ଗିରଫ ସହ ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ ଦାବି

ରାଜ୍ୟ ବାର୍ କାଉନସିଲର ସର୍ବାଧିକ ଭୋଟରେ ନିର୍ବାଚିତ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା ପ୍ରତିବାଦରେ ବୁଧବାର ରାଜ୍ୟବ୍ୟାପୀ ଆଇନଜୀବୀମାନେ କଲମଛାଡ଼ କରିବେ। ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏ ନେଇ ପ୍ରେସ୍ ଇସ୍ତାହାରରେ ମଙ୍ଗଳବାର ସୂଚନା ଦେଇଛନ୍ତି। ଏଥିସହ ପୀତବାସଙ୍କ ପରିବାରକୁ ସରକାର କୋଟିଏ ଟଙ୍କା କ୍ଷତିପୂରଣ ପ୍ରଦାନ, ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ସହ ନ୍ୟାୟିକ ତଦନ୍ତ ଦାବି କରିଛି ରାଜ୍ୟ ଆଇନଜୀବୀ ପରିଷଦ।

ଘଟଣା ଅନୁସାରେ, ଦୁଇଜଣ ଅଜଣା ଯୁବକ ବ୍ରହ୍ମପୁରସ୍ଥିତ ତାଙ୍କ ଘର ସାମ୍ନାରେ ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରିବା ଆଇନଜୀବୀମାନଙ୍କ ପାଇଁ ଅତ୍ୟନ୍ତ ଦୁଃଖଦ ଘଟଣା। ଆଇନ ସେବା ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି ପ୍ରତି ଏହା ସିଧାସଳଖ ଶକ୍ତ ଧକ୍କା। ତେଣୁ ରାଜ୍ୟର ସବୁ ବାର୍‌ର ଆଇନଜୀବୀମାନେ କାର୍ଯ୍ୟରୁ ନିବୃତ୍ତ ରହି କଲମଛାଡ଼ ଜରିଆରେ ସ୍ୱର୍ଗତ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବେ ବୋଲି ରାଜ୍ୟ ଆଇନଜୀବୀ ପରିଷଦର ପ୍ରତିନିଧିଗଣ ବ୍ରହ୍ମପୁର ଗସ୍ତରୁ ଫେରିବା ପରେ ଦ୍ୱିବେଦୀ କହିଛନ୍ତି। ଦିବଂଗତ ଆତ୍ମାଙ୍କ ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ପରିଷଦର ସଦସ୍ୟମାନେ ସାନ୍ତ୍ୱନା ପ୍ରଦାନ କରିଛନ୍ତି। ପରିଷଦ ପକ୍ଷରୁ ମାମଲାର ଉଚ୍ଚସ୍ତରୀୟ ତଦନ୍ତ କରି ୩ ମାସ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ଦାବି କରାଯାଇଛି। ବିଶେଷ କରି ମୁଖ୍ୟମନ୍ତ୍ରୀ ଓ ପୋଲିସ ଡିଜି ଏହାକୁ ଅତ୍ୟନ୍ତ ଗୁରୁତର ସହ ଗ୍ରହଣ କରି ଆଇନଜୀବୀମାନଙ୍କ ସୁରକ୍ଷା ପ୍ରତି ତାଙ୍କର ଦାୟବଦ୍ଧତାକୁ ପାଳନ କରନ୍ତୁ ବୋଲି କୁହାଯାଇଛି। ଏ ନେଇ ପରିଷଦ ପକ୍ଷରୁ ଲିଖିତ ଭାବେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ହାଇକୋର୍ଟ ମୁଖ୍ୟ ବିଚାରପତି, ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ, ଆଇନ ମନ୍ତ୍ରୀ, ଆଡ୍‌ଭୋକେଟ ଜେନେରାଲଙ୍କୁ ଅବଗତ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିସିଆଇ ଅଧ୍ୟକ୍ଷ


**ଭୁବନେଶ୍ୱର, ୭।୧୦(ସୁନିତ୍ ମିଶ୍ର)**

ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟା କରାଯିବା ଘଟଣାକୁ ନେଇ ସବୁ ଆଡୁ ନିନ୍ଦା କରାଯାଉଛି। ଜଣେ ଆଇନଜୀବୀଙ୍କୁ ଯେଭଳି ରାସ୍ତା ଉପରେ ଗୁଳି କରି ହତ୍ୟା କରାଯାଇଛି ତାକୁ ସବୁଆଡୁ ସମାଲୋଚନା କରାଯିବା ସହ ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଧରିବା ଲାଗି ଦାବି ଜୋର୍ ହୋଇଛି। ଏହି ଘଟଣାରେ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ(ବିସିଆଇ) ପକ୍ଷରୁ ମୁଖ୍ୟମନ୍ତ୍ରୀ

### ତୁରନ୍ତ ଦୋଷୀଙ୍କୁ ଧରି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ

ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଡିଜିପି ୱାଇ.ବି. ଖୁରାନିଆଙ୍କୁ ଚିଠି ଲେଖି ଏହି ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ, ବାର୍‌ର ସୁରକ୍ଷା ଏବଂ ନିର୍ଦ୍ଦିଷ୍ଟ ସମୟ ଭିତରେ ଦଣ୍ଡବିଧାନ ଦାବି କରାଯାଇଛି।

ଚିଠିରେ ଉଲ୍ଲେଖ କରାଯାଇଛି, ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣା ନିନ୍ଦନୀୟ ଏହାକୁ ଦୃଢ଼ ବିରୋଧ କରାଯାଉଛି। ଓଡ଼ିଶା ରାଜ୍ୟ ବାର୍ କାଉନସିଲର ସେ ସଦସ୍ୟ ଥିଲେ। ନିକଟରେ ବାର୍ କାଉନସିଲ୍ ନିର୍ବାଚନର ସେ ଟପ୍ପର ଥିଲେ। ଏଭଳି ଜଘନ୍ୟକାଣ୍ଡ କୌଣସି ସାଧାରଣ ବ୍ୟକ୍ତିଙ୍କ ବିରୋଧରେ ନୁହେଁ ବରଂ ଏହା ରାଜ୍ୟର ଆଇନଗତ ସେବା ଏବଂ ନିୟମର ସ୍ୱାଧୀନତା ଉପରେ ସିଧାସଳଖ ଆକ୍ରମଣ। ଏହି ସମ୍ପର୍କରେ ଭାରତର ବିଭିନ୍ନ ପ୍ରାନ୍ତର ସଦସ୍ୟ ଏବଂ ଓଡ଼ିଶା ବାର୍ ପକ୍ଷରୁ ସୂଚନା ଆସିଛି। ପ୍ରମାଣ ମିଳିଛି, ସ୍ୱର୍ଗତ ପଣ୍ଡାଙ୍କୁ କେତେଜଣ ସଶସ୍ତ୍ର ଦୁର୍ବୃତ୍ତ ଟାର୍ଗେଟ କରିଛନ୍ତି। ଏହା ଜାଣି ଆଇନଜୀବୀ ସମୁଦାୟ ଆଶ୍ଚର୍ଯ୍ୟ ଏବଂ ଶୋକାଭିମୁଖୀ ହୋଇଛନ୍ତି। ଏଭଳି ଦୁଃଖଦ ସମୟରେ ସମସ୍ତେ ତାଙ୍କ ପରିବାର ଏବଂ ଓଡ଼ିଶା ରାଜ୍ୟ ବାର୍ କାଉନସିଲ୍ ନିକଟରେ ସମବେଦନା ଜଣାଉଛନ୍ତି।




As homes light up with diyas, light up your celebrations with the happiness of driving a Kia. With GST and additional festive benefits, this is your moment to start a journey filled with comfort, tech, and style. Visit your nearest Kia dealership today.

| Model | Old Ex-showroom | New Ex-showroom | GST Reduction | Additional festive benefits up to | Total benefits |
|---|---|---|---|---|---|
| Sonet | ₹7 99 900 | ₹7 30 138 | ₹69 762 | ₹1 15 000 | ₹1 84 762 |
| Syros | ₹9 49 900 | ₹8 67 053 | ₹82 847 | ₹1 58 000 | ₹2 40 847 |
| Seltos | ₹11 18 900 | ₹10 79 276 | ₹39 624 | ₹1 60 000 | ₹1 99 624 |
| Carens | ₹10 86 412 | ₹10 47 454 | ₹38 958 | ₹88 000 | ₹1 26 958 |
| Carens Clavis | ₹11 59 412 | ₹11 17 835 | ₹41 577 | ₹1 23 000 | ₹1 64 577 |

*Benefits available on other Kia cars as per applicability.

For more information, visit our dealership or contact: 1800 108 5000 | 093195 91407 | www.kia.com | Book Kia | kiacare@kiaindia.net | Look for "Kia India" @

*Terms & condition apply. Ex-showroom price mentioned is for the base variant (PAN India). Benefits shown are the combination of exchange, loyalty, corporate, scrappage and special benefits, which are applicable on select models and variants, may vary from model to model and region to region. The product shown is for representation purposes only. Actual features, colors, and specifications may not be part or standard fitment and may vary. Kia India Pvt. Ltd. reserves the right to make any changes with respect to the trims, colors, specifications, and other details of any model as mentioned or to modify/ discontinue any offer/ scheme/ service without prior notice. Kia urges you to follow traffic rules, these are meant to keep you safe on the roads. Visit your nearest Kia dealership for more details.

**Central Kia:** Angul, Tel: 7440004255, 9124563136

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ମ୍ୟୁଜିକ୍ ସର୍କଲ ପକ୍ଷରୁ ଗଜଲ୍ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଲାବଣ୍ୟ ଥିଏଟର ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'କୁହୁଡ଼ି', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

### ପୁରୀ
- ଲିଟିଲଷ୍ଟାର ଗ୍ରୁପ ପକ୍ଷରୁ ୨୪ତମ କୁମାର ଉତ୍ସବ ଓ ସାଂସ୍କୃତିକ ସମାରୋହ 'ଫୁଲ ବଉଳବେଣୀ', ସ୍ଥାନ: ଦେବୀମଣ୍ଡପ ପଡ଼ିଆ, ସମୟ: ଅପରାହ୍ନ ୫ଟା।

### ବାଲେଶ୍ୱର
- ସ୍ମୃତିଚାରଣ ସଭା, ସ୍ଥାନ: ସାମ୍ବାଦିକ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ଡୁଡ଼ିଗଡ଼ିଆ ଶହୀଦ ସ୍ମୃତି ଭବନ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ଛକ, ବାଲିଆପାଳ, ସମୟ: ସନ୍ଧ୍ୟା ୭ଟା।

### ଭଦ୍ରକ
- ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦୁଝର
- ବନ୍ୟ ପ୍ରାଣୀ ସପ୍ତାହ-୨୦୨୫, ମଣିଷ ଓ ହାତୀ ଏକାଠି ବସବାସ ସମ୍ପର୍କିତ ଆଲୋଚନା ଏବଂ ସ୍ୱତନ୍ତ୍ର ସଚେତନ ଥିଏଟର ଶୋ', ସ୍ଥାନ: କେନ୍ଦୁଝର ଅଡିଟୋରିୟମ, ସମୟ:ପୂର୍ବାହ୍ନ ୧୦ଟା।

### ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ରାବଣପୋଡ଼ି ଉତ୍ସବ,ସ୍ଥାନ:ରାଜାଲୋକା ରାବଣପୋଡ଼ି ପଡ଼ିଆ, ଝାରପୋଖରିଆ,ସମୟ: ସନ୍ଧ୍ୟା ୭ଟା୩୦।

### ବ୍ରହ୍ମପୁର
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଗୁଡ୍‌ସ ସେଡ ରୋଡ ଓ ରେକଡକ୍ରସ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା।
- ବୃନ୍ଦାବନ ନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ଗୀତା ଭବନ ପରିସର, ସମୟ: ମଧ୍ୟାହ୍ନ ୧୨ଟା।

### କନ୍ଧମାଳ
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ ଟା।

### ଢେଙ୍କାନାଳ
- ଲକ୍ଷ୍ମୀପୂଜା ଭସାଣି ଉତ୍ସବ ବୈଠକ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ୪୦ତମ ନଟରାଜ କୁମାରୋତ୍ସବ ଉଦଯାପନ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।
- କାଞ୍ଚନ ବଜାର ପ୍ଲାଟିନମ୍ ଜୟନ୍ତୀ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:, କାଞ୍ଚନ ବଜାର, ସମୟ: ସନ୍ଧ୍ୟା ୬ଟା୩୦।
- ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦଘାଟନ, ସ୍ଥାନ: ପଲ୍ଲିଶ୍ରୀ ମେଳା ପଡିଆ, ମହିଷାପାଟ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା୩୦।

### ଅନୁଗୋଳ
- କଲମ ଛାଡ଼ ଆନ୍ଦୋଳନ, ସ୍ଥାନ: ଅନୁଗୋଳ କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ଅନ୍ନ ପ୍ରସାଦ ବଣ୍ଟନ, ସ୍ଥାନ: ଅନୁଗୋଳ ଲକ୍ଷ୍ମୀବଜାର ପୂଜା କମିଟି, ସମୟ: ଅପରାହ୍ନ ୧ଟା।
- ତାଳଚେର କିଶୋର କ୍ଲବର ୬୦ତମ ଦଶହରା କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: କିଶୋର କ୍ଲବ, ସମୟ: ସନ୍ଧ୍ୟା ୬ଟା ୩୦।
- ହାର୍ଟବିଟ ନୃତ୍ୟ, ସ୍ଥାନ: ଆଠମଲ୍ଲିକ ଗାନ୍ଧୀ ପାର୍କ ଲକ୍ଷ୍ମୀ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

### ଜଗତ୍‌ସିଂହପୁର
- ଆଭାସୀ ମାଧ୍ୟମରେ ଜମି ବିନିଯୋଗ ସମ୍ପର୍କିତ ଏକଜିଟ୍ କନଫରେନ୍ସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ତାରିଣୀ ମାର୍କେଟ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ଭଜନ ସମାରୋହ, ସ୍ଥାନ: ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତ୍ରିଲୋଚନପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମଢ଼ିଆଳ, କେନ୍ଦ୍ରାପଡ଼ା, ଠାକୁରହାଟ, ଡେରାବିଶ, ଅଳପୁଆ, କେନ୍ଦ୍ରାପଡ଼ା, ନାରାୟଣପୁର, କୁହୁଡ଼ି ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।

### ନୟାଗଡ଼
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ ବ୍ଲକ ଇଟାମାଟି ତେଲିସାହି, ନାରାୟଣିସାହି, ଗୌଡସାହି ଓ ଆଖପାଖ ଅଞ୍ଚଳ, ସମୟ: ସକାଳ ୮ଟାରୁ ରାତି ୯ଟା ୩୦ ।
- ଗଜଲକ୍ଷ୍ମୀ ପୂଜାର ୩ୟ ଦିବସରେ ସଂକୀର୍ତ୍ତନ, ସ୍ଥାନ: ନୟାଗଡ ବ୍ଲକ ରାଜପାଟଣା, ସମୟ:ଅପରାହ୍ନ ୨ଟା ।
- ଗଜଲକ୍ଷ୍ମୀ ପୂଜାର ୩ୟ ଦିବସରେ ପାଲା, ସ୍ଥାନ: ନୟାଗଡ ବ୍ଲକ ରାଜପାଟଣା, ସମୟ:ଅପରାହ୍ନ ୫ଟା ।
- ଗଜଲକ୍ଷ୍ମୀ ପୂଜାର ୩ୟ ଦିବସ, ସ୍ଥାନ:ଓଡଗାଁ ଲକ୍ଷ୍ମୀବଜାର ଲକ୍ଷ୍ମୀ ମନ୍ଦିର ; ଖଣ୍ଡପଡା ବ୍ଲକ ବେଣାଗାଡିଆ ; ନୟାଗଡ ସହରର ବିଭିନ୍ନ ପୂଜା ମଣ୍ଡପ ; ନୟାଗଡ ବ୍ଲକର ଷଠିଆପଲ୍ଲୀ ; ଗୋଡିପଡା ଷଡଙ୍ଗୀ ସାହି ; ଦଶପଲ୍ଲା ମହାବୀର କ୍ଷେତ୍ର ପୂଜା ମଣ୍ଡପ, ସମୟ:ସନ୍ଧ୍ୟା ୭ଟା।

### କୋରାପୁଟ
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ୭୧ତମ ୱାଇଲଡ ଲାଇଫ ସପ୍ତାହ ପାଳନ, ସ୍ଥାନ : କୋରାପୁଟ ବନଖଣ୍ଡ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।

### ମାଲକାନଗିରି
- ଚଳଚିତ୍ର ମାଧ୍ୟମରେ ବନ୍ୟପ୍ରାଣୀ ସୁରକ୍ଷା ସମ୍ବନ୍ଧୀୟ ପ୍ରଦର୍ଶନ ଓ ସଚେତନ, ସ୍ଥାନ: ଜଗନ୍ନାଥ ପାଲ୍ଲୀ ଉଚ୍ଚ ବିଦ୍ୟାଳୟ, ଏମ୍.ଭି. ୭, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳିତ, ସ୍ଥାନ: ମୋଟୁ ବନବିଭାଗ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବନ୍ୟପ୍ରାଣୀ ସୁରକ୍ଷା ସମ୍ବନ୍ଧୀୟ ପ୍ରଦର୍ଶନ ଓ ସଚେତନ, ସ୍ଥାନ: ଗନ୍ଧିପାଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା ।
- ମହାମାୟା କମ୍ପ୍ୟୁଟର ଶୋରୁମ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ବୁଢ଼ାରଜା ହାଇସ୍କୁଲ ନିକଟ, ସମୟ : ପୂର୍ବାହ୍ନ ୧୦ଟା ।
- ବରିଷ୍ଠ ତୀର୍ଥ ଯାତ୍ରା ଯୋଜନା ଶୁଭାରମ୍ଭ, ସ୍ଥାନ : ସମ୍ବଲପୁର ରେଳ ଷ୍ଟେଶନ, ସମୟ : ପୂର୍ବାହ୍ନ ୧୧ଟା ।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ମୁଦିପଡା ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ, ସମୟ : ସନ୍ଧ୍ୟା ୭ଟା ।
- ମା' ଗଜଲକ୍ଷ୍ମୀ ପୂଜା ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଗୋପାଳପାଲି, ସମୟ: ସନ୍ଧ୍ୟା ୭ଟା ।

### ବଲାଙ୍ଗୀର
- ନଅଗାଁ(ଖ) ପଞ୍ଚଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ , ସ୍ଥାନ: ନଅଗାଁ(ଖ) ହାଇସ୍କୁଲ ପଡିଆ, ଆଗଲପୁର ବ୍ଲକ, ସମୟ: ଅପରାହ୍ନ ୨ଟା ୩୦ ।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଭାଲିଆମୁଣ୍ଡା ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସ,ସ୍ଥାନ: ଭାଲିଆମୁଣ୍ଡା ସାପ୍ତାହିକ ବଜାର ପଡିଆ, ଲୋଇସିଂହା ବ୍ଲକ, ସମୟ: ଅପରାହ୍ନ ୩ଟା ।

### ରାଉରକେଲା
- ଭାଗବତ ପରାୟଣ ଉତ୍ସବ, ସ୍ଥାନ: କଳ୍ପତରୁ ଆଶ୍ରମ, ବାସନ୍ତୀ କଲୋନି, ସମୟ: ସକାଳ ୬ଟା।
- ହବିଷିଆଳିଙ୍କ ସାମୂହିକ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ସେକ୍ଟର-୧୫, ରାଧାକୃଷ୍ଣ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ପୁସ୍ତକ ଉନ୍ମୋଚନ ସମାରୋହ, ସ୍ଥାନ: ଛେଣ୍ଡ ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।
- ଗଜଲକ୍ଷ୍ମୀ ପୂଜା ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୭ଟା।

### ବରଗଡ଼
- ବିଜ୍ଞାନ, ଗଣିତ ଶିକ୍ଷକଙ୍କୁ ପ୍ରଶିକ୍ଷଣ, ସ୍ଥାନ: ଜନତା ହାଇସ୍କୁଲ, ଭୁକ୍ତା, ଅମ୍ବାଭୋନା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳନ, ସ୍ଥାନ: ଜନତା ହାଇସ୍କୁଲ, ଭୁକ୍ତା, ଅମ୍ବାଭୋନା, ସମୟ: ଅପରାହ୍ନ ୩ଟା।

### କଳାହାଣ୍ଡି
- ବ୍ରହ୍ମପୁର ଆଇନଜୀବୀଙ୍କ ହତ୍ୟା ଘଟଣା ପ୍ରତିବାଦରେ କଲମ ଛାଡ଼ ଆନ୍ଦୋଳନ, ସ୍ଥାନ: ଭବାନୀପାଟଣା ଜିଲା ଓ ଦୌରାଜଜ୍ କୋର୍ଟ, ସମୟ: ପୂର୍ବାହ୍ନ ୧୦ଟା।
- ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ
- ଶ୍ରୀମଦ ଦେବୀ ଭାଗବତ ମହାପୁରାଣ, ସ୍ଥାନ: ଶ୍ରୀ ଚନ୍ଦ୍ରଚୁଡ ମହାନଦୀ ଆଳତି ଘାଟ, ବୌଦ୍ଧ, ସମୟ: ସକାଳ ୮ଟା।
- ଘଣ୍ଟାପଡ଼ା ଗଜଲକ୍ଷ୍ମୀ ପୂଜାର ଭସାଣୀ ଉତ୍ସବ, ସ୍ଥାନ:ଘଣ୍ଟାପଡା, ବୌଦ୍ଧ, ସମୟ: ଅପରାହ୍ନ ୩ଟା।
- ମଶିଣାଗୋରାରେ ବରୁଳ ଯାତ୍ରା, ସ୍ଥାନ:ମଶିଣାଗୋରା ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

### ଦେବଗଡ଼
- ମହାଲକ୍ଷ୍ମୀ ପୂଜା ଅବସରରେ ପୁରୀ ଶ୍ରୀମନ୍ଦିର ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳସ୍ଥିତ ଅସ୍ଥାୟୀ ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମହାଲକ୍ଷ୍ମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳ ବ୍ଲକ, ରିଆମାଳ ଅସ୍ଥାୟୀ ପେଣ୍ଡାଲ, ସମୟ: ରାତି ୮ଟା ୩୦।

### ସୁବର୍ଣ୍ଣପୁର
- ବାଘମାରି ଗଜଲକ୍ଷ୍ମୀ ପୂଜା ପାଇଁ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ପୂଜା ମଣ୍ଡପ ସମ୍ମୁଖ, ସମୟ: ସକାଳ ୮ଟା।
- ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା ରାମାୟଣ ପାରାୟଣ, ସ୍ଥାନ: ଗଜଲକ୍ଷ୍ମୀ ପଡ଼ିଆ, ସମୟ: ସକାଳ ୮ଟା।
- ଗଜଲକ୍ଷ୍ମୀ ପୂଜାର ତୃତୀୟ ଦିବସ, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ତୁଳସୀ ରାମାୟଣ ପାରାୟଣର ତୃତୀୟ ଦିବସ, ସ୍ଥାନ: ମୁର୍ଷୁଣ୍ଡି, ବୀରମହାରାଜପୁର ବ୍ଲକ, ସମୟ:ସକାଳ ୯ଟା।
- ସୁବର୍ଣ୍ଣପୁରରେ କୈବର୍ତ୍ତ ସମାଜର ଜୁଗାର ଯାତ୍ରା, ସ୍ଥାନ: ମହାନଦୀ ତେନ୍ତୁଳିଘାଟ, ସମୟ: ପୂର୍ବାହ୍ନ ୧୧ଟା।
- ହରଗୌରୀ ଯାତ୍ରା ଅବସରରେ ହରଙ୍କ ଆଗମନ, ସ୍ଥାନ: ସୁବର୍ଣ୍ଣପୁର ସହର ଢେରାପଡା ସ୍ଥିତ ସ୍ୱର୍ଗତ ଗୋଲେଖନାଥ ସାହୁଙ୍କ ବାସଭବନ, ସମୟ: ସନ୍ଧ୍ୟା ୭ଟା।
- ବିନିକା ଜୁହ୍ନାପଡାରେ ଗଜଲକ୍ଷ୍ମୀ ପୂଜା ଅବସରରେ ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଗଜଲକ୍ଷ୍ମୀ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- କଂସ ଦରବାର, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

### ନୂଆପଡ଼ା
- ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ସକାଳ ୮ଟା ୩୦।
- ସାର୍ବଜନୀନ ଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ, ସମୟ: ସକାଳ ୯ଟା।
- ୧୫ ତମ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ରଜନା ପଞ୍ଚାୟତ ବେଲଗାଁ, ସମୟ: ସକାଳ ୯ଟା।
- ମା'ଗଜଲକ୍ଷ୍ମୀ ପୂଜା ଆଳତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ କୁମୁଟିମୁଣ୍ଡା ଗାଁ, ସମୟ: ରାତି ୮ଟା ୪୫।
- ୪୧ତମ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ହାତିସରା ଗାଁ, ସମୟ: ରାତି ୯ଟା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ପ୍ରତ୍ୟୁଷ ଯାତ୍ରା ମନକୁ ଆନନ୍ଦ ପ୍ରଦାନ କରିବା ସହ ବନ୍ଧୁଙ୍କ ଆଦରଣୀୟ ହେବେ। କୃତ୍ତିକା ନକ୍ଷତ୍ରର ମନରେ ଅସ୍ଥିରତା ଲାଗି ରହିବାରୁ ଅନ୍ୟମାନଙ୍କ କଥା ଆପଣଙ୍କୁ ଭଲ ଲାଗିବ ନାହିଁ। ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି। ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବାରୁ ଚିନ୍ତା ପ୍ରକଟ କରିବେ।

**ବୃଷ** ବନ୍ଧୁ କିମ୍ବା ଗୁରୁଜନଙ୍କ ଅନୁପସ୍ଥିତି ମନରେ ଗଭୀର ଆଘାତ ଆଣିଦେଇପାରେ। ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ। ରୋହିଣୀ ନକ୍ଷତ୍ର କ୍ରୀଡ଼ା, ସାମ୍ବାଦିକତା, ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବେ। ପୂର୍ବରୁ ଲାଗି ରହିଥିବା ଶାରୀରିକ ଅସୁସ୍ଥତାଜନିତ ପୀଡ଼ାରେ କଷ୍ଟ ପାଇପାରନ୍ତି।

**ମିଥୁନ** ଆନୁଷ୍ଠାନିକ କାମରେ ଜନ ସମର୍ଥନ ପାଇବା ସହ ପାରିବାରିକ ଜୀବନ ସୁଖପ୍ରଦ ରହିବ। ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମତ ବଦଳାଇ ପାରନ୍ତି। ଆରଦ୍ରା ନକ୍ଷତ୍ର ପାଇଁ ଶିଳ୍ପ, ବାଣିଜ୍ୟ ପ୍ରଭୃତିରେ ପ୍ରତିଦ୍ୱନ୍ଦ୍ୱିତା ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବ। ଘରେ ବନ୍ଧୁ ମିଳନ ଆମୋଦ ପ୍ରମୋଦର ସୁଅ ଛୁଟିବ।

**କର୍କଟ** ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷପୂର୍ଣ୍ଣ ସ୍ଥିତି ଲାଗି ରହିଲେ ମଧ୍ୟ ପଛକୁ ଫେରିବେ ନାହିଁ। ଅଶ୍ଳେଷା ନକ୍ଷତ୍ର ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ପାଇ ଖୁସି ହେବେ। ଶିଳ୍ପ, ସାମ୍ବାଦିକତା, ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ଲାଭ ଆଶାନୁରୂପ ପାଇପାରିବେ। ପ୍ରକୃତ ଘଟଣାକୁ ପଡ଼ୋଶୀ ଭଲରୂପେ ନ ବୁଝି ଅଯଥା ଦୋଷାରୋପ କରିପାରନ୍ତି।

**ସିଂହ** ବନ୍ଧୁଙ୍କ ପରାମର୍ଶରେ ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ସମାଲୋଚିତ ହେବେ। ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରି ବ୍ୟସ୍ତତା ବୃଦ୍ଧି ପାଇବ। ଆଜିର ଯାତ୍ରା, ରାଜନୀତି, ଅଦାଲତ, ସଙ୍ଗଠନ କ୍ଷେତ୍ରରେ ସୁଫଳ ପାଇବେ।

**କନ୍ୟା** ପାରିବାରିକ ଜୀବନରେ ସମସ୍ୟା ରହିଥିଲେ ମଧ୍ୟ କାମ ହାସଲ ସକାଶେ ଅସୁବିଧା ହେବନାହିଁ। ଚିତ୍ରା ନକ୍ଷତ୍ରର ଭ୍ରାତୃବର୍ଗରେ କିମ୍ବା ସହକର୍ମୀଙ୍କ ସହ ମନାନ୍ତର ଘଟିପାରେ। ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯିବାରେ ପଡ଼ୋଶୀ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଖର୍ଚ୍ଚ ବୃଦ୍ଧିପାଇବା କାରଣରୁ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

**ତୁଳା** ଭାବପ୍ରବଣତାର ବଶବର୍ତ୍ତୀ ହୋଇ ବିଭିନ୍ନ ଦୁର୍ଭାବନା ମନରେ ବସା ବାନ୍ଧିପାରେ। ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁଙ୍କ ଅନୁରୋଧ କ୍ରମେ ଭ୍ରମଣ, ଆଲୋଚନା ଏବଂ ସୁପରାମର୍ଶରୁ ମନ ହାଲୁକା ରହିପାରେ। ବିଶାଖା ନକ୍ଷତ୍ର ପ୍ରଶଂସନୀୟ କାମ କରି ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିପାରନ୍ତି।

**ବିଛା** ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ହେବାର ଆଶା ରହିଛି। । କର୍ମକ୍ଷେତ୍ରର ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ଆଜି ଅନୁରାଧା ନକ୍ଷତ୍ର ସକାଶେ କୌଣସି ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିର ସମ୍ଭାବନା ରହିଛି।

**ଧନୁ** କର୍ମକ୍ଷେତ୍ରରେ ସାଧାରଣ କଥାରେ ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରିବା ଠିକ୍ ହେବନାହିଁ। ବନ୍ଧୁଙ୍କ ପ୍ରେରଣାରେ କେତେକ ନୂତନ କାମର ପରିକଳ୍ପନା କରିପାରନ୍ତି। ପୂର୍ବାଷାଢା ନକ୍ଷତ୍ର ସକାଶେ ପାରିବାରିକ ସମସ୍ୟାକୁ ସୁଧାରି ନେବାରେ ବନ୍ଧୁମାନେ ସାହାଯ୍ୟ କରିବେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ମକର** ସାମାଜିକ ସ୍ତରରେ ଉଚ୍ଚ ବର୍ଗର ବ୍ୟକ୍ତିଙ୍କଠାରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବ୍ୟକ୍ତିଙ୍କ ଦୌରାତ୍ମ୍ୟ ଅସହ୍ୟ ହେବ। ଶ୍ରବଣା ନକ୍ଷତ୍ରର ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ନିଜ ଲୋକଙ୍କ ସହ ଝଗଡ଼ା ଲାଗିପାରେ ଏଣୁ ସତର୍କ ରହିବା ଭଲ।

**କୁମ୍ଭ** କର୍ମକ୍ଷେତ୍ରର ସମସ୍ୟା ଓ ପରିବାରର କୌଣସି ଘଟଣା ବିବ୍ରତ କରିପାରେ। ଶତଭିଷା ନକ୍ଷତ୍ରର ଜମିଜମା, କଳକାରଖାନା, ପରିବହନରେ ସମସ୍ୟା ଜଟିଳ ହେବ। ଚିନ୍ତା କରିଥିବା ଯୋଜନା ବିଗିଡ଼ି ଯିବା କାରଣରୁ ମନ ଭଲ ରହିବ ନାହିଁ। ପରୋକ୍ଷ ଶତ୍ରୁତା କାରଣରୁ ଯେତେ ଭଲ କାମ କଲେ ମଧ୍ୟ ନିଜ ପରିସରରେ ସମାଲୋଚିତ ହୋଇପାରନ୍ତି।

**ମୀନ** ଉତ୍ତରଭାଦ୍ର ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ରହିଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ। ଆଜି ବନ୍ଧୁଙ୍କ ଗହଣରେ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ସଭାସମିତିରେ, ଆନୁଷ୍ଠାନିକ କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପରିବାରରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହୋଇପାରେ।

ଆଜି ଅକ୍ଟୋବର ୮ ତାରିଖ, ଭାରତୀୟ ବାୟୁସେନା ଦିବସ, କାର୍ତ୍ତିକ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ବୁଧବାର। ରାଶିନକ୍ଷତ୍ର- ଅଶ୍ୱିନୀ/ମେଷ, ସକାଳ ଘ.୦୫.୪୨ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୩ମି. ଗତେ ଘ.୧୧.୩୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୪ମି. ଗତେ ଘ.୦୧.୦୧ମି. ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅତି ଉତ୍ଫୁଲ୍ଲ ହୁଅନା କରଡ଼ି
ବଢ଼ିଗଲେ ହେବୁ ବାଉଁଶ
ଚିରିଦେଲେ ହେବୁ କୁଲା ବାଉଁଶିଆ,
ପୋଡ଼ିଦେଲେ ହବୁ ପାଉଁଶ ।**

କଣିଟିଏ ବଢ଼ି ବଢ଼ି ବାଉଁଶ ହେଉଥିବାବେଳେ ସେହି ବାଉଁଶକୁ ଚିରି ଉକ୍ତ ବାଉଁଶ ପାତିଆରେ କୁଲା, ପାଛିଆ ଆଦି ପ୍ରସ୍ତୁତ କରାଯାଇଥାଏ। ପରିଶେଷରେ ସେହି ବାଉଁଶ ଦ୍ୱାରା ପ୍ରସ୍ତୁତ ଉପକରଣକୁ ପୋଡ଼ିଦେଲେ ଏହା ମୁଠାଏ ପାଉଁଶରେ ପରିଣତ ହେବାଭଳି ବଡ଼ ଲୋକର ଆତ୍ମବଡ଼ିମା କିଭଳି ଦିନେ ପତନୋନ୍ମୁଖୀ ହୁଏ ଏହା ତାହାର ଏକ ନିଛକ ଉଦାହରଣ ଭାବେ ଏଠାରେ ବର୍ଣ୍ଣନା କରାଯାଇଛି।

**ଅଲଣା ମୁହଁକୁ ନାହିଁ ଲାଜ
କୁଲାରେ ପକାଇ ବିରି ଭାଜ ।**

ଯେଉଁମାନଙ୍କ ମୁହଁରେ ଲାଜସରମ ବୋଲି କିଛି ନ ଥାଏ ସେମାନଙ୍କୁ କହି କିଛି ଲାଭ ମିଳି ନ ଥାଏ। ଅଲାଜୁକ ଭାବେ ସେମାନେ ଯାହା ନାହିଁ ତାହା କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବିଦ୍ୟୁତ୍ ନ ଥିବା ୧୧୬ ଅଙ୍ଗନୱାଡ଼ି କେନ୍ଦ୍ରକୁ ମିଳିଲା ଏଲ୍‌ଇଡି ଟିଭି

**ଭୋପାଳ, ୭।୧୦**

ମଧ୍ୟପ୍ରଦେଶର ଆଦିବାସୀବହୁଳ ଉମରିଆ ଜିଲାରେ ଏକ ଅଜବ ଘଟଣା ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ 'ସକ୍ଷମ ଅଙ୍ଗନୱାଡ଼ି ଆଧୁନିକୀକରଣ ଡ୍ରାଇଭ୍' ଅନ୍ତର୍ଗତ ଜିଲାର ୧୧୬ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯୋଗ୍ୟ ତାଲିକାଭୁକ୍ତ କରାଯାଇ ଅଧିକାରୀମାନେ ସେଠାରେ ଏଲ୍‌ଇଡି ଟିଭି ଏବଂ ୱାଟର ଫିଲ୍ଟର ସେଟ୍ ବାଣ୍ଟିଥିଲେ। ତେବେ ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ନେଇ ସେଠାରେ ଉପସ୍ଥିତ କର୍ମୀମାନେ କହିଥିଲେ। ବିଦ୍ୟୁତ୍ ସଂଯୋଗ ପାଇଁ କେବଳ ତାର ଟଣାଯାଇଛି ବୋଲି ସେମାନେ କହିଥିଲେ। ଘଟଣାକୁ ନେଇ ଉମରିଆ ଜିଲାରେ ଚର୍ଚ୍ଚା ଏବଂ କୌତୂହଳ ପ୍ରକାଶ ପାଇଛି।

ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ, ଉମରିଆ ଜିଲାରେ ୭୮୬ଟି ଅଙ୍ଗନୱାଡ଼ି କେନ୍ଦ୍ର ପରିଚାଳିତ ହେଉଥିବାବେଳେ ସେଥିରୁ କେବଳ ୩୨୨ଟିରେ ବିଦ୍ୟୁତ୍ ସଂଯୋଗ ହୋଇଛି। ଅନ୍ୟ ୪୬୪ଟି କେନ୍ଦ୍ରକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ସୋମବାର ବିଦ୍ୟୁତ୍ ସଂଯୋଗ ନ ଥିବା ଜିଲାର ୧୧୬ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ପୁଷ୍ଟିକର ଖାଦ୍ୟ ସହ ପିଲାମାନଙ୍କୁ ଅନ୍‌ଲାଇନରେ ପ୍ରାଥମିକ ଶିକ୍ଷା ପ୍ରଦାନ ପାଇଁ ଏଲ୍‌ଇଡି ଟିଭି ଏବଂ ବିଶୁଦ୍ଧ ପାଣି ନିମନ୍ତେ ୱାଟର ଫିଲ୍ଟର ସେଟ୍ ଯୋଗାଇ ଦିଆଯାଇଥିଲା। ତେବେ ଟିଭି ଏବଂ ଫିଲ୍ଟର ସେଟ୍ ଚଳାଇବା ପାଇଁ କେନ୍ଦ୍ରଗୁଡ଼ିକରେ ବିଦ୍ୟୁତ ସଂଯୋଗ କରିବାକୁ ଅଧିକାରୀମାନେ ଭୁଲିଯାଇଥିଲେ। ସ୍ଥାନୀୟ କର୍ମୀ ବନ୍ଦନା ସିଂ କହିଛନ୍ତି, ଅଙ୍ଗନୱାଡ଼ି କେନ୍ଦ୍ରକୁ ଏଲ୍‌ଇଡି ଟିଭି ଯୋଗାଇ ଦିଆଯାଇଛି, ହେଲେ କେନ୍ଦ୍ରକୁ ବିଦ୍ୟୁତ୍ ସଂଯୋଗ ନାହିଁ। ତେଣୁ ବିଜୁଳି ନ ଆସିବା ପର୍ଯ୍ୟନ୍ତ ଏଲ୍‌ଇଡି ସେଟ୍‌ଗୁଡ଼ିକ କେବଳ ସାଜସଜ୍ଜା ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି। ଘଟଣାକୁ ନେଇ ଜିଲା ମହିଳା ଓ ଶିଶୁ ବିକାଶ ଅଧିକାରୀ ଦିବ୍ୟା ଗୁପ୍ତା କହିଛନ୍ତି, ଯେଉଁ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ ସେ ସମ୍ପର୍କରେ ମଧ୍ୟପ୍ରଦେଶ ବିଦ୍ୟୁତ୍ ବୋର୍ଡ ସହ ଆଲୋଚନା ଚାଲିଛି। ଖୁବ୍‌ଶୀଘ୍ର ଉକ୍ତ କେନ୍ଦ୍ରଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ଦିବ୍ୟା କହିଛନ୍ତି।

# ୧୩ରେ ଦିଲ୍ଲୀରେ ହେବ ମହାନଦୀ ସଂସଦ



ଖବରଦାତା ସମ୍ମିଳନୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

**ଭୁବନେଶ୍ୱର,୭।୧୦(ବନ୍ଦନା ସେଠୀ)**

ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦିଲ୍ଲୀର ସମ୍ବିଧାନ କ୍ଲବରେ ଅକ୍ଟୋବର ୧୩ରେ ମହାନଦୀ ସଂସଦ ବସିବ। ଏନେଇ ଆନ୍ଦୋଳନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଓଡ଼ିଶା, ଛତିଶଗଡ଼ରୁ ପ୍ରତିନିଧିମାନଙ୍କ ସମେତ ଦେଶର ବିଭିନ୍ନ ନଦୀ ସୁରକ୍ଷା ନେଇ କାର୍ଯ୍ୟରତ ନେତୃତ୍ୱ, ମହାନଦୀ ଟ୍ରିବ୍ୟୁନାଲରେ ନିଯୁକ୍ତ ବ୍ୟକ୍ତିବିଶେଷ, ହାଇକୋର୍ଟ ଏବଂ ସୁପ୍ରିମକୋର୍ଟର ଓକିଲ, ନଦୀ ବିଶେଷଜ୍ଞମାନେ ଏଥିରେ ଯୋଗଦେବେ। ଭାଜପା, ବିଜେଡି, କଂଗ୍ରେସ ତଥା ଅନ୍ୟାନ୍ୟ ରାଜନୈତିକ ଦଳର ନେତାମାନଙ୍କୁ ମଧ୍ୟ ଏଥିରେ ଯୋଗଦେବାକୁ ନିବେଦନ କରାଯାଇଥିବା ସୂଚନା ଦିଆଯାଇଛି। ମହାନଦୀ ଜଳ ବିବାଦର ଆପୋଷ ସମାଧାନ ପାଇଁ ସମ୍ପ୍ରତି କେନ୍ଦ୍ର ଓ ଦୁଇ ରାଜ୍ୟ ସରକାର ମଧ୍ୟସ୍ଥତା ଭିତ୍ତିରେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେବେ କେବଳ ସରକାରୀ ବାବୁ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ଏହାକୁ ସୀମାବଦ୍ଧ କଲେ ସୁଫଳ ମିଳିବ ନାହିଁ। ମହାନଦୀର ଜଳ ଓ ଏହାର ବେସିନ ସହିତ ଜଡ଼ିତ ବିଭିନ୍ନ ବର୍ଗ ଓ ଗୋଷ୍ଠୀ, ସାମାଜିକ ସଂଗଠନ,ରାଜନୈତିକ ଦଳ ଏବଂ ବିଶେଷଜ୍ଞମାନଙ୍କ ଭିତରେ ମଧ୍ୟ ସହମତି ଆସିବା ଦରକାର। ସେଥିପାଇଁ ଉଭୟ ଓଡ଼ିଶା ଓ ଛତିଶଗଡ଼ ସରକାର ପଦକ୍ଷେପ ନେବା ଜରୁରୀ ବୋଲି କୁହାଯାଇଛି। ସମ୍ମିଳନୀରେ ଭାରତର ଜଳମାନବ ଡ. ରାଜେନ୍ଦ୍ର ସିଂ, ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ଯୁଗ୍ମଆବାହକ ବାସୁଦେବ ଭଟ୍ଟ, ଉପଦେଷ୍ଟା ଇଂ. ଲଳିତ ମୋହନ ପଟ୍ଟନାୟକ, ପ୍ରସନ୍ନ କୁମାର ବିଶୋଇ ପ୍ରମୁଖ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

## ୧୨୧ କୋଟିର ହିସାବ...

ପ୍ରଥମ ପୃଷ୍ଠାରୁ...

କୌଣସି ଠୋସ୍ ଉତ୍ତର ଦେଇପାରିନାହାନ୍ତି। ସୂଚନାଯୋଗ୍ୟ, ଶାଳପଡ଼ା ମୁଖ୍ୟ ବିତ୍ତ ଅଧିକାରୀ ୨୦୧୯ରୁ ୨୦୨୩ ଜାନୁଆରୀ ମଧ୍ୟରେ ୪ଥର ପତ୍ର ଲେଖିଥିଲେ ହେଁ ବିଭାଗୀୟ ଅଧିକାରୀମାନେ କାହିଁକି ଚୁପ୍ ବସିଥିଲେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨୦୨୪ ଜାନୁଆରୀ ୧୨ରେ ମୁଖ୍ୟ ବିତ୍ତ ଅଧିକାରୀ ତାଙ୍କ ପତ୍ରରେ ଦର୍ଶାଇଛନ୍ତି ଯେ, ଯଦି ଏହି ବିପୁଳ ପରିମାଣର ଆର୍ଥିକ ଅନିୟମିତତା ନେଇ ଠୋସ୍ ଉତ୍ତର ତ୍ୱରିତ୍ ନ ମିଳିବ ତେବେ ସମୀକ୍ଷକଙ୍କ ପକ୍ଷରୁ ତତ୍କାଳୀନ ଅଧିକାରୀଙ୍କୁ ଉତ୍ତରଦାୟୀ କରାଯିବ। ଏହାକୁ ନେଇ ଚଳିତମାସ ୪ ତାରିଖରେ ଜଳସମ୍ପଦ ବିଭାଗ ଅତିରିକ୍ତ ସଚିବ ସୁବ୍ରତ କୁମାର ନାୟକ ଶାଳପଡ଼ା ସ୍ୱତନ୍ତ୍ର ଭୂଅଧିଗ୍ରହଣ ଅଧିକାରୀଙ୍କୁ ପତ୍ର ଲେଖି ଏହି ଦୁର୍ନୀତି ସମ୍ପର୍କରେ ଚିହ୍ନିକି ରିପୋର୍ଟ ଦେବାକୁ ଦର୍ଶାଇଛନ୍ତି।

ଶାଳପଡ଼ା ମୁଖ୍ୟ ବିତ୍ତ ଅଧିକାରୀଙ୍କ ସୂଚନା ଅନୁଯାୟୀ, ୨୦୧୪-୧୫ରେ ୨୯.୦୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୨୦୧୫-୧୬ରେ ୨୬.୪୧ କୋଟି, ୨୦୧୬-୧୭ରେ ୩୦.୮୯ କୋଟି, ୨୦୧୭-୧୮ରେ ୫.୬୨ କୋଟି, ୨୦୧୮-୧୯ରେ ୯୦.୬୨ କୋଟି, ୨୦୧୯-୨୦ରେ ୧୨.୭୭ କୋଟି, ୨୦୨୦-୨୧ରେ ୧୨.୭୮ କୋଟି, ୨୦୨୧-୨୨ରେ ୯୯.୧୦ ଲକ୍ଷ, ୨୦୨୨-୨୩ରେ ୨.୩୭ କୋଟି ଏବଂ ୨୦୨୩-୨୪ରେ ୩.୬୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ପୂର୍ବ ସରକାରଙ୍କ ହୋଇଥିବା ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଏହି ଅନିୟମିତତାର ଠୋସ୍ ଉତ୍ତର କେବେ ମିଳିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


## ହଟିଲା କର୍ଫ୍ୟୁ...

ଘୋଷଣା ଅନୁଯାୟୀ ମଙ୍ଗଳବାର ସକାଳ ୧୦ଟା ପର୍ଯ୍ୟନ୍ତ କଟକ ସହରରେ କର୍ଫ୍ୟୁ କଟକଣା ଥିଲା। ଦରଘାବଜାର ସମେତ ୧୩ଟି ଥାନା ଅଞ୍ଚଳରେ ଏହା ଲଗାଯାଇଥିଲା। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସୁପାରିସ ଅନୁସାରେ ଗୃହ ବିଭାଗ ପକ୍ଷରୁ ଇଣ୍ଟରନେଟ୍ କଟକଣା ବୃଦ୍ଧି ପାଇଁ ସୂଚନା ଦିଆଯାଇଥିଲା। ସିଏମ୍‌ସି, ସିଡିଏ, ୪୨ ମୌଜାରେ କଟକଣା ଲଗାଯାଇଥିଲା। ୪୮ ଘଣ୍ଟା ପରେ ଏବେ କଟକରେ ଇଣ୍ଟରନେଟ୍ ସେବା ସ୍ୱାଭାବିକ ହୋଇଛି।

AYODHYA The Land Of RAMA



ଶ୍ରୀ ପୁରନ୍ଦର ଦାସ





ଶ୍ରୀ ତ୍ୟାଗରାଜ



ଶ୍ରୀ ଅରୁଣାଚଳ କବି

# ପ୍ରଭୁ ଶ୍ରୀରାମଙ୍କ ନଗରୀ ଅଯୋଧ୍ୟାରେ
# ଦକ୍ଷିଣ ଭାରତର ପ୍ରମୁଖ ସନ୍ଥମାନଙ୍କ





# ପ୍ରତିମାର ଅନାବରଣ

୮ ଅକ୍ଟୋବର, ୨୦୨୫ | ଅପରାହ୍ନ ୪.୦୦ ଘ. | ବୃହସ୍ପତି କୁଣ୍ଡ ସ୍ଥଳ, ଅଯୋଧ୍ୟା

ଦ୍ୱାରା

**ଯୋଗୀ ଆଦିତ୍ୟନାଥ**
ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ

**ନିର୍ମଳା ସୀତାରାମନ**
ମନ୍ତ୍ରୀ, ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର, ଭାରତ ସରକାର

## ଗରିମାମୟ ଉପସ୍ଥିତି

**ସୁରେଶ କୁମାର ଖନ୍ନା**
ମନ୍ତ୍ରୀ, ଅର୍ଥ ଏବଂ ସଂସଦୀୟ କାର୍ଯ୍ୟ, ଉତ୍ତରପ୍ରଦେଶ

**ସୂର୍ଯ୍ୟ ପ୍ରତାପ ଶାହୀ**
ମନ୍ତ୍ରୀ, କୃଷି, କୃଷି ଶିକ୍ଷା ଏବଂ କୃଷି ଗବେଷଣା, ଉତ୍ତରପ୍ରଦେଶ

**ଜୟବୀର ସିଂହ**
ମନ୍ତ୍ରୀ, ପର୍ଯ୍ୟଟନ ଏବଂ ସଂସ୍କୃତି, ଉତ୍ତରପ୍ରଦେଶ

**ରୋଲି ସିଂହ**
ଅଧ୍ୟକ୍ଷ, ଜିଲ୍ଲା ପଞ୍ଚାୟତ, ଅଯୋଧ୍ୟା

**ଗିରୀଶ ପତି ତ୍ରିପାଠୀ**
ମହାପୌର, ଅଯୋଧ୍ୟା

**ବେଦ ପ୍ରକାଶ ଗୁପ୍ତା**
ବିଧାୟକ, ଅଯୋଧ୍ୟା

**ରାମଚନ୍ଦ୍ର ଯାଦବ**
ବିଧାୟକ, ରୁଦୌଲି

**ଚନ୍ଦ୍ରଭାନୁ ପାସୱାନ**
ବିଧାୟକ, ମିଲ୍‌କିପୁର

**ଡା. ଅମିତ ସିଂହ ଚୌହାନ**
ବିଧାୟକ, ବିକାପୁର

**ଅଭୟ ସିଂହ**
ବିଧାୟକ, ଗୋସାଇଁଗଞ୍ଜ

**ହରିଓମ୍ ପାଣ୍ଡେୟ**
ସଦସ୍ୟ, ବିଧାନ ପରିଷଦ

## ସାଂସ୍କୃତିକ କାର୍ଯ୍ୟକ୍ରମ

• ଦକ୍ଷିଣ ଭାରତର ୩୯ ପ୍ରସିଦ୍ଧ ସଙ୍ଗୀତକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ • ଦକ୍ଷିଣ ଭାରତୀୟ ଭାଷାରେ କର୍ନାଟକ ସଙ୍ଗୀତ ପରିବେଷଣ
• ଜଟିଳ ରାଗ ଓ ତାଳର ମଣିକାଞ୍ଚନ ସଂଯୋଗର ଅଦ୍ଭୁତ ପ୍ରଦର୍ଶନ • ମୃଦଙ୍ଗମ୍, କଞ୍ଜିରା, ଘାଟମ ଏବଂ ମୋର୍ସିଙ୍ଗର ବିଲକ୍ଷଣ ବାଦ୍ୟ ସଂଯୋଜନ

ଅପରାହ୍ନ ୪.୩୦ ଘ. | ପିଏଫ୍‌ସି ଲନ୍, ଶ୍ରୀରାମ ଜନ୍ମଭୂମି ମନ୍ଦିର

**ସିଧା ପ୍ରସାରଣ** DD NEWS ଓ Youtube.com/DDNEWS Youtube.com/dduttarpradesh

ସୂଚନା ଏବଂ ଲୋକସମ୍ପର୍କ ବିଭାଗ, ଉତ୍ତରପ୍ରଦେଶ

UPGovtOfficial | CMOUttarpradesh | CMOfficeUP

ସେହି ଦିବ୍ୟଜନନୀ ଆମ ପୃଥିବୀର ଏଇ ଅନ୍ଧକାର ଭିତରକୁ ପ୍ରବେଶ କରିଛନ୍ତି। କାରଣ- ସେ ଏଇ ଅନ୍ଧକାର ଭିତରେ ଆଲୋକ ଜଳାଇବେ। ସେ ମଧ୍ୟ ଏହି ପାର୍ଥିବ ଜୀବନର ମିଥ୍ୟା ଓ ଭ୍ରମପ୍ରମାଦ ଭିତରେ ପ୍ରବେଶ କରିଛନ୍ତି। କାରଣ ସେ ତାକୁ ସତ୍ୟରେ ପରିଣତ କରିବେ। ସେ ମଧ୍ୟ ଏଇ ମୃତ୍ୟୁଲୋକରେ ପ୍ରବେଶ କରିଛନ୍ତି। କାରଣ ସେ ଏହାକୁ ଦିବ୍ୟଜୀବନରେ ରୂପାନ୍ତରିତ କରିପାରିବେ। -ଶ୍ରୀଅରବିନ୍ଦ



# ଖାଲି ବାହୁସ୍ଫୋଟ

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପକ୍ଷରୁ କରାଯାଇଥିବା 'ଅପରେଶନ ସିନ୍ଦୂର'କୁ ୫ ମାସ ପୂରିଛି। ତଥାପି ଭାରତୀୟ ନେତା ଓ ସେନା ଅଧିକାରୀ ଏ ସଂକ୍ରାନ୍ତରେ ଯେଉଁଠି ପାରୁଛନ୍ତି ସେଠି ମତ ଓ ମନ୍ତବ୍ୟ ଦେଉଛନ୍ତି। ଅକ୍ଟୋବର ୨ରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗୁଜରାଟର ଭୁଜରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଥିଲେ ଗୁଜରାଟର ରଣନୈତିକ କ୍ଷେତ୍ର ସାର୍ କ୍ରିକରେ ପାକିସ୍ତାନ ସାମରିକ ଭିତ୍ତିଭୂମି ବିସ୍ତାର କରିଚାଲିଛି। ଯଦି ପାକିସ୍ତାନ ସେନା ଏହି ଅଞ୍ଚଳରେ ଅତିକ୍ରମଣ ଉଦ୍ୟମ କରେ ତେବେ ଭାରତ ତାହାର ଏଭଳି ଜବାବ ଦେବ ଯେ, ଏହା ସେଠାକାର ଇତିହାସ ଓ ଭୌଗୋଳିକ ପରିବର୍ତ୍ତନ କରିଦେଇପାରେ। ରାଜନାଥଙ୍କ କହିବାର ଦିନକ ପରେ ୩ ଅକ୍ଟୋବରରେ ରାଜସ୍ଥାନର ଅନୁପଗଡ଼ସ୍ଥିତ ଆର୍ମି ପୋଷ୍ଟରେ ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଥିଲେ, ପାକିସ୍ତାନ ଯଦି ମାନଚିତ୍ରରେ ନିଜ ଭୌଗୋଳିକ ଅବସ୍ଥିତି ବଜାୟ ରଖିବାକୁ ଚାହେଁ, ତାହା ହେଲେ ରାଷ୍ଟ୍ର-ପ୍ରୟୋଜିତ ଆତଙ୍କବାଦକୁ ବନ୍ଦ କରୁ। ଅପରେଶନ ସିନ୍ଦୂର ବେଳେ ଭାରତ ଯେଉଁଭଳି ସଂଯମ ରକ୍ଷା କଲା, ପରବର୍ତ୍ତୀ ସମୟରେ କୌଣସି ସାମରିକ ଦ୍ୱନ୍ଦ୍ୱ ଦେଖାଦେଲେ ତାହାର ପୁନରାବୃତ୍ତି ହେବାକୁ ଦେବ ନାହିଁ। ଏହା କହିଲା ବେଳେ ଦ୍ୱିବେଦୀ ମଧ୍ୟ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବାକୁ ଯବାନଙ୍କୁ ପରାମର୍ଶ ଦେଇଥିଲେ। ଭାରତୀୟ ସେନାମୁଖ୍ୟଙ୍କ କହିବା ପରେ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଦୃଢ଼ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ ଧମକ ଦେଇ କହିଛନ୍ତି ଯେ ଭାରତ ତା'ର ଯୁଦ୍ଧବିମାନର ଭଗ୍ନାବଶେଷ ତଳେ ଚାପି ହୋଇଯିବ। ସେ ଆହୁରି କହିଛନ୍ତି, ଭାରତୀୟ ରାଜନେତା ଓ ସେନାଙ୍କ ବୟାନ ଦର୍ଶାଉଛି ଯେ ସେମାନେ ହରାଇଥିବା ବିଶ୍ୱସନୀୟତାକୁ ପୁନଃସ୍ଥାପନ କରିବାର ଏହା ଏକ ବିଫଳ ପ୍ରୟାସ ଏବଂ ମେ'ରେ ଅପରେଶନ ସିନ୍ଦୂର ପରେ ସେମାନେ ଚାପରେ ଅଛନ୍ତି। ୦-୬ରେ ଏଭଳି ନିର୍ଣ୍ଣାୟକ ପରାଜୟ ପରେ ଭାରତର ସ୍ୱୋର ପୂର୍ବାପେକ୍ଷା ଆହୁରି ଖରାପ ହେବ ବୋଲି ସେ କହିଛନ୍ତି। ଅସିଫଙ୍କ କଟାକ୍ଷରେ ୦-୬ ସ୍କୋର ସମ୍ପର୍କରେ କିଛି ସ୍ପଷ୍ଟ କହି ନ ଥିଲେ ମଧ୍ୟ ଅପରେଶନ ସିନ୍ଦୂର ସମୟରେ ପାକିସ୍ତାନ ଭାରତର ୬ଟି ଯୁଦ୍ଧ ବିମାନ ଖସାଇ ଦେଇଥିବା କଥାକୁ ଇଙ୍ଗିତ କରୁଛି। ଏଠାରେ ସୂଚନା ଦିଆଯାଇପାରେ ଯେ ଗତ ୨୨ ଏପ୍ରିଲରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୫ ଭାରତୀୟ ଓ ଜଣେ ନେପାଳୀ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ତା' ପରେ ୭ ମେ'ରେ ଭାରତ ଅପରେଶନ ସିନ୍ଦୂର କରିଥିଲା। ସ୍ମରଣ କରାଇ ଦିଆଯାଇପାରେ ଯେ ଅପରେଶନ ସିନ୍ଦୂର ଅଭିଯାନ ପରେ ମେ' ଶେଷ ଆଡ଼କୁ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ଗଣମାଧ୍ୟମଙ୍କୁ ସୂଚନା ଦେଇ ଭାରତର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଅନିଲ ଚୌହାନ ସିଙ୍ଗାପୁରରେ ଆୟୋଜିତ ଶାଙ୍ଗ୍ରି-ଲା ଡାଏଲଗ୍‌ରେ କହିଥିଲେ, ଭାରତ ଓ ପାକିସ୍ତାନ ମଧ୍ୟରେ ମେ ୭ରୁ ୧୦ ଯାଏ ହୋଇଥିବା ସଂଘର୍ଷରେ ଭାରତୀୟ ଯୁଦ୍ଧ ବିମାନ ଖସିଥିଲା। କେତେ ଲଢ଼ୁଆ ବିମାନ ଖସିଛି ସେହି ସଂଖ୍ୟା ଗୁରୁତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ କାହିଁକି ଖସିଥିଲା ତାହା ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ସେ କହିବା ବେଳେ ଭାରତର ୬ ଯୁଦ୍ଧବିମାନକୁ ଖସାଇଥିବା ନେଇ ପାକିସ୍ତାନ ଦାବିକୁ ଖଣ୍ଡନ କରିଥିଲେ।

> **ଅପରେଶନ ସିନ୍ଦୂର କରିବା ପୂର୍ବରୁ ଭାରତ ସେଭଳି ପ୍ରସ୍ତୁତ ହୋଇ ଯାଇଥିଲେ ତାହା ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥାଆନ୍ତା। ତାହା ନ କରି ଏବେ ପାକିସ୍ତାନ ବିରୋଧୀ ମନ୍ତବ୍ୟ ଦିଆଯାଉଥିବାରୁ ଭାରତର ଭାବମୂର୍ତ୍ତି ବିଶ୍ୱସ୍ତରରେ କ୍ଷୁଣ୍ଣ ହେଉଛି। ଏହାର ଉର୍ଦ୍ଧ୍ୱକୁ ଯାଇ ଚିନ୍ତା କଲେ ହୁଏତ ସମ୍ମାନ ପାଇପାରନ୍ତା।**

ପାକିସ୍ତାନ ପ୍ରତି ଏବେ ଭାରତୀୟ ସେନା ମୁଖ୍ୟ ଜେନେରାଲ ଦ୍ୱିବେଦୀ ଦେଇଥିବା ମନ୍ତବ୍ୟକୁ ଯଦି ଦେଖାଯାଏ ତାହା ଏକ ଲୁକ୍ ଚକ୍ ବା ହାଲୁକା କଥା ଭାବରେ କୁହାଯାଇପାରେ। ଯଦି ସେ କହୁଛନ୍ତି ପରବର୍ତ୍ତୀ ସମୟରେ ସାମରିକ କାର୍ଯ୍ୟାନୁଷ୍ଠାନ ହେଲେ ଭାରତ ସଂଯମ ରକ୍ଷା ନ କରି ମୁହଁତୋଡ଼ ଜବାବ ଦେବ, ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ ୭ ମେ'ରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ନ ହୋଇ ଭାରତ କାହିଁକି ଅପରେଶନ ସିନ୍ଦୂର କରିଥିଲା। ଏହା ଆରମ୍ଭ କଲା ଓ ୪ ଦିନ ପରେ ଶେଷ କରିଦେବାକୁ କିଏ କହିଥିଲା ବୋଲି ମଧ୍ୟ ସାଧାରଣରେ ପ୍ରଶ୍ନ ଉଠୁଛି। ଓଡ଼ିଆରେ ଢଗ ଅଛି-'ଅସରପା ଗୋଟେ ଚଢ଼େଇ'। ସେମିତି ପାକିସ୍ତାନ ଗୋଟେ କିଭଳି ଦେଶ ଯେ ତା' ପଛରେ ଭାରତ ପଡ଼ିବା ଆଦୌ ଶୋଭା ପାଉ ନାହିଁ। ଭାରତ ଯଦି ଇସ୍ରାଏଲ ଭଳି ପରାକ୍ରମ ଦେଖାଇପାରନ୍ତା, ତାହା ହେଲେ ତା'ର ସର୍ବୋଚ୍ଚ ସେନା କର୍ତ୍ତୃପକ୍ଷଙ୍କ କଥା ଗୁରୁତ୍ୱ ଲାଭ କରନ୍ତା। ଉଲ୍ଲେଖଯୋଗ୍ୟ, ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ହମାସ ଆତଙ୍କବାଦୀ ସଙ୍ଗଠନ ଆକ୍ରମଣ କରିଥିଲା। ସେବେଠୁ ଏବେ ଯାଏ ଦୀର୍ଘ ଦୁଇ ବର୍ଷ ହେବ ଇସ୍ରାଏଲ ସ୍ୱତନ୍ତ୍ର ରଣକୌଶଳ କରି ଗାଜା ଉପରେ ପ୍ରତିଆକ୍ରମଣ ଜାରି ରଖିଛି। ତେଣୁ ଅପରେଶନ ସିନ୍ଦୂର କରିବା ପୂର୍ବରୁ ଭାରତ ସେଭଳି ପ୍ରସ୍ତୁତ ହୋଇ ଯାଇଥିଲେ ତାହା ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥାଆନ୍ତା। ତାହା ନ କରି ଏବେ ପାକିସ୍ତାନ ବିରୋଧୀ ମନ୍ତବ୍ୟ ଦିଆଯାଉଥିବାରୁ ଭାରତର ଭାବମୂର୍ତ୍ତି ବିଶ୍ୱସ୍ତରରେ କ୍ଷୁଣ୍ଣ ହେଉଛି। ଏହାର ଉର୍ଦ୍ଧ୍ୱକୁ ଯାଇ ଚିନ୍ତା କଲେ ହୁଏତ ସମ୍ମାନ ପାଇପାରନ୍ତା।

# କାରଖାନା କୃଷି କେତେ ଉପଯୋଗୀ


ଡ. ଜୟକୃଷ୍ଣ ପାଣିଗ୍ରାହୀ

ଜନସଂଖ୍ୟାର ବିସ୍ଫୋରଣ ତଥା ଜୀବନଶୈଳୀରେ ପରିବର୍ତ୍ତନ ପରିପ୍ରେକ୍ଷୀରେ ସମ୍ପ୍ରତି ବିଶ୍ୱରେ ଖାଦ୍ୟ ଚାହିଦା ଏବଂ ଭିନ୍ନତାରେ ଯଥେଷ୍ଟ ବୃଦ୍ଧି ହୋଇଛି। ଏପରି ଚିତ୍ରପଟରେ 'କାରଖାନା କୃଷି' ବା 'ସଘନ ପ୍ରାଣୀ କୃଷି' (ଫ୍ୟାକ୍ଟ୍ରି ଫାର୍ମ) ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି, ଯାହା ଖାଦ୍ୟ ଉତ୍ପାଦ ସହ ଉତ୍ପାଦନକୁ ସର୍ବାଧିକ କରିବା ଲକ୍ଷ୍ୟରେ କାର୍ଯ୍ୟରତ ଏକ ବୃହତ୍ ଶିଳ୍ପଭିତ୍ତିକ କୃଷି ପ୍ରଣାଳୀକୁ ବୁଝାଏ। ବିଗତ କିଛି ଦଶନ୍ଧି ମଧ୍ୟରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଏହି ପଦ୍ଧତିରେ ପ୍ରାଣୀମାନଙ୍କୁ ସଂକୀର୍ଣ୍ଣ, ପ୍ରତିବନ୍ଧିତ ସ୍ଥାନରେ, ନିୟନ୍ତ୍ରିତ ପରିବେଶରେ ସୀମିତ କରି ରଖାଯାଏ, ଯେଉଁଠାରେ ବାୟୁଚଳନ କିମ୍ବା ପ୍ରାକୃତିକ ଆଲୋକର ଯଥେଷ୍ଟ ସୁବିଧା ଉପଲବ୍ଧ ନ ଥାଏ। ସେମାନେ ନିଷ୍ଠୁରତାର ଶିକାର ହେବା ସହ ସେମାନଙ୍କ ସୁସ୍ଥତା ପ୍ରତି ପ୍ରାୟତଃ ଧ୍ୟାନ ଦିଆଯାଇ ନ ଥାଏ। କାରଖାନା କୃଷି ସାଧାରଣତଃ ମାଂସ, କ୍ଷୀର ଏବଂ ଅଣ୍ଡାର ବହୁଳ ଉତ୍ପାଦନ ସହିତ ଜଡ଼ିତ, ଯଦିଓ ଏହା ମତ୍ସ୍ୟଚାଷ ଏବଂ ଫସଲ ପରି ଅନ୍ୟାନ୍ୟ କୃଷି ପଦ୍ଧତିକୁ ମଧ୍ୟ କ୍ରମେ ବିସ୍ତାରିତ ହୋଇଛି। ବିଂଶ ଶତାବ୍ଦୀର ପ୍ରାରମ୍ଭରୁ କାରଖାନା କୃଷିର ଅଭ୍ୟୁଦୟ ଘଟିଥିଲେ ସୁଦ୍ଧା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଯୁଗରେ ପ୍ରଯୁକ୍ତିବିଦ୍ୟା,ପରିବହନରେ ଅଗ୍ରଗତି ତଥା ରାସାୟନିକ ସାର ଓ କୀଟନାଶକର ବ୍ୟାପକ ବ୍ୟବହାର ସହିତ ଏହା ଲୋକପ୍ରିୟତା ହାସଲ କରିଥିଲା। ଏହାର ମୌଳିକ ଲକ୍ଷ୍ୟ ହେଉଛି, ବିଶେଷକରି ଦ୍ରୁତଗତିରେ ଜନସଂଖ୍ୟା ବଢ଼ୁଥିବା ସହରାଞ୍ଚଳରେ ଖାଦ୍ୟର ବର୍ଦ୍ଧିତ ଚାହିଦାକୁ ପୂରଣ କରିବା। ଶିଳ୍ପ ବ୍ୟବସ୍ଥାର 'ବହୁଳ ଉତ୍ପାଦନ କୌଶଳ'କୁ ଅବଲମ୍ବନ କରି, କାରଖାନା କୃଷି ଏକା ସମୟରେ ଅନେକ ହଜାର ପ୍ରାଣୀଙ୍କୁ ଏକତ୍ର ରଖି ଅପେକ୍ଷାକୃତ ସ୍ୱଳ୍ପ ସମୟରେ, କମ୍ ଖର୍ଚ୍ଚରେ ପ୍ରଚୁର ପରିମାଣରେ ଖାଦ୍ୟ ଉତ୍ପାଦନ କରିବାରେ ସକ୍ଷମ ହୁଏ। ଏପରି କେନ୍ଦ୍ରୀକରଣର ଅର୍ଥ ହେଉଛି କାରଖାନା ଫାର୍ମଗୁଡ଼ିକ ପ୍ରଜନନଠାରୁ ହତ୍ୟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଯୋଗାଣ ଶୃଙ୍ଖଳକୁ ନିୟନ୍ତ୍ରଣ ଏବଂ ସୁବ୍ୟବସ୍ଥିତ କରିପାରିବେ।

ଏପରି ସଘନ ପାଳନର ବିବାଦୀୟ ଦିଗ ହେଉଛି ଏଥିରେ ପଶୁମାନଙ୍କୁ ଅତ୍ୟଧିକ ଭିଡ଼, ସୀମିତ ଚଳପ୍ରଚଳ ସୁବିଧା ଏବଂ ଅପର୍ଯ୍ୟାପ୍ତ ଚିକିତ୍ସା ସେବାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଦୃଷ୍ଟାନ୍ତ ସ୍ୱରୂପ, ଘୁଷୁରିମାନଙ୍କୁ ପ୍ରାୟତଃ ଛୋଟ ଗର୍ଭଧାରଣ ଡାବଲରେ ସୀମିତ ରଖାଯାଏ, ଯେଉଁଠାରେ ସେମାନେ ଠିକ୍ ରୂପେ ବୁଲିପାରନ୍ତି ନାହିଁ। କୁକୁଡ଼ାମାନେ ବ୍ୟାଟେରି ପିଞ୍ଜରାରେ ଆବଦ୍ଧ ରୁହନ୍ତି, ଯେଉଁଠି ସେମାନଙ୍କ ଡେଣା ବିସ୍ତାର କରିବା ସମ୍ଭବପର ହୁଏନାହିଁ। ଏପରି ପରିସ୍ଥିତି ପ୍ରାଣୀଙ୍କ ପାଇଁ ମାନସିକ ଏବଂ ଶାରୀରିକ ଯନ୍ତ୍ରଣାର କାରଣ ହୁଏ, ଫଳରେ ସେମାନେ ବିଭିନ୍ନ ରୋଗ, ବିକୃତି ଏବଂ ଆଘାତ ସମେତ ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ ସାମ୍ନା କରିଥାନ୍ତି। ପ୍ରାଣୀମାନଙ୍କର ଶୀଘ୍ର



ବୃଦ୍ଧି ଲକ୍ଷ୍ୟରେ ବାଛି ବାଛି ପ୍ରଜନନ କରାଯାଏ, ଯାହାର ପରିଣାମରେ ମାଂସପେଶୀର କ୍ଷତି ଏବଂ ବ୍ରଏଲର କୁକୁଡ଼ାମାନଙ୍କ ହୃଦରୋଗ ଭଳି ସମସ୍ୟା ସୃଷ୍ଟି ହୁଏ। ଅଧିକନ୍ତୁ, ଏହି ଫାର୍ମଗୁଡ଼ିକ ପ୍ରାୟତଃ ଅମାନବୀୟ ହତ୍ୟା ପଦ୍ଧତି ଅବଲମ୍ବନ କରନ୍ତି, ଯେପରିକି ପ୍ରାଣୀମାନଙ୍କୁ ହତ୍ୟା କରିବା ପୂର୍ବରୁ ବିଦ୍ୟୁତ୍ ଆଘାତ କିମ୍ବା ଗ୍ୟାସ ପ୍ରୟୋଗ ଦ୍ୱାରା ଆତଙ୍କିତ କରିବା। ପ୍ରାଣୀ ଅଧିକାର ସଂଗଠନଗୁଡ଼ିକ କାରଖାନା କୃଷିନୀତିକୁ ସମାଲୋଚନାକାରୀ ଯୁକ୍ତି ବାଢ଼ନ୍ତି ଯେ ମଣିଷ ପରି ପଶୁଙ୍କର ମଧ୍ୟ ଦୁଃଖ ଏବଂ ଶୋଷଣରୁ ମୁକ୍ତ ହୋଇ ବଞ୍ଚିବାର ଅଧିକାର ରହିଛି।

ଏହି କୃଷି ପଦ୍ଧତିର କେତେକ ପରିବେଶଗତ ସମସ୍ୟା ରହିଛି। କାରଖାନା ଫାର୍ମଗୁଡ଼ିକର ମୌଳିକ ଆବଶ୍ୟକତା ହେଉଛି ପ୍ରଚୁର ପରିମାଣରେ ଜମି, ଜଳ ଏବଂ ଖାଦ୍ୟ। ଉଦାହରଣ ସ୍ୱରୂପ, ଗୋଟିଏ ଗାଈ ନିମନ୍ତେ ପ୍ରତିଦିନ ଶହ ଶହ ଲିଟର ପାଣି ଦରକାର ପଡ଼େ। ପଶୁମାନଙ୍କ ଖାଇବା ନିମନ୍ତେ ବିପୁଳ ପରିମାଣର ଖାଦ୍ୟଶସ୍ୟ ଦରକାର ପଡ଼େ। ଏହା ପ୍ରାକୃତିକ ସମ୍ପଦ ଉପରେ ଅତ୍ୟଧିକ ଚାପ ସୃଷ୍ଟି କରେ, ଯାହା ଜଙ୍ଗଲ ହ୍ରାସ, ଜଳ ସଙ୍କଟ ଓ ପ୍ରଦୂଷଣ ଏବଂ ମୃତ୍ତିକା ଅବକ୍ଷୟ ଭଳି ସମସ୍ୟାର କାରଣ ହୁଏ। ଏହା ସହ କାରଖାନା ଫାର୍ମଗୁଡ଼ିକ ମିଥେନ ଭଳି ସବୁଜଗୃହ ଗ୍ୟାସ ନିର୍ଗମନର ପ୍ରମୁଖ ଉତ୍ସ। ଏହା ପଶୁପାଳନ, ବିଶେଷକରି ଗାଈ ଏବଂ ମେଣ୍ଢାଙ୍କ ଠାରୁ ପ୍ରଚୁର ପରିମାଣରେ ନିର୍ଗତ ହୁଏ। ଯନ୍ତ୍ରପାତି ଚଳାଇବାଠାରୁ ଆରମ୍ଭ କରି ପଶୁ ପରିବହନ ପର୍ଯ୍ୟନ୍ତ, କାରଖାନା କୃଷି କାର୍ଯ୍ୟରେ ଜୀବାଶ୍ମ ଇନ୍ଧନର ବ୍ୟାପକ ବ୍ୟବହାର ହୁଏ, ଯେଉଁଥିରୁ ନିର୍ଗତ ଅଙ୍ଗାରକାମ୍ଳ ଓ ଅନ୍ୟ ସବୁଜଗୃହ ବାଷ୍ପ ଜଳବାୟୁ ପରିବର୍ତ୍ତନକୁ ଆହୁରି ତୀବ୍ର କରେ।

କାରଖାନା କୃଷି ଅନେକ ସାର୍ବଜନୀନ ସ୍ୱାସ୍ଥ୍ୟଗତ ବିପଦ ସହିତ ଜଡ଼ିତ। ଫାର୍ମଗୁଡ଼ିକର ସଂକୀର୍ଣ୍ଣ, ଅପରିଷ୍କାର ପରିସ୍ଥିତି ବିଭିନ୍ନ ରୋଗ ସୃଷ୍ଟି କରେ, ଯାହା ମଧ୍ୟରୁ କିଛି ରୋଗ ମଣିଷକୁ ବ୍ୟାପିବାର ସମ୍ଭାବନା ଥାଏ। ବାର୍ଡ଼ ଫ୍ଲୁ ଏବଂ ସ୍ୱାଇନ୍ ଫ୍ଲୁ ଭଳି ପ୍ରାଣୀଉତ୍ସ (ଜୁନୋଟିକ) ରୋଗର ପ୍ରାଦୁର୍ଭାବ ପ୍ରାୟତଃ କାରଖାନା ଫାର୍ମରୁ ଆରମ୍ଭ ହୋଇଛି। ପ୍ରାଣୀମାନଙ୍କର ଶାରୀରିକ ବୃଦ୍ଧି ଘଟାଇବା ଏବଂ ରୋଗ ସଂକ୍ରମଣ ରୋକିବା ନିମନ୍ତେ ଉଦ୍ଦିଷ୍ଟ ପଶୁଖାଦ୍ୟରେ ନିୟମିତ ଆଣ୍ଟିବାୟୋଟିକ୍‌ର ବ୍ୟବହାର, ଆଣ୍ଟିବାୟୋଟିକ୍-ପ୍ରତିରୋଧୀ ବୀଜାଣୁମାନଙ୍କର ଉଦ୍ଭବକୁ ପ୍ରଶ୍ରୟ ଦେଉଛି, ଯାହା ମାନବ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ବିପଦ ସୃଷ୍ଟିକରେ। ଏହା ସହିତ କାରଖାନା କୃଷି ପଦ୍ଧତି ଖାଦ୍ୟଜନିତ ରୋଗ ବୃଦ୍ଧି କରେ। ମାଂସର ବୃହତ୍ ପରିମାଣର ପ୍ରକ୍ରିୟାକରଣରେ ପ୍ରାୟତଃ ସଚେତତାର ସଂରକ୍ଷଣ ଏବଂ ପ୍ରଦୂଷଣ ପ୍ରତିରୋଧ ନିମନ୍ତେ କେତେକ ରାସାୟନିକ ପଦାର୍ଥ ଏବଂ ଏଡ଼ିଟିଭ୍ ବ୍ୟବହାର ହୋଇଥାଏ। ତଥାପି ଏହା ପଦକ୍ଷେପଗୁଡ଼ିକ ସର୍ବଦା ପ୍ରଭାବଶାଳୀ ହୋଇ ନ ପାରେ, ଯାହାର ପରିଣାମରେ ଇ. କୋଲାଇ ଏବଂ ସାଲମୋନେଲା ଭଳି ରୋଗର ପ୍ରାଦୁର୍ଭାବ ଘଟିଥାଏ।

ଏହି ପ୍ରାଣୀ କୃଷିର ନକାରାତ୍ମକ ପ୍ରଭାବ ପ୍ରସଙ୍ଗରେ ସଚେତନତା ବୃଦ୍ଧି ପାଇବା ସହିତ ବିକଳ୍ପ ପନ୍ଥା ନିମନ୍ତେ ଆହ୍ୱାନ ସୃଷ୍ଟି ହୋଇଛି। ଏଥିମଧ୍ୟରୁ ଗୋଟିଏ ହେଉଛି ଜୈବିକ କୃଷି, ମୁକ୍ତ-ପରିସର ପ୍ରାଣୀପାଳନ ଏବଂ ପ୍ରୟୋଗଶାଳାରେ ଉତ୍ପାଦିତ (କଲ୍ଚର୍ଡ) ମାଂସ, ଯାହା ପଶୁହତ୍ୟାକୁ ସମ୍ପୂର୍ଣ୍ଣ ଭାବରେ ଦୂରୀଭୂତ କରିବାର ଲକ୍ଷ୍ୟ ରଖେ। ଏହି ବିକଳ୍ପଗୁଡ଼ିକ ପ୍ରାଣୀକଲ୍ୟାଣ ପ୍ରାଣୀ କଲ୍ୟାଣ, ପରିବେଶୀୟ ସ୍ଥିରତା ଏବଂ ଖାଦ୍ୟ ସୁରକ୍ଷାକୁ ପ୍ରାଥମିକତା ଦିଏ। ଯଦିଓ ଏଗୁଡ଼ିକ ଉତ୍ପାଦନ ଦୃଷ୍ଟିରୁ ଅଧିକ ମହଙ୍ଗା, ଅନେକ ଯୁକ୍ତି ବାଢ଼ନ୍ତି ଯେ ଦୀର୍ଘକାଳୀନ ହିତସାଧନ ହେଉଛି ବ୍ୟୟ ତୁଳନାରେ ଅଧିକ ଲାଭଜନକ। ଏହା ସହିତ ଉଦ୍ଭିଦ-ଆଧାରିତ ଖାଦ୍ୟ ଏବଂ ଉଦ୍ଭିଦ-ପ୍ରସୂତ ବିକଳ୍ପର ବୃଦ୍ଧି ପ୍ରାଣୀ ଉତ୍ପାଦର ଚାହିଦାକୁ କ୍ରମେ ହ୍ରାସ କରୁଛି, ଯାହା କାରଖାନା କୃଷିର ପ୍ରଭାବକୁ ନିଗ୍ରାମୀ କରିବା ନିମନ୍ତେ ଏକ ଉତ୍ତମ ଉପାୟ ପ୍ରଦାନ କରେ। ଅଧିକ ମାନବୀୟ ଏବଂ ସ୍ଥାୟୀ କୃଷି ପଦ୍ଧତିର ପ୍ରୋତ୍ସାହନ ଦିଗରେ ଆନ୍ଦୋଳନମାନ କ୍ରମେ ଗତିଶୀଳ ହେଉଛି। ଅନ୍ୟପକ୍ଷରେ କେତେକ ଉପଭୋକ୍ତା, କର୍ମୀ ଏବଂ ନୀତି ନିର୍ଦ୍ଧାରକ ବର୍ତ୍ତମାନର ଖାଦ୍ୟ ବ୍ୟବସ୍ଥାରେ ପରିବର୍ତ୍ତନ ଘଟାଇବା ନିମନ୍ତେ ଆହ୍ୱାନ ଦେଉଛନ୍ତି।

କାରଖାନା କୃଷି ପ୍ରଣାଳୀ ଖାଦ୍ୟ ଉତ୍ପାଦନରେ ବିପ୍ଳବ ଆଣିଛି ସତ, କିନ୍ତୁ ଏହା ଘଟିଛି ଗୁରୁତ୍ୱପୂର୍ଣ୍ଣ ନୈତିକ, ପରିବେଶଗତ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ମୂଲ୍ୟରେ। ସମାଜ ଏପରି ଆହ୍ୱାନସବୁର ସମ୍ମୁଖୀନ ହେଉଥିବା ପରିପ୍ରେକ୍ଷୀରେ, ଖାଦ୍ୟ ଉତ୍ପାଦନର ଭବିଷ୍ୟତକୁ ସୁଦୃଢ଼ କରିବା ନିମନ୍ତେ ଦକ୍ଷତା ସହିତ ସହାନୁଭୂତି ଏବଂ କରୁଣାକୁ ସନ୍ତୁଳିତ କରୁଥିବା ସମାଧାନର ପନ୍ଥା ନିରୂପଣ ତାତ୍ପର୍ଯ୍ୟପୂର୍ଣ୍ଣ ହେବ। ଏହି ଶିଳ୍ପରେ ସଂସ୍କାର ମାଧ୍ୟମରେ ହେଉ, ଉଦ୍ଭିଦ-ଆଧାରିତ ଖାଦ୍ୟ ବ୍ୟବହାରରେ ବୃଦ୍ଧି ଦ୍ୱାରା ହେଉ ଅଥବା ଅଭିନବ ବିକଳ୍ପ ବିକାଶ ମାଧ୍ୟମରେ ହେଉ, କାରଖାନା କୃଷି ସହିତ ଜଡ଼ିତ ସମସ୍ୟାଗୁଡ଼ିକର ସମାଧାନ ଆଗାମୀ ବର୍ଷଗୁଡ଼ିକରେ ମଣିଷ ଏବଂ ପ୍ରାଣୀ ଉଭୟଙ୍କ କଲ୍ୟାଣ ସାଧନ ନିମନ୍ତେ ଅତ୍ୟାବଶ୍ୟକ।

କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର
ମୋ: ୯୪୩୭୦୭୬୧୦୦

# ଦେଶପ୍ରେମର ପରିଭାଷା


ସୁଧାଂଶୁ ରଞ୍ଜନ ଦାସ

ଦେଶପ୍ରେମ ବିନା କୌଣସି ଦେଶ କିମ୍ବା ରାଜ୍ୟ ପ୍ରଗତି କରିପାରେ ନାହିଁ। ସାରା ବିଶ୍ୱ ଗୋଟିଏ ସଂସ୍କୃତି, ଗୋଟିଏ ବିଚାରଧାରା ଓ ଗୋଟିଏ ପରିବାର ବୋଲି ଶୁଣିବାକୁ ଭଲ ଲାଗିଲେ ବି ତାହା ପ୍ରକୃତରେ ପ୍ରତିଫଳିତ ହୁଏ ନାହିଁ। ଫଳରେ ବିଶ୍ୱର ବିବିଧତା ନଷ୍ଟ ହୋଇ ଏକଚ୍ଛତ୍ରବାଦ, ବେରୋଜଗାର ଓ ବିଶୃଙ୍ଖଳା ସୃଷ୍ଟି ହୋଇଥାଏ। ବିକଶିତ ଦେଶଗୁଡ଼ିକର ଉନ୍ନତ ଟେକ୍ନୋଲୋଜି ଓ କୌଶଳ ସହଜରେ ନିଜ ଦେଶର ସୀମା ଟପେ ନାହିଁ। ବିକାଶଶୀଳ ଦେଶଗୁଡ଼ିକୁ ଏହି ନୂତନ ଟେକ୍ନୋଲୋଜି ଓ କୌଶଳ ପାଇବାପାଇଁ ଅତ୍ୟଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡ଼େ। ତଥାପି ଏହି ସବୁଦେଶ ନୂତନ ଟେକ୍ନୋଲୋଜି ପାଇପାରନ୍ତି ନାହିଁ। ବିଶ୍ୱ ସଂସ୍କୃତି ଓ ଅର୍ଥନୀତି ଗୋଟିଏ କହି କେତୋଟି ଶକ୍ତିଶାଳୀ ଦେଶର ଧୂର୍ତ୍ତ ନେତାମାନେ ନିଜର ରାଜନୈତିକ ଓ ବ୍ୟବସାୟିକ ସାମ୍ରାଜ୍ୟ ବଢ଼ାଇଥାନ୍ତି କିମ୍ବା ଅନ୍ୟଦେଶକୁ ଜବର ଦଖଲ କରିଥାନ୍ତି। ପ୍ରକୃତ ଦେଶପ୍ରେମର ପରାକାଷ୍ଠା ଦେଖାଇ ଜାପାନ, ଜର୍ମାନ ଆଦି ଦେଶଗୁଡ଼ିକ ନିଜକୁ ସମୃଦ୍ଧ କରି ଶକ୍ତିଶାଳୀ ଦେଶଗୁଡ଼ିକ କବଳରୁ ମୁକ୍ତି ପାଇଛନ୍ତି। ତେଣୁ ସାମାଜିକ, ଆର୍ଥିକ, ବୌଦ୍ଧିକ, ରାଜନୈତିକ, ସାଂସ୍କୃତିକ ଓ ଧାର୍ମିକ କ୍ଷେତ୍ରର ନେତୃତ୍ୱ ନେଉଥିବା ଭାରତୀୟମାନେ ସଭା ସମିତି ଓ ଭାଷଣବାଜିରେ ସମୟ ନଷ୍ଟ ନ କରି ପ୍ରକୃତ ଦେଶପ୍ରେମର ପରାକାଷ୍ଠା ଦେଖାଇବା ଦରକାର।

ପ୍ରକୃତ ଦେଶପ୍ରେମୀ ନେତା ସାଧାରଣ ଲୋକଙ୍କର ମୌଳିକ ସମସ୍ୟାକୁ ଲାଘବ କରିବାର ପାରଦର୍ଶିତା ଦେଖାଇଥାନ୍ତି। ଲୋକଙ୍କୁ ସୁସ୍ଥ, ଶିକ୍ଷିତ, ଦକ୍ଷ, ନିଷ୍ଠାପର ଓ ସଚୋଟ ନାଗରିକରେ ପରିଣତ କରି ରାଷ୍ଟ୍ର ନିର୍ମାଣ ତଥା ଗଣତନ୍ତ୍ରର ସୁରକ୍ଷା ପାଇଁ ଉପଯୋଗୀ କରିଥାନ୍ତି। ପ୍ରକୃତ ନିଷ୍ଠାପର ଓ ଦେଶପ୍ରେମୀ ନେତାମାନେ ଦେଶସେବା କଲାବେଳେ ନିଜ ଖାଇବା, ବେଶଭୂଷା ଓ ସ୍ୱାସ୍ଥ୍ୟ ପ୍ରତି ସମୟ ଦେଇ ପାରନ୍ତି ନାହିଁ। ମହାରାଣା ପ୍ରତାପ, ଛତ୍ରପତି ଶିବାଜୀ, ଗୁରୁ ଗୋବିନ୍ଦ ସିଂହ, ମହାତ୍ମା ଗାନ୍ଧୀ, ଲାଲବାହାଦୁର ଶାସ୍ତ୍ରୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଶ୍ରୀଅରବିନ୍ଦ ଓ ବିନୋବା ଭାବେ, ଡ. ବି ଆର୍ ଆମ୍ବେଦକର, ସର୍ଦ୍ଦାର ପଟେଲ ଆଦି ନେତାମାନେ ଦେଶପ୍ରେମର ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଯାଇଛନ୍ତି।

ଦେଶପ୍ରେମ ନିଜ ଗାଁ, ସହର ଓ ରାଜ୍ୟରୁ ଆରମ୍ଭ ହୋଇଥାଏ। ଆଜି ଓଡ଼ିଶା ଆର୍ଥିକ, ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ସମସ୍ୟା ଭିତରେ ଗତିକରୁଛି। ପଡ଼ୋଶୀ ରାଜ୍ୟର ଅନେକ ମୁଷ୍ଟିମେୟ ଲୋକ ଓଡ଼ିଶାର ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଜମି ଜବର ଦଖଲ କରୁଛନ୍ତି। ଏହା ସହ ସେଠାକାର ଗ୍ରାମବାସୀଙ୍କୁ ଭୟ ଓ ପ୍ରଲୋଭନ ଦେଖାଇ ଅନେକ ଶହ ଏକର ଜମି ଅକ୍ତିଆର କରିନେଲେଣି। କହିବାକୁ ଗଲେ ଜମିର ସୁରକ୍ଷା ଗ୍ରାମବାସୀଙ୍କର ଆର୍ଥିକ



ଅବସ୍ଥାକୁ ସୁଦୃଢ଼ କରିଥାଏ। ହେଲେ ଆଜି ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଅନେକ ଓଡ଼ିଆ ଆଦିବାସୀ ନିଜର ଜମି ହରାଇ ମୂଳ ଲାଗୁଛନ୍ତି କିମ୍ବା ବାହାର ରାଜ୍ୟକୁ କାମ ପାଇଁ ଚାଲିଯାଉଛନ୍ତି। ୨୦୨୩ରେ ଓଡ଼ିଶାରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଓଡ଼ିଆ ବାହାର ରାଜ୍ୟକୁ କାମ କରିବା ପାଇଁ ଯାଇଥିଲେ। ଆଜି ଓଡ଼ିଆ ଭାଷା ଓ ସଂସ୍କୃତି ଏହି ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଲୋପ ପାଇବାକୁ ବସିଲାଣି। ଏହା ବ୍ୟତୀତ ଓଡ଼ିଆ ଭାଷାର ବିକୃତୀକରଣ ଭୁବନେଶ୍ୱର ଓ କଟକର ଯୁବପିଢ଼ିଙ୍କ ମୁଖରୁ ଶୁଣିବାକୁ ମିଳୁଛି। ସତେ ଯେପରି ସେମାନେ ଓଡ଼ିଆ ଭାଷାକୁ ବିକୃତ କରି କହିବାରେ ଆନନ୍ଦ ପାଉଛନ୍ତି। ଓଡ଼ିଆ ଭାଷାର ବିକୃତୀକରଣ କେତେକ ଟିଭି ଚ୍ୟାନେଲରେ ମଧ୍ୟ ଶୁଭାଯାଉଛି। ପ୍ରକୃତ ଦେଶପ୍ରେମୀ ନେତା ଓ ବୁଦ୍ଧିଜୀବୀ ନିଜ ରାଜ୍ୟର ଜମି, ଭାଷା ଓ ସଂସ୍କୃତିକୁ ରକ୍ଷାକରି ଦେଶପ୍ରେମର ପରାକାଷ୍ଠା ଦେଖାଇବା ଦରକାର। ଯେଉଁ ରାଜ୍ୟର ନେତୃବୃନ୍ଦ ନିଜ ରାଜ୍ୟର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ପରିବେଶକୁ ସୁରକ୍ଷା ଦେଇପାରୁ ନାହାନ୍ତି ସେମାନେ ଦେଶର କୌଣସି କାମରେ ଆସିବେ ନାହିଁ।

ସହରଗୁଡ଼ିକ ସ୍ୱଚ୍ଛ, ସୁନ୍ଦର ରହିବା ଏହାର ପରିବେଶ ଉପରେ ନିର୍ଭର କରେ। ସହରଗୁଡ଼ିକର ପରିପାର୍ଶ୍ୱର ଗାଁ, ଚାଷଜମି, ଜଙ୍ଗଲ, ପାହାଡ଼ ଓ ସବୁଜିମା ଏହାକୁ ଜୀବନ୍ତ ରଖିଥାଏ। ଅପରାଧ ନିରାକରଣ, ଉତ୍ତମ ଟ୍ରାଫିକ ବ୍ୟବସ୍ଥା, ଡ୍ରେନେଜ ସିଷ୍ଟମ, ଫୁଟପାଥ, ସାର୍ବଜନିକ ଖେଳ ପଡ଼ିଆ, ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଓ କାନୁନ ବ୍ୟବସ୍ଥା ସହରଗୁଡ଼ିକର ବିକାଶ କରିଥାଏ। ସହର ଓ ଗାଁ ଭିତରେ ଥିବା ସମ୍ପର୍କ କେଉଁ କାଳରୁ ଗଢ଼ିଆସୁଛି। ସହରଗୁଡ଼ିକର ବିକାଶ ଗାଁଗୁଡ଼ିକର ଆର୍ଥିକ ଓ ସାମାଜିକ ବିକାଶ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାଏ। ଏହା ଦେଶପ୍ରେମୀ ନେତୃବୃନ୍ଦ ହୃଦୟଙ୍ଗମ କରିବା ଦରକାର। ତେଣୁ ବିକାଶ ନାଁରେ ସହରଗୁଡ଼ିକରେ ଅନାବଶ୍ୟକ ଭିତ୍ତିଭୂମି ବିକାଶ ପ୍ରକଳ୍ପ ଓ ଅତ୍ୟାଧିକ କଂକ୍ରିଟ ଜଙ୍ଗଲ ସୃଷ୍ଟି କରି ସହରଗୁଡ଼ିକୁ ନଷ୍ଟ କରିବା ଉଚିତ ନୁହେଁ। ହାଇଦ୍ରାବାଦରେ ମେଟ୍ରୋ ରେଳ ପରିଚାଳନା କରୁଥିବା ଏଲ୍ ଆଣ୍ଡ ଟି କମ୍ପାନୀ ଆଜି ବହୁ କୋଟି ଟଙ୍କା କ୍ଷତି କରି ମେଟ୍ରୋ ରେଳ ଚଳାଇବା ଦାୟିତ୍ୱରୁ ଓହରି ଯାଉଛନ୍ତି। ଭୁବନେଶ୍ୱର ଭଳି ଛୋଟ ସହରରେ ମେଟ୍ରୋ ରେଳ କିଭଳି ଲାଭପ୍ରଦ ହେବ ଏହା ଆଲୋଚନାର ବିଷୟ ହୋଇଛି। ତେଣୁ ବଡ଼ ବଡ଼ ପ୍ରକଳ୍ପଗୁଡ଼ିକରେ ଅତ୍ୟଧିକ ଅର୍ଥ ବ୍ୟୟ ନ କରି ପ୍ରକୃତ ରାଜ୍ୟ ଉପଯୋଗୀ ବିକାଶ କରିବା ଉଚିତ। ଗାଁଗୁଡ଼ିକରେ ଥିବା ଜଳ ସମ୍ପଦ, ଫସଲ ବିବିଧତା, ହସ୍ତଶିଳ୍ପ କୌଶଳ, ବଜାର ସୁବିଧା, ସାମାଜିକ ଓ ସାଂସ୍କୃତିକ ପରିବେଶ ଏବଂ ସୁସ୍ଥ ଆର୍ଥିକ ଗତିବିଧି ଇତ୍ୟାଦି କ୍ରିୟାଶୀଳ ରହିବା ଦରକାର। କମ୍ ଖର୍ଚ୍ଚରେ ଉତ୍ତମ ସ୍କୁଲ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ଲୋକଙ୍କୁ ଗାଁରେ ରହିବାକୁ ଉତ୍ସାହିତ କରିବ। ବ୍ୟାଙ୍କ ଋଣର ଉପଯୁକ୍ତ ବିନିଯୋଗ, ଆଇନ ବ୍ୟବସ୍ଥା ଓ ସରକାରୀ କର୍ମଚାରୀଙ୍କର ସକ୍ରିୟତା ଓ ସେବା ମନୋଭାବ ଗାଁଗୁଡ଼ିକରେ ଆର୍ଥିକ ଗତିବିଧି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଓଡ଼ିଶାର ସୁରକ୍ଷା ଓ ଆତ୍ମନିର୍ଭରତା ପାଇଁ ଓଡ଼ିଆ ଜାତି ଏକଜୁଟ ହେବା ଦରକାର ଓ ତାହା ହିଁ ହେବ ପ୍ରକୃତ ଦେଶପ୍ରେମ।

ମୋ: ୭୦୦୨୩୮୩୮୮୦

## ଏଇ ଭାରତରେ

କର୍ପୋରେଟ ଚାକିରି ଛାଡ଼ି ଜିଆଖତ ବ୍ୟବସାୟକରି ବର୍ଷକୁ ୨.୫ କୋଟି ଟଙ୍କାର କାରବାର କରୁଛନ୍ତି ରାଜ ସିଂ। ସେ ଇଞ୍ଜିନିୟରିଂ ସହ ଏମ୍‌ବିଏ ଶେଷ କରି ୧୦ ବର୍ଷରୁ ଅଧିକ ସମୟ କର୍ପୋରେଟ ସେକ୍ଟରରେ ଚାକିରି କରିଥିଲେ। ୨୦୧୭ରେ ତାହାକୁ ଛାଡ଼ି ସେ ଗାଜିଆବାଦରେ ୭ ଏକର ଜମି ଲିଜରେ ନେଇ ଡେଏରି ଫାର୍ମ ଆରମ୍ଭ କରିଥିଲେ। ପ୍ରଥମେ ୪୦ଟି ଗାଈ ରଖିଥିଲେ। ଧୀରେ ଧୀରେ ଗାଈ ସଂଖ୍ୟା ୨୫୦ରେ ପହଞ୍ଚିଥିଲା ଓ ଭଲ ବ୍ୟବସାୟ ମଧ୍ୟ ହେଉଥିଲା। କିନ୍ତୁ କୋଭିଡ୍-୧୯ ମହାମାରୀରେ ସେ ପାଖାପାଖି ୬୦ ଲକ୍ଷ ଟଙ୍କା କ୍ଷତି ସହିବା ପରେ ଗାଈଗୁଡ଼ିକୁ ବିକ୍ରି କରି ଡେଏରି ଫାର୍ମ ବନ୍ଦ କରିଦେଇଥିଲେ। ତଥାପି ଜଣେ ପଶୁପାଳନ ଚାଷୀ ହେବା ପାଇଁ ସେ ଉଦ୍ୟମ ଜାରି ରଖିଲେ। ଏହି କ୍ରମରେ ଫାର୍ମରେ ଗଦା ହୋଇଥିବା ଗୋବର ଓ ଅନ୍ୟାନ୍ୟ ବର୍ଜ୍ୟକୁ ନେଇ ଜିଆଖତ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ। ସେ 'ଗ୍ରୋଜ୍ ଟ୍ରି ଅର୍ଗାନିକ ପ୍ରାଇଭେଟ ଲିମିଟେଡ' ଗଠନ କରି ଉଦ୍ୟମୀଙ୍କର ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି। ବର୍ତ୍ତମାନ ସେ ଫାର୍ମରେ ୫୦୦ ଜିଆଖତ ବେଡ୍‌ରେ ମାସକୁ ୫୦୦ ଟନ୍ ଖତ ପ୍ରସ୍ତୁତ କରୁଛନ୍ତି। ୧ କେ.ଜି. ଖତକୁ ସେ ୩ରୁ ୪ଟଙ୍କାରେ ବିକ୍ରି କରୁଛନ୍ତି। ଏହି ଖତ ବିଶେଷକରି ଜମ୍ମୁକଶ୍ମୀର, ହିମାଚଳ ପ୍ରଦେଶ, ବେଙ୍ଗାଲୁରୁ, ପୁଣେ ଆଦି ସ୍ଥାନରେ ଅଧିକ ବିକ୍ରି ହେଉଛି। ସିଂ କହନ୍ତି, ଅନ୍ୟମାନେ ଯାହାକୁ ବର୍ଜ୍ୟ ମନେକରନ୍ତି ମୋ ଦୃଷ୍ଟିରେ ତାହା ଧନ ବା ମୂଲ୍ୟମାନ୍ ଜିନିଷ।

## ଚିରନ୍ତନୀ

ଆଦିକାଳୁଁ ଯା'ର ଚଳେ ଆଲୋଚନା
ଅବିରାମ ସେହି ରୂପର ସାଧନା
ରଚେ ଅହରହ ନବ ନବ ଭାଷା
କେତେ ଯୁଗ ଯୁଗ ଧରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | 1 | 9 | | | | 6 |
| | 3 | | | 6 | | | | 1 |
| | | | | | | | 4 | |
| | | | | 4 | | | | |
| | 8 | 6 | | | | | | 5 |
| 7 | 2 | | 5 | | | 3 | | |
| | 9 | | | 3 | 1 | | | |
| | | | | | 2 | | 9 | |
| | 5 | | 8 | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 2 | 4 | 1 | 8 | 3 | 7 | 9 |
| 8 | 9 | 7 | 5 | 6 | 3 | 2 | 1 | 4 |
| 4 | 3 | 1 | 9 | 7 | 2 | 8 | 6 | 5 |
| 1 | 6 | 8 | 2 | 9 | 5 | 4 | 3 | 7 |
| 9 | 4 | 3 | 7 | 8 | 1 | 5 | 2 | 6 |
| 7 | 2 | 5 | 3 | 4 | 6 | 1 | 9 | 8 |
| 2 | 7 | 4 | 8 | 3 | 9 | 6 | 5 | 1 |
| 3 | 8 | 6 | 1 | 5 | 7 | 9 | 4 | 2 |
| 5 | 1 | 9 | 6 | 2 | 4 | 7 | 8 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷାରେ ସମାନ ସୁଯୋଗ ମିଳୁ

ମହାଶୟ,

ଜଣେ ୮୦ ପ୍ରତିଶତ ମାର୍କ ରଖିଥିବା ସାଧାରଣ ବର୍ଗର ଛାତ୍ର ଓ ୩୦ ପ୍ରତିଶତ ମାର୍କ ରଖିଥିବା ସଂରକ୍ଷିତ ବର୍ଗର ଛାତ୍ରଙ୍କ ମଧ୍ୟରେ ପ୍ରକୃତ ପାର୍ଥକ୍ୟକୁ ବୁଝିବା ପାଇଁ ସାମାଜିକ ଓ ଶିକ୍ଷାଗତ ଦିଗକୁ ଧ୍ୟାନ ଦେବା ଆବଶ୍ୟକ। ପ୍ରାୟତଃ ଅଧିକ ପ୍ରତିଶତ ମାର୍କ ପାଉଥିବା ଜେନେରାଲ ଛାତ୍ରମାନେ ଅଧିକାଂଶ ସମୟରେ ପ୍ରାଇଭେଟ ସ୍କୁଲରେ ପଢ଼ିଥାନ୍ତି। ପ୍ରାଇଭେଟ ସ୍କୁଲରେ ସୁବିଧା, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହାୟତା, ଟ୍ୟୁସନ, ଆଧୁନିକ ଶିକ୍ଷା ପ୍ରଣାଳୀ ଓ ମାତାପିତାଙ୍କ ଆର୍ଥିକ ସହଯୋଗ ରହିଥାଏ। ଫଳରେ ସେମାନେ ଅଧିକ ନମ୍ବର ପାଇପାରନ୍ତି। ଏପଟେ ୩୦% ମାର୍କ ପାଇଥିବା ସଂରକ୍ଷିତ ବର୍ଗର ଛାତ୍ରମାନେ ଆର୍ଥିକ ସମସ୍ୟା ହେତୁ ସରକାରୀ ସ୍କୁଲକୁ ପଢ଼ିଥାନ୍ତି। ସରକାରୀ ସ୍କୁଲରେ ଶିକ୍ଷକ ଓ ପାଠ୍ୟସାମଗ୍ରୀ ଅଭାବ ଦେଖାଯାଏ। ଏହି ସବୁ ବାଧା ସତ୍ତ୍ୱେ ଏମାନେ ନିଜ ପରିଶ୍ରମ ଓ ସଂଘର୍ଷ ବଳରେ ପାସ୍ କରିଥାନ୍ତି। ଏଠାରେ ପ୍ରଶ୍ନ ମାର୍କ ନୁହେଁ, ବାସ୍ତବରେ ପ୍ରଶ୍ନ ହେଉଛି ସୁଯୋଗ ଓ ପରିସ୍ଥିତିର। ସମାଜରେ ସଂରକ୍ଷିତ ବର୍ଗର ପିଲାମାନଙ୍କୁ କମ୍ ମାନିବା ଭୁଲ୍। ବରଂ ସେମାନଙ୍କ ସଂଘର୍ଷକୁ ସମ୍ମାନ କରି, ଶିକ୍ଷାରେ ସମାନ ସୁଯୋଗ ଦେବା ଦରକାର। ୮୦% ମାର୍କରେ ଲୁଚିଥିବା ସୁବିଧା ଓ ୩୦% ମାର୍କରେ ଲୁଚିଥିବା ପରିଶ୍ରମ ଏହି ଦୁଇଟିକୁ ତୁଳନା କଲେ ଆସଲି ପାର୍ଥକ୍ୟଟି ସ୍ପଷ୍ଟ ହୋଇଥାଏ।

-ଭୋଜରାଜ ବେହେରା, ବେନକେରା, ଖପ୍ରାଖୋଲ, ବଲାଙ୍ଗୀର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ଉତ୍ସଳଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମୁଖ୍ୟମନ୍ତ୍ରୀ ବସ୍‌ରେ ଯୁବକଙ୍କ ଉନ୍ମତ୍ତକାଣ୍ଡ

■ କଟୁରି ଆକ୍ରମଣରେ ୮ ଆହତ
■ ପୋଲିସ୍‌କୁ ବି ଛାଡ଼ିଲେନି

କଣାସ,୭।୧୦
(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ବ୍ଲକ୍ କୋଟକଣା ଛକରେ ଏକ ଅଭାବନୀୟ ଘଟଣା ଘଟିଛି। ମୁଖ୍ୟମନ୍ତ୍ରୀ ବସ୍‌ରେ ମଙ୍ଗଳବାର ଜଣେ ଯୁବକ ପଶି କଟୁରିରେ ଯାତ୍ରୀଙ୍କୁ ହାଣିଥିଲେ। ଉକ୍ତ ଯୁବକ ଜଣଙ୍କ ହେଲେ ସତ୍ୟବାଦୀ ଥାନା ଶୁକଳ ବ୍ରାହ୍ମଣପଡ଼ାର ତୋଫାନ ଭୋଇ(୪୦)।

ସବୁଦିନ ପରି ମଙ୍ଗଳବାର କଣାସଠାରୁ ମୁଖ୍ୟମନ୍ତ୍ରୀ ବସ୍ ସକାଳେ ଗଡ଼ଖାରଦା ଯାଇ ଫେରୁଥିବାବେଳେ ଖଣ୍ଡାହତାଠାରୁ ତୋଫାନ ବସ୍‌ରେ ଚଢ଼ିଥିଲେ। ବସ୍‌ରେ ଥିବା ଅନ୍ୟଜଣେ ଯାତ୍ରୀ ତୋଫାନଙ୍କ ଦେହରେ ବାଜିଯିବାରୁ ସେ ଯାତ୍ରୀ ଜଣଙ୍କୁ ଗାଳିଗୁଲଜ କରିବା ସହ କଟୁରିରେ ଆକ୍ରମଣ କରିଥିଲେ। ଅନ୍ୟ ଯାତ୍ରୀମାନେ ଏହା ଦେଖି ଭୟଭୀତ ହେବାସହ ପ୍ରତିବାଦ କରିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ତୋଫାନଙ୍କ କଟୁରି ଚୋଟରେ ୬ଜଣ ଯାତ୍ରୀ ଆହତ ହୋଇଥିଲେ। ଖବରପାଇ ଘଟଣାସ୍ଥଳରେ କଣାସ ଥାନା ଏଏସ୍‌ଆଇ ସନ୍ତୋଷ କୁମାର ଉଦୟସିଂହ ଏବଂ ଏସ୍‌ଆଇ ଦେବୀପ୍ରସାଦ ଲେଙ୍କା ପହଞ୍ଚି ତୋଫାନଙ୍କୁ ଧରିବାପାଇଁ ଚେଷ୍ଟା କରିଥିଲା ବେଳେ ସେ ମଧ୍ୟ ସେମାନଙ୍କୁ ଆକ୍ରମଣ କରିବାକୁ ପଛାଇ ନ ଥିଲା। ପରେ ସ୍ଥାନୀୟ ଲୋକେ ତୋଫାନଙ୍କୁ ମାର୍‌ପିଟ କରିବାରୁ ସେ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ୪ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ୨ ଜଣଙ୍କୁ ଭୁବନେଶ୍ୱର ଓ ଅନ୍ୟ ୨ ଜଣଙ୍କୁ ପୁରୀ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ କଣାସ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶଥାଉକି, ବସ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍ ମାଧ୍ୟମରେ ତଥ୍ୟ ହସ୍ତାନ୍ତର ହୋଇଛି।

# ୩ ଦିନ ପରେ ଉଦ୍ଧାର

## ଶିଶୁକନ୍ୟା ବିକ୍ରି ଘଟଣା

ବାସୁଦେବପୁର,୭।୧୦
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଖରିଦାବିନାୟକପୁର ପଞ୍ଚାୟତ ବଡ଼ମଲିକସାହିର ଏକ ୩ ଦିନର ଶିଶୁକନ୍ୟାଙ୍କୁ ବିକ୍ରି ନେଇ ଅଭିଯୋଗ ହୋଇଥିଲା। ଘଟଣାର ୩ଦିନ ପରେ ସୋମବାର ରାତିରେ ବାସୁଦେବପୁର ପୋଲିସ ସହାୟତାରେ ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯାଇଛି। ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଶିଶୁକନ୍ୟାଙ୍କୁ ଉଦ୍ଧାର କରିବା ସହ ବୁଧବାର ଭଦ୍ରକ ଶିଶୁ ସୁରକ୍ଷା ବିଭାଗଠାରେ ପହଞ୍ଚାଯିବ ବୋଲି କହିଛନ୍ତି। ଶିଶୁକନ୍ୟା ତାଙ୍କ ମା' ବାପାଙ୍କ ସହ ସୁରକ୍ଷିତ ଭାବେ ବଡ଼ମଲିକସାହିରେ ସୁସ୍ଥ ଅବସ୍ଥାରେ ଥିବା ଆଇଆଇସି କହିବା ସହ ଏ ବାବଦରେ ସେ ତହସିଲଦାର, ବିଡିଓ ଏବଂ ଏସ୍‌ପିଙ୍କୁ ଅବଗତ କରିଛନ୍ତି। ଶିଶୁକନ୍ୟାଙ୍କୁ ବିକ୍ରି ନେଇ ତାଙ୍କ ବାପା ଅସ୍ୱୀକାର କରିଥିବା ବେଳେ ଘଟଣାର ଅଧିକ ତଦନ୍ତ ଚାଲିଥିବା ଆଇଆଇସି କହିଛନ୍ତି। ସୂଚନାଯୋଗ୍ୟ, ଶିଶୁକନ୍ୟାଙ୍କୁ ତାଙ୍କ ବାପା ତିହିଡ଼ି ବ୍ଲକ ପୀରହାଟ ଅଞ୍ଚଳର ଜଣେ ସମ୍ପର୍କୀୟଙ୍କୁ ବେଆଇନ ଭାବେ ହସ୍ତାନ୍ତର କରିଥିଲେ। ଶିଶୁ ବିକ୍ରି ନେଇ କୌଣସି ସୂତ୍ରରୁ ଜଣାପଡ଼ିବା ପରେ ଗତ ଶନିବାର ଜିଲା ଶିଶୁ ସୁରକ୍ଷା ବିଭାଗ ଓ ଚାଇଲ୍ଡ ଡେସ୍କ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଶିଶୁକନ୍ୟାଙ୍କୁ ଠାବ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଯୋଗାଯୋଗ କରି ସୋମବାର ରାତିରେ ଉଦ୍ଧାର କରିଛି।

# ନିଆଁ ଲାଗି ଜଳିଗଲା ବାଇକ୍

ଢେଙ୍କାନାଳ,୭।୧୦
(ରତନ ନାୟାର)


ଜଳିଯାଉଥିବା ବାଇକ୍।

ଢେଙ୍କାନାଳ ସହର ଚନ୍ଦନ ବଜାରଠାରେ ମଙ୍ଗଳବାର ପୂର୍ବାହ୍ନରେ ଏକ ବାଇକ୍ ନିଆଁ ଲାଗି ଜଳିଯାଇଛି। ଖବରପାଇ ଅଗ୍ନିଶମ ସେବା ସଂସ୍ଥା ଦଳ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ବାଇକ୍‌ରେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ଏହି ଘଟଣାରେ କୌଣସି ଜୀବନହାନୀ ହୋଇନାହିଁ। ଘଟଣାର କାରଣ ଜାଣିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଥିବା ଜିଲା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳ ସୂଚନା ଦେଇଛନ୍ତି। ବାଇକ୍‌ଟି ଜଳିଯାଉଥିବା ଦେଖି ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ଚଳାଚଳ ଓ ଲୋକମାନଙ୍କ ଚଳପ୍ରଚଳ ବାଧାପ୍ରାପ୍ତ ହୋଇଥିଲା। ବାଇକ୍ ଜଳିବା ସ୍ଥାନରୁ ଅଳ୍ପ ଦୂରରେ ପୂଜା ମଣ୍ଡପ ରହିଥିବା ବେଳେ ଦୋକାନ ବଜାର ମଧ୍ୟ ରହିଥିଲା। ଲୋକମାନେ ବହୁ ସଂଖ୍ୟାରେ ଚଳପ୍ରଚଳ କରୁଥିଲେ। ତେଣୁ ବଡ଼ ଧରଣର ଅଘଟଣା ଘଟିବାର ସମ୍ଭାବନା ରହିଥିଲା। କିଛିଦୂରରେ ଏକ ପେଟ୍ରୋଲ ପମ୍ପ ମଧ୍ୟ ରହିଥିଲା। ତେଣୁ ବାଇକ୍‌ରେ କିପରି ନିଆଁ ଲାଗିଲା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୧୧ ଯାଏ ଲାଗିରହିବ ବର୍ଷା

ଭୁବନେଶ୍ୱର, ୭।୧୦
(ବନ୍ଦନା ସେଠୀ)

ଉତ୍ତର-ପୂର୍ବ ଝାଡ଼ଖଣ୍ଡ ଏବଂ ଏହାର ପାଖାପାଖି ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ସେହିପରି ଉତ୍ତର ଉପକୂଳ ଓଡ଼ିଶାରୁ ପୂର୍ବ ତେଲଙ୍ଗାନା ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଓଡ଼ିଶା, ଦକ୍ଷିଣ ଛତିଶଗଡ଼ ଦେଇ ସମୁଦ୍ର ପଉନଠାରୁ ୧.୫କି.ମି. ଉଚ୍ଚରେ ଏକ ଟ୍ରପ୍ ଲାଇନ୍ ଗତି କରୁଛି। ଏହା ପ୍ରଭାବରେ ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗିରହିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଟ୍ରପ୍ ଲାଇନ୍ ପ୍ରଭାବରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ଜିଲା ଏବଂ ଉପକୂଳବର୍ତ୍ତୀ ଅଞ୍ଚଳର ଜିଲାଗୁଡ଼ିକରେ ବର୍ଷା ସହିତ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହିତ ଝଟ୍‌କା ପବନ ବହିବାର ସମ୍ଭାବନା ରହିଛି। ବୁଧବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାରେ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଗୁରୁବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଜିଲାରେ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଉତ୍କର୍ଷର ପ୍ରଦର୍ଶନ

## ଆଜି ଭାରତୀୟ ବାୟୁସେନା ଦିବସ




ପ୍ରତିବର୍ଷ ଅକ୍ଟୋବର ୮ରେ ପାଳିତ ହୋଇଆସୁଛି ଭାରତୀୟ ବାୟୁସେନା (ଆଇଏଏଫ୍) ଦିବସ। ଏହା ଭାରତୀୟ ବାୟୁସେନା(ତତ୍‌କାଳୀନ ରୟାଲ ଇଣ୍ଡିଆନ ବାୟୁସେନା)ର ପ୍ରତିଷ୍ଠା(୧୯୩୨ମସିହା ଅକ୍ଟୋବର ୮)କୁ ସ୍ମରଣ କରାଇଥାଏ। ଏହି ପ୍ରତିଷ୍ଠା ଦିବସ ଭାରତୀୟ ବାୟୁସେନାର ଉତ୍ସର୍ଗୀକୃତ ସେବା, ସାହସ ଏବଂ ବୈଷୟିକ ଦକ୍ଷତାର ଏକ ଉତ୍ସବ। ତେବେ ଉକ୍ତ ଦିବସର ମୁଖ୍ୟ ଉଦ୍ଦେଶ୍ୟ କେବଳ ଶକ୍ତି ପ୍ରଦର୍ଶନ ନୁହେଁ ବରଂ ଏହି ମର୍ଯ୍ୟାଦାଜନକ ସେବାରେ ଯୋଗଦେବା ପାଇଁ ଯୁବପିଢ଼ିଙ୍କୁ ପ୍ରେରଣା ମଧ୍ୟ ଦେଇଥାଏ। ଏୟାର ଶୋ' ମାଧ୍ୟମରେ, ଯୁବପିଢ଼ି ବାୟୁସେନାର ଚ୍ୟାଲେଞ୍ଜିଂ, ସାହସିକ ଏବଂ ସମ୍ମାନଜନକ ଭୂମିକା ବିଷୟରେ ଶିଖନ୍ତି ଏବଂ ସେମାନଙ୍କ ମଧ୍ୟରେ ଦେଶ ସେବା କରିବାର ଉତ୍ସାହ ଜାଗ୍ରତ କରନ୍ତି। ଆଜି, ଭାରତୀୟ ବାୟୁସେନା କେବଳ ସୀମା ପ୍ରତିରକ୍ଷା ନୁହେଁ, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଜରୁରୀକାଳୀନ ପରିସ୍ଥିତିରେ ସହାୟତା କରିବାରେ ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ବାୟୁସେନା ମୁଖ୍ୟ ଏୟାର ଚିଫ ମାର୍ଶାଲ ଏପି ସିଂହ କହିଛନ୍ତି, ଚଳିତ ବର୍ଷ ଉକ୍ତ ଦିବସ ପାଳନରେ 'ଅପରେସନ ସିନ୍ଦୂର' ଏକ ପ୍ରମୁଖ ବିଷୟବସ୍ତୁ ହେପାରିବ।

# ରାଇରଙ୍ଗପୁରରେ ଖୋଲିବ ଇଗ୍ନୁ ଆଞ୍ଚଳିକ କେନ୍ଦ୍ର

ଭୁବନେଶ୍ୱର,୭।୧୦(ସୁଚିସ୍ମିତା ସାହୁ)

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୁ) ଭାରତର କୋଣ ଅନୁକୋଣରେ ଥିବା ବିଦ୍ୟାର୍ଥୀଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରୁଛି। ଯେଉଁ ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି, ସେମାନଙ୍କୁ ଇଗ୍ନୁ ପଢ଼ିବା ପାଇଁ ସୁଯୋଗ ଦେଇଥାଏ। ସେହିପରି ଚାକିରି କରୁଥିବା ବ୍ୟକ୍ତି, ଗୃହିଣୀ ଏବଂ ଉଚ୍ଚାକାଂକ୍ଷୀ ବିଦ୍ୟାର୍ଥୀମାନେ ଇଗ୍ନୁ ମାଧ୍ୟମରେ ଉଚ୍ଚଶିକ୍ଷା ଲାଭ କରିପାରୁଛନ୍ତି। ଓଡ଼ିଶାରେ ପିଲାମାନେ ଯେପରି ଏହିସବୁ ସୁବିଧା ପାଇପାରିବେ, ସେଥିପାଇଁ ଭୁବନେଶ୍ୱର ସମେତ କୋରାପୁଟ ଏବଂ ଅନୁଗୋଳରେ ଇଗ୍ନୁର ଆଞ୍ଚଳିକ କେନ୍ଦ୍ର ଖୋଲାଯାଇଥିଲା। ଓଡ଼ିଶାରେ ଉଚ୍ଚଶିକ୍ଷାର ଦ୍ରୁତ ପ୍ରସାରକୁ ଦୃଷ୍ଟିରେ ରଖି ଇଗ୍ନୁ କର୍ତ୍ତୃପକ୍ଷ ମୟୂରଭଞ୍ଜ ଜିଲାର ରାଇରଙ୍ଗପୁରଠାରେ ଏକ ଆଞ୍ଚଳିକ କେନ୍ଦ୍ର ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁରଜିଲାରେଇଗ୍ନୁରଉଚ୍ଚଶିକ୍ଷାସମ୍ପର୍କିତବିଭିନ୍ନଗତିବିଧି ରାଇରଙ୍ଗପୁର ଆଞ୍ଚଳିକ କେନ୍ଦ୍ର ଦ୍ୱାରା ପରିଚାଳିତ ହେବ ବୋଲି ଇଗ୍ନୁର ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଏମ୍‌ଇସିଏଚ୍‌ସିକେପି-୨୫-୨୬-୧୫, ତାରିଖ: ୦୩।୧୦।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଫଳାଫଳ ଭିତ୍ତିରେ ତିନିବର୍ଷ ଅବଧି ପାଇଁ ରାଉରକେଲା ରେଳ ଷ୍ଟେଶନର ଯାନ୍ତ୍ରିକ ସଫେଇ ଏବଂ ରକ୍ଷଣାବେକ୍ଷଣ । **ଟେଣ୍ଡର ମୂଲ୍ୟ:** ₹୬,୪୬,୪୧,୭୪୦.୨୪ । **ବିଡ୍ ଅମାନତ:** ₹୪,୭୩,୨୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ₹୧୦,୦୦୦/-। **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ମଣ୍ଡଳ ମେକାନିକାଲ ଯନ୍ତ୍ରୀ/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୨୯।୧୦।୨୦୨୫ରିଖ ୧୫.୦୦ ଘଟିକା। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-693)

# ବଳାତ୍କାର ଅଭିଯୋଗ, ଜଣେ ଅଟକ

ଛେଣ୍ଡିପଦା,୭।୧୦(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ପୋଲିସ ବଳାତ୍କାର ଅଭିଯୋଗରେ ଜଣଙ୍କୁ ଅଟକ ରଖିଛି। ପୋଲିସ ସୂତ୍ରରୁ ପ୍ରକାଶ, ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ମହିଳା ଘରେ ଏକୁଟିଆ ଥିବାବେଳେ ସେହି ଅଞ୍ଚଳର ଅଭିଯୁକ୍ତ ଯୁବକ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ମହିଳା ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ .୫୦୫/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ପ୍ରକାଶ କରିଛନ୍ତି।

झारखण्ड सरकार
**पथ निर्माण विभाग, पथ प्रमण्डल, हजारीबाग**

**अल्पकालीन ई-प्रोक्योरमेंट सूचना**

ई–निविदा प्रसंग सं० :– RCD/HAZARIBAG/869/2025-26
दिनांक :– 06.10.2025

| | | |
|---|---|---|
| 1. | कार्य का नाम | पथ प्रमण्डल, हजारीबाग गैरयोजना मद अंतर्गत हजारीबाग–बड़कागाँव–टण्डवा–खेलारी–बीजुपाड़ा पथ SH-07 के कि0मी0 9+065, 28+238 & 32+045 पर अवस्थित उच्चस्तरीय सेतु के फाउण्डेषन, गार्डवॉल एवं एप्रोच पथ में Restoration कार्य (वित्तीय वर्ष 2025–26)" |
| 2. | प्राक्कलित राशि (रूपये में) | रू० 1,40,00,000.00 (एक करोड़ चालीस लाख रूपये मात्र) |
| 3. | कार्य समाप्ति की अवधि | 03 (तीन) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 14.10.2025 10:30 AM |
| 5. | निविदा प्राप्ति की अंतिम तिथि एवं समय | 21.10.2025 12:00 Noon |
| 6. | निविदा खोलने की तिथि एवं समय | 24.10.2025 12:30 PM |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, हजारीबाग। |
| 8. | प्रोक्योरमेंट पदाधिकारी का सम्पर्क नं० | 8709320541 |
| 9. | ई–प्रोक्योरमेट सेल का हेल्प लाईन नं० | 0651–2446007 |

अतिरिक्त जानकारी के लिए वेबसाईट पर देखें :– http://jharkhandtenders.gov.in
E-mail ID : eercdhazari-jhr@nic.in
Tel. No. –06546-225818
PR 363429 Road (25-26)_D

कार्यपालक अभियंता,
पथ निर्माण विभाग, पथ प्रमण्डल, हजारीबाग

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**କର୍ମଚାରୀ ଆବଶ୍ୟକ**
କଟକ ଓ ଭୁବନେଶ୍ୱରରେ (Well & Pile) ବ୍ରିଜ୍ କାର୍ଯ୍ୟ ପାଇଁ Experience/Fresher Engineer, Supervisor, RMC Quality Er., Accountant, RMC/Site Incharge ଏବଂ ଭୁବନେଶ୍ୱର ପଟିଆ ଅଫିସରେ କାର୍ଯ୍ୟ ପାଇଁ Data Entry Operator, Marketing, Office Manager & Other Staff ଆବଶ୍ୟକ ।
**Ph: 9937499625**

See Career Appointment on every **Wednesday & Saturday**

**WANTED**

| | No. of Posts |
|---|---|
| **Engineer (Instrument)** ( B Tech with minimum 07 years Experience / Diploma (Instrument) minimum 10 years Exp. | 04 Nos. |
| **Instrument Technician** (ITI/ Diploma with 10 years experience) | 15 Nos. |
| **AO / MIS / VSAP** (B-Tech (Instrument) with 07 years in similar field) | 01 Nos. |

Interested candidates send your resume immediately.
**Location : SSL (VAL, LANJIGARH), Mobile : 9937718861**
Email: soumyakant.mishra@sslegacy.co.in
Salary is not constraint for suitable candidates

**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, GANJAM, BERHAMPUR**
Phone : 0680-2404096, E-Mail : eerwgmt@yahoo.co.in
No.O-868 Government of Odisha e-Procurement Notice
**Bid Identification No. Online Tender/08/SERWD-II/2025-26**
**Memo No.7156/RWD-IIGB, Date : 23.09.2025**

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.30.25 lakhs |
| 3 | Period of Completion | : | 2 (Two) Months as per Annexure |
| 4 | Date & Time of availability of Bid documents in the Portal | : | 09.10.2025 at 10.00 A.M. to 18.10.2025 up to 5.00 P.M. |
| 5 | Last Date/Time for receipt of Bids in the Portal | : | 18.10.2025 up to 5.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

**Sd./- Executive Engineer**
**R.W. Division-II, Ganjam**
**Berhampur**
**OIPR-25073/11/0030/2526**

No.B-562
Government of Odisha
**OFFICE OF THE CHIEF CONSTRUCTION ENGINEER**
**CUTTACK (R&B) CIRCLE, CUTTACK**
E-mail ID - sectcrb_2006@yahoo.co.in, Tel/Fax - 0671-2301751/2302751
**('e'-PROCUREMENT NOTICE)**
**Bid Identification No.CCE.Ctc.(R&B) 7/2025-26**

1. The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Building & Road works as mentioned below.
2. No. of work : 09 Nos.
3. Nature of work : Building & Road works
4. Class of contractor : **'B' & 'A' Class**
5. Tender paper cost : Rs. 10000/- **(online)**
6. Available of bid document in the website : **From 09.10.2025 to 17:30 hours of 24.10.2025**
7. Date of opening of bid : **Dt. 27.10.2025 at 11.00 hours**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Chief Construction Engineer**
**Cuttack (R&B) Circle**
**OIPR-34012/11/0047/2526**

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR**
E-mail : eeroads.khr@rediffmail.com
No. 5171 Date : 22.09.2025
No.B-560
**Invitation For Bids**
**Bid Identification No. SER&BKHR-14/2025-26**

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate Composite (Civil+EI+PH) bids in Double Cover system in **ONLINE MODE** only. | |
| 2 | Nature of work | Development of Water Sports at Haripur in Lower Indra dam/Renewal coat to Gotma Airstrip |
| 3 | No. of work | 02 Nos. works |
| 4 | Tender Paper cost | As specified in the notice for the respective Work, to be remitted online only |
| 5 | Class of Contractor | As specified in the notice for the respective Work |
| 6 | Availability of Bid documents in the website | 10.00 hours of 09.10.2025 to 17.00 hours of 23.10.2025 |
| 7 | Date of opening of Technical Bid | Dt.24.10.2025 at 11:00 hours |
| 8 | EMD/Bid Security | As specified in the notice to be remitted online only |
| 9 | The Bidders shall have to participate in **ONLINE** bidding only. Further details can be seen from the website : https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

**Sd./- Superintending Engineer,**
**Khariar (R&B) Division, Khariar**
**OIPR-34062/11/0044/2526**

**ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ, ଭାରତ**
**ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର**
nbt.india एकः सूते सकलम्
www.nbtindia.gov.in, ଫୋନ୍ : +୯୧ ୭୮୨୭୫୦୯୬୨୨

**ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନକାରୀ ବିଜ୍ଞପ୍ତି**

ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ, ଭାରତ (ଏନ୍‌ବିଟି-ଭାରତ) ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକ ନୋଡାଲ୍ ନିକାୟ; ଭାରତରେ ପୁସ୍ତକ ଏବଂ ପଠନର ପ୍ରଚାରପ୍ରସାର କରିବା ଏହାର ଦାୟିତ୍ୱ ଅଟେ ।
ଏନ୍‌ବିଟି-ଭାରତ ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା ୨୦୨୬ ଏବଂ ବର୍ଷସାରା ଆୟୋଜିତ ହେଉଥିବା ରାଷ୍ଟ୍ରୀୟ ପୁସ୍ତକ ମେଳା **ଭଳି ବିଭିନ୍ନ ପୁସ୍ତକ ସମ୍ବନ୍ଧିତ କାର୍ଯ୍ୟକ୍ରମ ସଂକ୍ରାନ୍ତୀୟ ପ୍ରଚାରମୂଳକ ସାମଗ୍ରୀ ପ୍ରଦର୍ଶନ କରିବା ପାଇଁ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ଡିଏଭିପି) ତାଲିକାଭୁକ୍ତ ଆଉଟ୍‌ଡୋର୍ ମିଡିଆ ଏଜେନ୍ସିଗୁଡ଼ିକଠାରୁ ଇଓଆଇ ଆହ୍ୱାନ କରୁଛି । ଏହି ଅଭିଯାନଗୁଡ଼ିକ ଦିଲ୍ଲୀ/ଏନ୍‌ସିଆର୍, ମୁମ୍ବାଇ, ଲକ୍ଷ୍ନୌ, ନାଗପୁର, ପୁଣେ, ସମ୍ବଲପୁର, ଗୋରଖପୁର, ଅହମଦାବାଦ, ଉତ୍ତର-ପୂର୍ବ: ଗୁଆହାଟୀ, ଶିଲଂ, ଇମ୍ଫାଲ, ଆଇଜଲ ଭଳି ସହରଗୁଡ଼ିକରେ ସଂଗଠନର ଆବଶ୍ୟକତା ଅନୁଯାୟୀ ନଭେମ୍ବର ୨୦୨୫ ଓ ମାର୍ଚ୍ଚ ୨୦୨୬ ମଧ୍ୟରେ ୨ ସପ୍ତାହରୁ ୧ ମାସ ଅବଧି ଲାଗି ଆୟୋଜିତ ହେବାର ଆଶା କରାଯାଉଛି ।** ଆବେଦନ ଫର୍ମ ଏବଂ ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ଆମର ୱେବ୍‌ସାଇଟ୍ **www.nbtindia.gov.in** ପରିଦର୍ଶନ କରନ୍ତୁ । ଆହ୍ୱାନ କରାଯାଇଥିବା ଇଓଆଇକୁ ଆଗ୍ରହୀ ବିଡରଙ୍କ ଦ୍ୱାରା ୨୮ ଅକ୍ଟୋବର ୨୦୨୫ ଅପରାହ୍ନ ୫.୦୦ ଘଟିକା କିମ୍ବା ତାହା ପୂର୍ବରୁ ନିମ୍ନଦର୍ଶିତ ଠିକଣାରେ ଦାଖଲ କରାଯିବା ଆବଶ୍ୟକ । ଭବିଷ୍ୟତରେ ଇଓଆଇ ଦାଖଲରେ ଯଦି କୌଣସି ସଂଶୋଧନ/ସମୟ ବୃଦ୍ଧି କରାଯାଏ ତେବେ ତାହାକୁ ଉପରୋକ୍ତ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ ।
***ଏଜେନ୍ସିଗୁଡ଼ିକର ତାଲିକାଭୁକ୍ତୀକରଣ ଏବଂ କାର୍ଯ୍ୟର ଆବଣ୍ଟନ ସମ୍ବନ୍ଧରେ ନିର୍ଦ୍ଦେଶକ, ଏନ୍‌ବିଟି, ଭାରତଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଓ ବାଧ୍ୟତାମୂଳକ ହେବ ।***

**ଇଓଆଇ ଦାଖଲ ପାଇଁ ଠିକଣା:**
ଜନସମ୍ପର୍କ ବିଭାଗ,
ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ, ଭାରତ
୫, ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ବସନ୍ତ କୁଞ୍ଜ, ନୂଆଦିଲ୍ଲୀ – ୧୧୦୦୭୦
ଇମେଲ୍: **public-relations@nbtindia.gov.in, prnbtindia@gmail.com**
**cbc 21103/12/0022/2526**

**ଓଡ଼ିଶା ସରକାର**
**ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଅଧିସୂଚନା**

**File No.789,** **Dated 8.8.2025**

**No.XXXIV-03:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ହରିଡ଼ାପାଲୀ (ଅତିରିକ୍ତ), ଥାନା-ତରଭା, ନଂ.୬୨, ତହସିଲ-ତରଭା, ଜିଲ୍ଲା-ସୁବର୍ଣ୍ଣପୁରରେ ନିମ୍ନ ତଫସିଲ ମତେ ପ୍ରାୟ ୦.୨୫୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧) ର ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧.ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ –** ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
**୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ –** ଉପ ମୁଖ୍ୟଯନ୍ତ୍ରୀ (ନିର୍ମାଣ-୨), ପୂର୍ବତଟ ରେଳବାଇ, ବଲାଙ୍ଗୀର ।
**୩.କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ –** ସାର୍ବଜନୀନ ଉଦ୍ଦେଶ୍ୟରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
**୪.ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ –** ଓଡ଼ିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂ. ୨୫୮୧୪/R&DM ତା.୧୫.୦୭.୨୦୨୫ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮ (୨) ଧାରାରେ ଅନୁମୋଦନ ହୋଇଅଛି ।
**୫.ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ –** ଉପ ଜିଲ୍ଲାପାଳ, ସୋନପୁର ।
**୬.ଜମିର ବିବରଣୀ:**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ସୁବର୍ଣ୍ଣପୁର | ତରଭା | ହରିଡ଼ାପାଲି (ଅତିରିକ୍ତ) | ଗ୍ରାମାଞ୍ଚଳ | ୦୧ | ୧୨୫ | ୧.୮୦୦ | ୦.୨୫୦ | ମକାରୁ କର୍ଣ୍ଣ, ପି-ବୁଟୁଳ କର୍ଣ୍ଣ, ବା-ଝାରତରଭା |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ବଲାଙ୍ଗୀର, କଦମପଡ଼ା, ବଲାଙ୍ଗୀରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./-ଜିଲ୍ଲାପାଳ, ସୁବର୍ଣ୍ଣପୁର**

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ସୂଚୀ)**

**ଜିଲ୍ଲା-ସୁବର୍ଣ୍ଣପୁର** **ତହସିଲ-ତରଭା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହରିଡ଼ାପାଲି (ଅତିରିକ୍ତ) | ଗ୍ରାମାଞ୍ଚଳ | ୦୧ | ୧୨୫ | ମାଳ ଅଣ ଜଳସେଚିତ | ୧.୮୦୦ | ୦.୨୫୦ | ମକାରୁ କର୍ଣ୍ଣ, ପି- ବୁଟୁଳ କର୍ଣ୍ଣ, ବା-ଝାରତରଭା |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା-ସୁବର୍ଣ୍ଣପୁର** **ତହସିଲ-ତରଭା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./-ଜିଲ୍ଲାପାଳ, ସୁବର୍ଣ୍ଣପୁର**
**OIPR-24429/14/0003/2526**



ଢେଙ୍କାନାଳ ବାଜିଚୌକ ପୂଜା ମଣ୍ଡପରେ ମୟୂରପୁଚ୍ଛ ମଧରେ ମା' ଲକ୍ଷ୍ମୀ ବିଜେ।



ଦୁର୍ଗାବଜାର ପୂଜା ମଣ୍ଡପରେ ମା' ଲକ୍ଷ୍ମୀ।

## ଜମୁଛି ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା

# ସାଜସଜ୍ଜାରେ ପୌରାଣିକ, ସାମାଜିକ କଥାବସ୍ତୁ

**ଢେଙ୍କାନାଳ,୭।୧୦(ରତନ ନାୟାର)**

ଢେଙ୍କାନାଳରେ ଜମୁଛି ପ୍ରସିଦ୍ଧ ଲକ୍ଷ୍ମୀପୂଜା। ଉତ୍ସବର ଦ୍ୱିତୀୟ ଦିବସରେ ସହରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ବିଶେଷକରି ଚଳିତବର୍ଷ ପୌରାଣିକ ଓ ସାମାଜିକ କଥାବସ୍ତୁକୁ ନେଇ ବିଭିନ୍ନ ମଣ୍ଡପରେ ସାଜସଜ୍ଜା କରାଯାଇଥିବା ବେଳେ ଏହା ଶ୍ରଦ୍ଧାଳୁମାନଙ୍କୁ ବେଶ୍ ପସନ୍ଦ ଆସିଛି।

ଚଳିତଥର ପୂଜା ପ୍ରତିଷ୍ଠାନଗୁଡିକ ପକ୍ଷରୁ ମଣ୍ଡପରେ ପ୍ରତିଯୋଗିତାମୂଳକ ସାଜସଜ୍ଜା କରାଯାଇଛି। ଜବାହାରଚୌକ ପୂଜା ପ୍ରତିଷ୍ଠାନ ପକ୍ଷରୁ ହେରା ପଞ୍ଚମୀ ପରେ ମା' ଲକ୍ଷ୍ମୀ ଆସି ରଥ ଭାଙ୍ଗିବା ଦୃଶ୍ୟକୁ ନେଇ ମଣ୍ଡପ ସାଜସଜ୍ଜା କରାଯାଇଛି। ସେହିପରି ଦୁର୍ଗା ବଜାରରେ ଭଗବାନ ବିଷ୍ଣୁଙ୍କର ନୃସିଂହ ଅବତାର ମଧ୍ୟରେ ମା' ଲକ୍ଷ୍ମୀ ବିରାଜମାନ କରିଥିବା ଦୃଶ୍ୟ ଆକର୍ଷଣୀୟ ହୋଇଛି। ସେହିପରି ବସ୍ତ୍ରାଞ୍ଚ ଅମଲାପଡା ପୂଜା ପ୍ରତିଷ୍ଠାନରେ ସବୁଜିମାଭରା ଜଙ୍ଗଲ ମଧ୍ୟସ୍ଥ ଜଳାଶୟରେ ପଦ୍ମ ଫୁଲରେ ମା' ଲକ୍ଷ୍ମୀ ବିଜେ କରିଥିବା ଦୃଶ୍ୟକୁ ନେଇ ମଣ୍ଡପ ସାଜସଜ୍ଜା କରାଯାଇଛି। ଚତୁଃପାର୍ଶ୍ୱରେ ହାତୀ ରହିଥିବା ବେଳେ ହାତୀ ସୁରକ୍ଷାକୁ ନେଇ ବାର୍ତ୍ତା ପ୍ରଦାନ କରାଯାଇଛି। ସେହିପରି ପରିବେଶ ସୁରକ୍ଷା ନିମନ୍ତେ ମା' ପାଇଁ ଗଛଟିଏ ଦୃଶ୍ୟ ପ୍ରଦର୍ଶିତ ହୋଇ ସଚେତନତା ସୃଷ୍ଟି କରାଯାଇଛି। ବାଜିଚୌକ ପୂଜା ମଣ୍ଡପରେ ମୟୂରପୁଚ୍ଛ ମଧରେ ମା' ଲକ୍ଷ୍ମୀ ବିଜେ କରିଥିବା ଦୃଶ୍ୟ ଦେଖିବାକୁ ମିଳିଛି। କଲେଜ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଖଣ୍ଡଗିରି ଗୁମ୍ଫାରେ ମା' ଲକ୍ଷ୍ମୀ ବିରାଜମାନ କରିଥିବା ଦୃଶ୍ୟକୁ ନେଇ ମଣ୍ଡପ ସାଜସଜ୍ଜା କରାଯାଇଛି। ପ୍ରତିବର୍ଷ ବିଭିନ୍ନ ପୂଜା ପ୍ରତିଷ୍ଠାନ ଏପରି ପୌରାଣିକ ଓ ସାମାଜିକ କଥାବସ୍ତୁକୁ ନେଇ ଆକର୍ଷଣୀୟ ସାଜସଜ୍ଜା କରିବା ସହ ସଚେତନତାର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାକୁ ଶ୍ରଦ୍ଧାଳୁମାନେ ପ୍ରଶଂସା କରିଛନ୍ତି।



ବସ୍ତ୍ରାଞ୍ଚ ଅମଲାପଡା ପୂଜା ପ୍ରତିଷ୍ଠାନ।

## ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କୁ ଭିଜାଇଲା ବର୍ଷା

ଢେଙ୍କାନାଳ ସହରରେ ଚାଲିଥିବା ଲକ୍ଷ୍ମୀପୂଜା ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଭିଡ଼ ଜମୁଥିବା ବେଳେ ହଠାତ୍ ଭୀଷଣ ବର୍ଷା ସମସ୍ତଙ୍କୁ ଭିଜାଇ ଦେଇଥିଲା। ଏହି ସମୟରେ କିଛି ସମୟ ପାଇଁ ବିଦ୍ୟୁତ୍ ବିଭ୍ରାଟ ମଧ୍ୟ ହୋଇଥିଲା। ବର୍ଷା ଯୋଗୁ ଭିଡ଼ ହଠାତ୍ କମି ଯାଇଥିଲେ ହେଁ ବହୁ ଶ୍ରଦ୍ଧାଳୁ ପୂଜା ବୁଲୁଥିବା ଦେଖାଯାଇଥିଲା। ତେବେ ଏପରି ବର୍ଷା ଯୋଗୁ ଉଠା ଦୋକାନୀ, ଖାଦ୍ୟ ଷ୍ଟଲ, ଦୋଳି ବ୍ୟବସାୟୀ ସାମାନ୍ୟ ନିରାଶ ହୋଇଥିଲେ ହେଁ ବର୍ଷା ଛାଡ଼ିବା ପରେସହରରେ ପୁନର୍ବାର ଭିଡ଼ ସମସ୍ତଙ୍କୁ ଖୁସି କରିଦେଇଥିଲା।

## ବ୍ୟାଟେରି ଗାଡ଼ିରେ ବୁଲି ପୂଜା ଦେଖିଲେ ବରିଷ୍ଠ ନାଗରିକ

**ଢେଙ୍କାନାଳ,୭।୧୦(ରତନ ନାୟାର)**

ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ୪ଟି ନୂତନ ବ୍ୟାଟେରି ଗାଡିରେ ବିଭିନ୍ନ ବୃଦ୍ଧାଶ୍ରମର ବରିଷ୍ଠ ନାଗରିକମାନଙ୍କୁ ସହରରେ ବୁଲାଇଯାଇ ଲକ୍ଷ୍ମୀପୂଜା ଦେଖାଯାଇଥିଲା। ବ୍ୟାଟେରି ଚାଳିତ ଗାଡିରେ ଯାଇ ବରିଷ୍ଠ ନାଗରିକମାନେ ବିଭିନ୍ନ ପୂଜା ମଣ୍ଡପରେ ମା' ଲକ୍ଷ୍ମୀଙ୍କୁ ଦର୍ଶନ କରିଥିଲେ। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଏହାର ଶୁଭାରମ୍ଭ କରିଥିଲେ। ଏ ସମ୍ପର୍କରେ ପୌରାଧ୍ୟକ୍ଷା କହିଛନ୍ତି, ପୌରସଂସ୍ଥା ପାଇଁ ଆସିଥିବା ୪ଟି ବ୍ୟାଟେରି ଗାଡିରେ ପ୍ରଥମେ ବରିଷ୍ଠ ନାଗରିକମାନେ ଦିନବେଳେ ସହରର ପୂଜା ମଣ୍ଡପଗୁଡିକ ବୁଲି ଦେଖିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏ ସମ୍ପର୍କରେ ପୋଲିସ ଓ ପ୍ରଶାସନ ସହିତ ମଧ୍ୟ ଆଲୋଚନା ହୋଇଥିଲା। ପୂଜା ଦେଖି ଆନନ୍ଦ ଉଲ୍ଲାସରେ ବରିଷ୍ଠ ନାଗରିକମାନେ ବିଭୋର ହୋଇଥିବା ଦେଖାଯାଇଥିଲା। ମିଲିତ ବଜାର ଲକ୍ଷ୍ମୀପୂଜା କମିଟି ସଭାପତି ରୁଦ୍ର ନାରାୟଣ ତ୍ରିପାଠୀ ଓ ସମାଜସେବୀ ରାମଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।



ଜବାହାରଚୌକର ପୂଜା ପ୍ରତିଷ୍ଠାନରେ ମା' ଲକ୍ଷ୍ମୀ ରଥ ଭାଙ୍ଗିବା ଦୃଶ୍ୟ।



କଲେଜ ବଜାର ପୂଜା ପ୍ରତିଷ୍ଠାନରେ ଖଣ୍ଡଗିରି ଗୁମ୍ଫାରେ ମା' ଲକ୍ଷ୍ମୀ।

# କଳା, ସଂସ୍କୃତିର ଜିଲା ଢେଙ୍କାନାଳ ପ୍ରତି ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ରହିଛି



ନଟରାଜ କୁମାରୋତ୍ସବର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ଢେଙ୍କାନାଳ,୭।୧୦(ରତନ ନାୟାର)**

ଢେଙ୍କାନାଳର ପ୍ରମୁଖ ନୃତ୍ୟ ଅନୁଷ୍ଠାନ ନଟରାଜ ସଙ୍ଗୀତ ମହାବିଦ୍ୟାଳୟର ୪୦ତମ ନଟରାଜ କୁମାରୋତ୍ସବର ଦ୍ୱିତୀୟ ସନ୍ଧ୍ୟା ମଙ୍ଗଳବାର ସ୍ଥାନୀୟ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ, ଢେଙ୍କାନାଳ କଳା ସଂସ୍କୃତିର ଜିଲା । ଏହି ଜିଲାପ୍ରତି ମା' ଲକ୍ଷ୍ମୀଙ୍କର ସବୁବେଳେ ଆଶୀର୍ବାଦ ରହିଛି । ମା' ଲକ୍ଷ୍ମୀଙ୍କ ପରି ସମସ୍ତଙ୍କୁ ସମାନ ମନୋଭାବ ପ୍ରଦର୍ଶନ କଲେ ବହୁ ସମସ୍ୟାର ସମାଧାନ ହୋଇପାରିବ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏମ୍‌ପି ରୁଦ୍ର ନାରାୟଣ ପାଣି କହିଲେ ଯେ, ବର୍ଷବର୍ଷ ଧରି ଲୋକ କ୍ଷମତାରେ ଥିଲେ । ଏବେ ସୋସିଆଲ ମିଡିଆରେ ନକାରାତ୍ମକ

**୪୦ତମ ନଟରାଜ କୁମାରୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ସମାଲୋଚନା କରୁଛନ୍ତି । ସମାଲୋଚନା ସବୁବେଳେ ଗୁଣାତ୍ମକ ଓ ଗଠନମୂଳକ ହେଉ । ଢେଙ୍କାନାଳର ବିକାଶ ପାଇଁ ମୋଦି ସରକାର ଓ ମୋହନ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଏମ୍‌ପି କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର କହିଲେ ଯେ, ଢେଙ୍କାନାଳ ସହର କଳା ସଂସ୍କୃତିର ସହର । ଶିକ୍ଷା ଓ କଳା ସଂସ୍କୃତିରେ ଆମ ସହର ଓଡିଶାରେ ୧ନଂ ହେଉ । ଏଥିପାଇଁ ସବୁପ୍ରକାର ଉଦ୍ୟମ କରିବା ନିମନ୍ତେ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂହଦେଓ, ଜିଲା ପରିଷଦ ପୂର୍ବତନ ଉପସଭାପତି କୋଦଣ୍ଡଧର ସାହୁ ଉଦ୍‌ବୋଧନ ପ୍ରଦାନ କରିଥିଲେ । ଅନୁଷ୍ଠାନର ଉପସଭାପତି ସତ୍ୟ ନାରାୟଣ କର ସଭାପତିତ୍ୱ କରିଥିଲେ। ସଭାପତି କୃଷ୍ଣ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ସମ୍ପାଦକ ମଧୁସୂଦନ ରାଉତ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଢେଙ୍କାନାଳ ଗୌରବ ସମ୍ମାନ ୱିଙ୍ଗ୍ କମାଣ୍ଡର ବିରଜା ଶଙ୍କର ସିଂହଦେଓଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ନଟରାଜ ନାଟ୍ୟ ସମ୍ମାନରେ ଇଂ. ଅଶୋକ କୁମାର ଦାସ, ସଙ୍ଗୀତ ସମ୍ମାନରେ ବସନ୍ତ କୁମାର ମହାପାତ୍ର, ସଞ୍ଜୟ ସମ୍ମାନରେ ଖବରଦାତା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଦେବର୍ଷି ନାରଦ ସମ୍ମାନରେ ଅମରେନ୍ଦ୍ର ଦାସ ଓ ରାଜଶ୍ରୀ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି କଟକଠାରେ ନିଶାମୁକ୍ତି ଅଭିଯାନ କାର୍ଯ୍ୟକ୍ରମରେ ଭାଗ ନେଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ସ୍ମରଣିକା ଉନ୍ମୋଚନ ହୋଇଥିଲା। ସୁଶାନ୍ତ ପାଣି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହାପରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ଲକ୍ଷ୍ମୀପୂଜାକୁ ରାଜ୍ୟ ମାନ୍ୟତା ମିଳିଥିବା କହି ଭ୍ରମିତ କରାଯାଉଛି: ବିଜେଡି

**ଢେଙ୍କାନାଳ,୭।୧୦(ରତନ ନାୟାର)**



ଖବରଦାତା ସମ୍ମିଳନୀରେ ବିଜେଡି କର୍ମକର୍ତ୍ତା।

ଢେଙ୍କାନାଳ ଲକ୍ଷ୍ମୀପୂଜାକୁ ରାଜ୍ୟ ମାନ୍ୟତା ମିଳିଥିବା କଥା କହି ଲୋକଙ୍କୁ ଭ୍ରମିତ କରାଯାଉଛି । ଯଦି ମାନ୍ୟତା ମିଳିଛି, ତେବେ ସରକାରଙ୍କ ପକ୍ଷରୁ କୌଣସି ବିଜ୍ଞପ୍ତି କାହିଁକି ପ୍ରକାଶ କରାଯାଉନାହିଁ। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଏଭଳି ରାଜ୍ୟ ମାନ୍ୟତା ପ୍ରଦାନର ବ୍ୟବସ୍ଥା ରହିଛି କି ନାହିଁ, ସେ ନେଇ ବିଜେଡି ପକ୍ଷରୁ ପ୍ରଶ୍ନ ଉଠାଯାଇଛି।

ଢେଙ୍କାନାଳ ପୌରାଞ୍ଚଳରେ ଥିବା ବିଜେଡି କାର୍ଯ୍ୟାଳୟଠାରେ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ବରିଷ୍ଠ ନେତା ତଥା ଆଇନଜୀବୀ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଢେଙ୍କାନାଳ ଲକ୍ଷ୍ମୀପୂଜା ମାନ୍ୟତା ପ୍ରଦାନର ସତ୍ୟାସତ୍ୟ ନେଇ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରକାଶ କରନ୍ତୁ ବୋଲି କହିଛନ୍ତି। ରାଜ୍ୟରେ ଅନ୍ୟ କେଉଁ ପୂଜା କିମ୍ବା ମେଳାକୁ ରାଜ୍ୟ ମାନ୍ୟତା ମିଳିଛି କି ନାହିଁ, ତାହା ମଧ୍ୟ ସ୍ପଷ୍ଟ ହେବା ଉଚିତ । ଏ ସଂକ୍ରାନ୍ତରେ ରାଜ୍ୟ ମାନ୍ୟତା ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ବିଜେଡି ସରକାର ସମୟରେ ଢେଙ୍କାନାଳ ସହରର ଲକ୍ଷ୍ମୀପୂଜା ପ୍ରତିଷ୍ଠାନଗୁଡିକର ଉନ୍ନତୀକରଣ ପାଇଁ ବିଧାୟକ ପାଣ୍ଠିରୁ ୮୩ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବିଜେଡି ଏଭଳି ମହତ୍ କାର୍ଯ୍ୟର ପ୍ରଚାରପ୍ରିୟ ନ ଥିଲା ବୋଲି ଦଳ ପକ୍ଷରୁ କୁହାଯାଇଛି। ବର୍ତ୍ତମାନର ସରକାର ପ୍ରତି ପୂଜା ପ୍ରତିଷ୍ଠାନକୁ ୫୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି, ତାହାକୁ ଆମେ ସ୍ୱାଗତ କରୁଛୁ ବୋଲି ନେତୃବୃନ୍ଦ କହିଛନ୍ତି। ପ୍ରତିବର୍ଷ ଏହି ଅନୁଦାନ ପ୍ରଦାନ କରାଯିବ ନା ଗୋଟିଏ ବର୍ଷ ପାଇଁ ତାହା ସ୍ପଷ୍ଟ କରାଯାଉ । ପ୍ରତିବର୍ଷ ଅନୁଦାନ ବୃଦ୍ଧି କରି ପ୍ରଦାନ କରିବାକୁ ମଧ୍ୟ ବିଜେଡି ଦାବି କରିଛି। ନିକଟରେ ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଣ୍ଟର ପ୍ରେକ୍ଷାଳୟକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । କିନ୍ତୁ ଏହି ପ୍ରେକ୍ଷାଳୟ ଦୀର୍ଘବର୍ଷ ହେଲା ତିଆରି ହେଉଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିସାରିଛନ୍ତି । ଭାଙ୍ଗିବା ପରେ ଏହାର ନବୀକରଣ କରାଯାଇଛି । ବିଜେଡି ସରକାର ସମୟରେ ଏମ୍‌ପିଲାଡ୍ ପାଣ୍ଠିରେ ଏହା ନିର୍ମାଣ ହୋଇଥିଲା । ବର୍ତ୍ତମାନର ଭାଜପା ସରକାର ୬୦ଲକ୍ଷ ଟଙ୍କା ଖର୍ଚ୍ଚ କରି କେବଳ ଶବ୍ଦ ଓ ଆଲୋକ ବ୍ୟବସ୍ଥା କରି ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଣ୍ଟରେ ପ୍ରେକ୍ଷାଳୟ ଯୋଡ଼ି ଏହାକୁ ଉଦ୍‌ଘାଟନ କରିଥିଲେ। ଏପରିକି ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଣ୍ଟରର ନାମ ଓଡ଼ିଆରେ ପରିବର୍ତ୍ତନ କରାଯାଇନାହିଁ। ଫଳରେ ଓଡ଼ିଆ ଅସ୍ମିତା କଥାକୁ ନେଇ ଦଳ ପ୍ରଶ୍ନ ଉଠାଇଥିବା ବେଳେ ତୁରନ୍ତ ଏହାର ଓଡ଼ିଆ ନାମକରଣ କରାଯାଉ ବୋଲି ଦାବି କରିଛନ୍ତି । ସେହିପରି ଭୁବନ ନୀଳକଣ୍ଠପୁରଠାରେ ବାଜି ରାଉତ ଶତବାର୍ଷିକୀ ସମାରୋହରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ବାଜି ରାଉତଙ୍କୁ ନେଇ ଦେଇଥିବା ତଥ୍ୟ ଭୁଲ୍ ବୋଲି ବିଜେଡି ଅଭିଯୋଗ କରିଛି । ଏହା ବାଜି ରାଉତଙ୍କ ପ୍ରତି ଅପମାନ। ଇତିହାସକୁ ବିକୃତ ନ କରି ମନ୍ତ୍ରୀ କ୍ଷମା ମାଗିବା ସହ ତ୍ରୁଟି ସୁଧାରିବାକୁ ବିଜେଡି ପକ୍ଷରୁ ଦାବି ହୋଇଛି । ଏହା ନ ହେଲେ ଦଳ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଛି । ଏହି ଖବରଦାତା ସମ୍ମିଳନୀରେ ପ୍ରତାପ ଦାସ, ଅଜୟ ଭଞ୍ଜ, କାଉନସିଲର ବଂଶୀଧର ଦଳେଇ, ରୋଜାଲିନ ସାହୁ, ଶୁଭଲକ୍ଷ୍ମୀ ସାହୁ, ଲିପିକା ଦାସ ଓ ଯୁବ ବିଜେଡି ନେତା ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୈବବିବିଧତା ଢେଙ୍କାନାଳ ପାଇଁ ଆଶୀର୍ବାଦ

**ଆଇଆଇଏମ୍‌ସି ଓ ଢେଙ୍କାନାଳ ବନଖଣ୍ଡ ପକ୍ଷରୁ ଫଟୋଗ୍ରାଫି ପ୍ରଦର୍ଶନୀ**



ଫଟୋଗ୍ରାଫି ପ୍ରଦର୍ଶନୀରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

ଢେଙ୍କାନାଳ,୭।୧୦(ରତନ ନାୟାର)

ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଭାରତୀୟ ଜନସଂଚାର ସଂସ୍ଥାନ (ଆଇଆଇଏମ୍‌ସି) ଓ ଢେଙ୍କାନାଳ ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ସନ୍ଧ୍ୟାରେ ଫଟୋଗ୍ରାଫି ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଦୀର୍ଘ ୩ ସପ୍ତାହ ଧରି ଚାଲିଥିବା ଫଟୋଗ୍ରାଫି ପ୍ରତିଯୋଗିତାର ବଛାବଛା ଫଟୋଗୁଡ଼ିକୁ ଏଥିରେ ପ୍ରଦର୍ଶିତ କରାଯାଇଥିଲା । ବିଶେଷ କରି ବିଦ୍ୟାର୍ଥୀ, ପ୍ରକୃତି ପ୍ରେମୀ ଏବଂ ସାଧାରଣ ଜନତାଙ୍କ ପାଇଁ ଏହି ପ୍ରଦର୍ଶନୀ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା । ସୃଜନଶୀଳ ଫଟୋଗ୍ରାଫି ମାଧ୍ୟମରେ ପ୍ରକୃତି ଓ ଜୈବ ବିବିଧତାର ସୁରକ୍ଷା ତଥା ସଂରକ୍ଷଣ ଏବଂ ବନ୍ୟପ୍ରାଣୀ-ମଣିଷ ସହବସ୍ଥାନକୁ ନେଇ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଫଟୋଗ୍ରାଫି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ସମ୍ମାନିତ ଅତିଥି ଭାବେ ଏସ୍‌ପି ଅଭିନବ ସୋନକର ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଜିଲା ବନଖଣ୍ଡ ଅଧିକାରୀ ସୁମିତ କର ନିଜ ବକ୍ତବ୍ୟରେ ଢେଙ୍କାନାଳକୁ ଆଶୀର୍ବାଦରେ ଜୈବ ବିବିଧତା ମିଳିଥିବା କହିଥିଲେ । ଏଥିସହିତ ପ୍ରତ୍ୟେକ ବିକଳ୍ପ ଶନିବାର (ସକାଳ ୬ରୁ ୮ପର୍ଯ୍ୟନ୍ତ) ଢେଙ୍କାନାଳର ଜନସାଧାରଣଙ୍କ ପାଇଁ ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ 'ପ୍ରକୃତି ଯାତ୍ରା'ର ଆୟୋଜନ କରାଯିବ ବୋଲି ଘୋଷଣା କରିଥିଲେ। ଏଥିସହ ନିକଟରେ ଢେଙ୍କାନାଳର ଜୈବ ବିବିଧତାକୁ ନେଇ ଏକ ପୁସ୍ତକ ପ୍ରକାଶ ପାଇବାକୁ ଯାଉଥିବା ବେଳେ ଏଥିନିମନ୍ତେ ଜନସାଧାରଣ ଫଟୋ ପଠାଇପାରିବେ ବୋଲି ସେ କହିଥିଲେ।

ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ପ୍ରକୃତି ସଂରକ୍ଷଣ ଓ ଏହାର ସ୍ଥିରତାକୁ ନେଇ ବକ୍ତବ୍ୟ ରଖିଥିଲେ । ପ୍ରକୃତିର ସୁରକ୍ଷା ପାଇଁ ଆଇଆଇଏମସି ସର୍ବଦା ପ୍ରଚେଷ୍ଟା ଜାରି ରଖିଥିବା ବେଳେ ବନଖଣ୍ଡ ସହ ମିଳିତ ଉଦ୍ୟମ ଏହାକୁ ଅଧିକ କ୍ରିୟାଶୀଳ କରିଥିବା ପ୍ରକାଶ କରିଥିଲେ। ପ୍ରଦର୍ଶନୀ ସଭା ଅବସରରେ ଖୋଲା ପ୍ରତିଯୋଗିତା ବର୍ଗରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ନଗଦ ରାଶି ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ସାଲୋନୀ ସାହୁ, ପ୍ରାଞ୍ଜଲ ପ୍ରତିଶ ଓ ହରେକ୍ରିଷ୍ଣା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବା ବେଳେ ଅଂଶୁମାନ ପ୍ରଧାନ ଓ ଶୁଭ୍ରକାନ୍ତ ପ୍ରଧାନ ସାନ୍ତ୍ୱନାମୂଳକ ପୁରସ୍କାର ଲାଭ କରିଥିଲେ। ପ୍ରଦର୍ଶନୀରେ ଢେଙ୍କାନାଳର ଜନସାଧାରଣଙ୍କ ସମେତ ବନଖଣ୍ଡ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ, ଆଇଆଇଏମ୍‌ସିର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ, ବିଦ୍ୟାର୍ଥୀ ଓ ଗଣମାଧ୍ୟମର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ । ଫଟୋଗ୍ରାଫିରେ ରୁଚି ରଖୁଥିବା ପ୍ରକୃତିପ୍ରେମୀ ଯୁବରାଜ ଅମରଜ୍ୟୋତି ସିଂହଦେଓ ଉପସ୍ଥିତ ଥିଲେ। ସହକାରୀ ପ୍ରଫେସର ଆଭା ସିଂ ଓ ଡ. ବିରଞ୍ଚି ନାରାୟଣ ସେଠ୍ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କାଞ୍ଚନ ବଜାର ପୂଜା ପ୍ରତିଷ୍ଠାନର ପ୍ଲାଟିନମ୍ ଜୁବୁଲି ଉଦ୍‌ଘାଟିତ



ଢେଙ୍କାନାଳ,୭।୧୦(ରତନ ନାୟାର)

ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଅବସରରେ ପ୍ରମୁଖ ପୂଜା ଅନୁଷ୍ଠାନ ଶ୍ରୀଶ୍ରୀ ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ କାଞ୍ଚନ ବଜାରର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ୍ ଜୟନ୍ତୀ ମଙ୍ଗଳବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ସମ୍ମାନିତ ଅତିଥି ଭାବେ ଏସ୍‌ପି ଅଭିନବ ସୋନକର ଓ ଯୁବରାଜ ଅମରଜ୍ୟୋତି ସିଂହଦେଓ ଯୋଗଦେଇ ଢେଙ୍କାନାଳର କଳା ସଂସ୍କୃତି ଓ ପ୍ରସିଦ୍ଧ ଲକ୍ଷ୍ମୀପୂଜା ସମ୍ପର୍କରେ ଆଲୋକପାତ କରିଥିଲେ । କାଞ୍ଚନ ବଜାର ଲକ୍ଷ୍ମୀପୂଜା ପ୍ରତିଷ୍ଠାନ ସଭାପତି ଗୋପାଳକୃଷ୍ଣ ପାତ୍ର ଉତ୍ସବରେ ସଭାପତିତ୍ୱ କରିବା ସହିତ ବିବରଣୀ ପାଠ କରିଥିଲେ । ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଗାୟତ୍ରୀ ନଗର ଅଞ୍ଚଳରେ ଚୋରି

ଢେଙ୍କାନାଳ,୭।୧୦(ରତନ ନାୟାର)

ଢେଙ୍କାନାଳ ସହର ଗାୟତ୍ରୀ ନଗର ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ଘରୁ ଦୁର୍ବୃତ୍ତମାନେ ତାଲାଭାଙ୍ଗି ପଶି ବହୁ ସାମଗ୍ରୀ ଚୋରି କରିବା ସହ ଆସବାବପତ୍ର ଲୁଟି ନେଇଥିବା ଜଣାପଡିଛି । ଖବରପାଇ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି । ଏ ସଂକ୍ରାନ୍ତରେ ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଭାତ ସାହୁଙ୍କ ସୂଚନାରୁ ଜଣାପଡିଛି ।

# ରାସୋଳ ହାଟରୁ ବାଇକ୍ ଚୋରି

ରାସୋଳ,୭।୧୦(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ରାସୋଳ ଥାନା ଅଞ୍ଚଳର ରାସୋଳ ହାଟ ନିକଟରୁ ମଙ୍ଗଳବାର ସକାଳେ ଏକ ବାଇକ ଚୋରି ହୋଇଥିବା ନେଇ ଚିତଳପୁର ଗ୍ରାମର ସୁରେଶ ବେହେରା ଥାନାରେ ଅଭିଯୋଗ କରିଛନ୍ତି । ସୁରେଶ ନିଜର ବାଇକ ଯୋଗେ ରାସୋଳ ଅଞ୍ଚଳକୁ ହାଟ କରିବାକୁ ଆସି ରାସ୍ତା କଡରେ ଓଡି.୩୫-୨୩୫୩ ହିରୋ ବାଇକଟିକୁ ରଖିଥିଲେ । ସେ ହାଟ କରି ସାରିବା ପରେ ଦେଖନ୍ତି ତ ବାଇକଟି ନଥିଲା । ଚାରିଆଟେ ବହୁ ଖୋଜାଖୋଜି କରିବା ପରେ ବାଇକଟି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି । ରାସୋଳ ଥାନା ଅଧିକାରୀ ଏ ସଂକ୍ରାନ୍ତରେ ଅଭିଯୋଗ ପାଇ ତଦନ୍ତ କରାଯିବ ବୋଲି କହିଥିଲେ । ବର୍ତ୍ତମାନ ପାର୍ବଣ ସମୟ ଚାଲିଥିବାରୁ ରାସୋଳ ଅଞ୍ଚଳରେ ରାସ୍ତାଘାଟ ଗହଳି ଚହଳି ଲାଗି ରହିଛି । ଏହାର ସୁଯୋଗ ନେଇ ଲୁଟେରା ମାନେ ସକ୍ରିୟ ହୋଇ ବିଭିନ୍ନ ଲୁଟ୍ ଓ ଚୋରୀ ଆରମ୍ଭ କରିଦେଲେଣି । ପୋଲିସ ପକ୍ଷରୁ ଏଥିପ୍ରତି ଅଧିକ ଯତ୍ନବାନ ହେବାକୁ ସାଧାରଣରେ ଦାବୀ ହୋଇଛି ।

# ପୀଠ ଦର୍ଶନ ସହ ସଫେଇ କାର୍ଯ୍ୟକ୍ରମ

**ଆଠମଲ୍ଲିକ,୭।୧୦ (ଉଦୀପ୍ତ ପୁରୋହିତ):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡ଼ା ଅଞ୍ଚଳର ମା' ବାୟାଣୀ କ୍ଲବର କର୍ମକର୍ତ୍ତା ଓ ସଦସ୍ୟମାନେ ଆଠମଲ୍ଲିକର ପ୍ରସିଦ୍ଧ ଶକ୍ତିପୀଠ ବିନିକେୟୀକୁ ଯାଇ ଦର୍ଶନ କରିବା ସହିତ ସଫେଇ କରିଥିଲେ। ପରିବେଶ ସୁରକ୍ଷା, ଜୀବନ ରକ୍ଷା ବାର୍ତ୍ତା ଦେଇ କ୍ଲବର ସଭ୍ୟମାନେ ବିଭିନ୍ନ ଅଞ୍ଚଳକୁ ଗସ୍ତ କରୁଥିବା ପ୍ରକାଶ କରିଛନ୍ତି। ଏହି ସଫେଇ କାର୍ଯ୍ୟକ୍ରମରେ କ୍ଲବର ଘନଶ୍ୟାମ ସାହୁ, ରାଜେଶ ସାହୁ, ରାକେଶ ବେହେରା, ରଞ୍ଜିତ, ରାଜେଶ, ଲୁଲୁ, ରାହୁଲ, କାହ୍ନା, ସୁବ୍ରତ, ସତ୍ୟବ୍ରତ, ରଜତ, ଶାନ୍ତନୁ, ବୁଲୁ, ରାଜୁ, ବୁଧୁ, ସାନୁଙ୍କ ସମେତ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ରହି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ମହୁମାଛି ଆକ୍ରମଣରେ ୭ ଗୁରୁତର

ପରଜଙ୍ଗ, ୭।୧୦(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ବସୁଲେଇ ଗ୍ରାମରେ ମହୁମାଛି ଆକ୍ରମଣରେ ୭ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଗ୍ରାମର ବସନ୍ତ ସାହୁଙ୍କ ଘର ପାଖରେ ହଠାତ୍ ମହୁମାଛି ଲୋକମାନଙ୍କୁ ଆକ୍ରମଣ କରିଥିଲେ। କେନାଲ ରାସ୍ତାରେ ଲୋକମାନେ ବାଇକ, ସାଇକେଲ ଯୋଗେ ଯାଉଥିବା ବେଳେ ହଟାତ ମହୁ ମାଛି ଆକ୍ରମଣର ଶିକାର ହୋଇଥିଲେ। ଫଳରେ ଅଙ୍ଗନୱାଡି କର୍ମୀ ଭାନୁମତି ସାହୁଙ୍କ ସମେତ ମାଣିକମରା ପଞ୍ଚାୟତ ସରକିଶୋରପାଳ ଗାଁର ୬ ଜଣ ଆହତ ହୋଇଥିଲେ। ଗୋଟିଏ ଛୋଟ ଝିଅ ପ୍ରାଣ ବିକଳରେ କେନାଲକୁ ଡେଇଁ ପଡ଼ିଥିଲା। କିଛି ସମୟ ପରେ ବସୁଲେଇ ଗ୍ରାମବାସୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ।

# ଛଦେଶ ବ୍ଲକ ଗଠନ ଦାବି ପୁଣି ଉଠିଲା

ଭାପୁର, ୭।୧୦ (ରାଜ କୁମାର ପ୍ରଧାନ)



ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଅଧୀନ ଛଦେଶ ଅଞ୍ଚଳକୁ ବ୍ଲକରେ ପରିଣତ କରିବା ପାଇଁ ପୁଣି ଦାବି ଜୋର ଧରିଛି। ଏହି ଅବସରରେ ମଙ୍ଗଳବାର ଅପରାହ୍ନରେ ଛଦେଶ ଅଞ୍ଚଳର ବୁଦ୍ଧିଜୀବୀଙ୍କୁ ନେଇ ଭାପୁର ପଞ୍ଚାୟତ ସଭା ଗୃହରେ ଏକ ବୈଠକ ଆୟୋଜିତ ହୋଇଥିଲା । ସଦର ବ୍ଲକର ୮ଟି ପଞ୍ଚାୟତ ଓ ଓଡାପଡା ବ୍ଲକର ୪ଟି ପଞ୍ଚାୟତର ପ୍ରାୟ ୮୦ ହଜାର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏବଂ ଆନୁସଙ୍ଗିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଏହି ବ୍ଲକ ଦାବି ଯଥାର୍ଥ ବୋଲି ଯୁକ୍ତି ବାଢ଼ିଥିଲେ । ଏଥିସହ ଭାପୁର ଫାଣ୍ଡିକୁ ଥାନାରେ ପରିଣତ କରିବା, ଭାପୁରରେ ଦମକଳ କେନ୍ଦ୍ର ସ୍ଥାପନ କରିବା, ଭାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା, ମହାନଦୀର ଉପନଦୀ ସାପୁଆକୁ ପୁନଃରୁଦ୍ଧାର କରିବା ପାଇଁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ମୁଖ୍ୟ ସଚିବ, ଜିଲାପାଳ, ଉପଜିଲାପାଳ ଓ ତହସିଲଦାରଙ୍କୁ ଦେବା ପାଇଁ ସ୍ଥିର ହୋଇଥିଲା। ଆଗାମୀ ୭ ଦିନ ମଧ୍ୟରେ ଦାବିପୂରଣ ନ ହେଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟହେବେ ବୋଲି ଆଲୋଚନା ହୋଇଥିଲା। ଏଥିରେ ଶୁଭପ୍ରସାଦ ପଣ୍ଡା, ମନୋଜ ମନ୍ମଥ, ଅଖିଳ ଲେଙ୍କା, ପ୍ରମୋଦ କୁମାର ସାହୁ, ଜୟକୃଷ୍ଣ ମହାପାତ୍ର, ଅଧୀର ସାମଲ, ବାମଦେବ ସାମଲ, ସୂର୍ଯ୍ୟମଣି ପୃଷ୍ଟି, ଗୁଣ୍ଡିଚା ବେହେରା, ଉଦିତ ମହାନ୍ତି, ଟିମନ ସାହୁ, ଅରୁଣ ପଣ୍ଡା ପ୍ରମୁଖ ୧୨ଟି ପଞ୍ଚାୟତର ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ।


**Panchasakha Shikhya Setu Sangathan**
A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha-751007
RFP No.1560/PSSS/25
48
Date 06.10.25

No.n-Request for Proposal (RFP) for Selection of Event Management Agency for Swapna ra Odisha 2036 theme Pavilion at SURA-VI-2025 under Panchasakha Shikhya Setu Sangathan (erstwhile Mo School Abhiyan), A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha-751007. The last date of submission of RFP is 27.10.2025 before 5.00 PM. For More details, please visit the website pss.odisha.gov.in.

By Order of Commissioner-Cum-Secretary to Govt.
S & ME Dept. & Vice Chairperson, PSSS
Sd./- Officer on Special Duty
Panchasakha Shikhya Setu Sangathan
OIPR-27178/11/0025/2526

**ROURKELA SMART CITY LIMITED, Rourkela**
Udit Nagar, Rourkela-769012, Email: rourkelascl@gmail.com
BID ID : RSCL/1414/2025 DATE : 04/10/2025
NOTICE INVITING TENDER NATIONAL COMPETITIVE BIDDING
**No.C-1210** : The Chief Executive Officer, RSCL, invites bids from eligible contractors for the following project:

| Sl. No | Name of the Projects | Estimated Cost of the Project Rs. |
|---|---|---|
| 1 | Construction of roofing work in Panposh Market on Percentage Rate Basis. | 59.98Lakhs. |

The Tender Fees of Rs.11,800/-to be deposited with the bid which is Non-refundable. The complete BID documents can be viewed/downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 07.10.2025 to 23.10.2025(upto 17:00 Hrs. IST). Pre- Bid Meeting will be held on 13.10.2025at 12.30 P.M. in the Conference Hall of RSCL. For queries, intending bidder may contact Ar.Sarthak Sourav Rath, Architect, RSCL Vide Phone No.8984353513, Email Id:rourkelascl@gmail.com.

OIPR-13080/11/0041/2526
Sd./- Chief Executive Officer
Rourkela Smart City Limited

**ODISHA HYDRO POWER CORPORATION LTD.**
OHPC
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA - 768017, DISTRICT : SAMBALPUR (ODISHA), PHONE : 0663-2950721 (O), 2950765 (R), E-Mail : srgmhps_burla@yahoo.co.in
CIN : U40101OR1995SGC003963
No. HHEP/Tech-W-202/1/6654 Date : 06.10.2025
TENDER CALL NOTICE NO. HHEP-59/2025
**No.CAD-1935** : Sealed tenders are invited on percentage rate basis in double cover system from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt. / MES / Raiway having valid EPF, ESI, GST, PAN etc for the following work.

| Sl. No. | Description of work | Cost of tender paper (Non-Refundable) in Rs. | EMD in Rs. (in shape of DD/BC) | Class of contractor |
|---|---|---|---|---|
| 1 | Construction of 01 No. of staff toilet at Equipment store, HHEP, Burla | Rs. 2360/- (Rs. 2000/- + GST @ 18%) | 4050/- | 'D' & 'C' |

- Sale of tender paper : **09.10.2025(11.00 AM) to 23.10.2025 upto 01.00 PM**
- Receipt of tender paper : **23.10.2025 upto 01.30 PM**
- Date & time of opening of tender : **23.10.2025 upto 04.30 PM**
- Further details of tender documents, terms & conditions, corrigendum etc to the tender call notice, please visit our website www.ohpcltd.com

OIPR-04007/11/0074/2526 Sd./- C&P Head, HHEP, Burla

No.A-672
GOVERNMENT OF ODISHA
DEPARTMENT OF WATER RESOURCES
**O/o THE SUPERINTENDING ENGINEER, ANGUL IRRIGATION DIVISION, ANGUL**
e-Mail Id - eeangulirrigation@gmail.com
'e'-Procurement Notice No. SE-AID-6/2025-26
The Superintending Engineer, Angul Irrigation Division, Angul on behalf of the Governor of Odisha invites online **percentage rate basis bid in single cover** system through e-procurement for the work mentioned below.

| | | | |
|---|---|---|---|
| 1 | Total No. of Works | : | **12 (Twelve) Nos.** Civil work |
| 2 | Cost of work put to tender | : | Approximately **Rs.9.48 Lakh & 34.79 Lakh** |
| 3 | Tender Paper Cost | : | **Rs.4,000/- / Rs.6,000/-** (Non-Refundable) |
| 4 | Class of Contractor | : | **'D' & 'C' / 'C' & 'B'** equivalent Grade / Class |
| 5 | Period of Completion | : | 90 days |
| 6 | Availability of Bid Documents and receipt of bid through online | : | From **11.00 A.M. of 08.10.2025 to 5.00 P.M. of 18.10.2025** in the website **(www.tendersodisha.gov.in)** |
| 7 | Date, time & place for opening of online tenders | : | **20.10.2025** at **11.00 A.M.** and onwards in the O/o the SE, Angul Irrigation Division, Angul |
| 8 | Date, time & Place for finalization of tender through transparent lottery system (if required) | : | 28.10.2025 at 11.00 A.M. in the O/o the SE, Angul Irrigation Division, Angul |
| 9 | Digital Signature Certificate | : | The bidders must possess compatible Digital Signature Certificate (DSC) of Class-II or Class-III |
| 10 | Name and address of Officer Inviting Tender (OIT) | : | Superintending Engineer, Angul Irrigation Division, Angul, At/PO : Hakimpada, Dist : Angul, Odisha. e-mail Id - **eeangulirrigation@gmail.com** |

Further details can be seen from the e-procurement portal of Government of Odisha at www.tendersodisha.gov.in.
OIPR-32049/11/0025/2526
Sd./- Superintending Engineer
Angul Irrigation Division, Angul

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER,CENTRAL IRRIGATION CIRCLE,BHUBANESWAR**
No.A-702:
**'e' Procurement Notice No. ACECIC-11/2025-26**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding From | Bid documents available online for bidding To | Date of opening of Technical Bid | Period of Completion of work |
|---|---|---|---|---|---|---|---|---|---|---|
| ACE,CIC, Bhubaneswar | PRD-3/ 2025-26 | Improvement to right bank service road of Lingipur Distributary from RD 8.276 Km to 10.12 Km. (Working Rd 8.276 Km to 9.876 Km) | 167.06 | 1,67,100/- (Online) | 10000/- (Online) | "B" & "A" Class | 10.10.2025 At 10.00 Hours | 24.10.2025 At 17.00 Hours | 27.10.2025 At 11.00 Hours | 6 (Six Calendar Months) |
| | PRD-4/ 2025-26 | Improvement to KSDR Embankment from RD 58.25 Km to 60.75 Km with slope protection work | 253.92 | 2,54,000/- (Online) | 10000/- (Online) | "B" & "A" Class | 10.10.2025 At 10.00 Hours | 24.10.2025 At 17.00 Hours | 27.10.2025 At 11.00 Hours | 8 (Eight Calendar Months) |
| | PRD-5/ 2025-26 | Improvement to Kushavadra Left Embankment from RD 13.600 Km. 16.60 Km | 254.04 | 2,54,100/- (Online) | 10000/- (Online) | "B" & "A" Class | 10.10.2025 At 10.00 Hours | 24.10.2025 At 17.00 Hours | 27.10.2025 At 11.00 Hours | 8 (Eight Calendar Months) |
| | NID-8/ 2025-26 | Construction of Road on Left Bank of Chandanpur Branch Canal from Balanga to Parbatipur | 420.00 | 4,20,100/- (Online) | 10000/- (Online) | "A" Class | 10.10.2025 At 10.00 Hours | 24.10.2025 At 17.00 Hours | 27.10.2025 At 11.00 Hours | 8 (Eight Calendar Months) |
| | KID-3/ 2025-26 | Improvement of service road of Daya right embankment from Gopinathpur to Badagoth Village | 237.00 | 2,37,000/- (Online) | 10000/- (Online) | "B" & "A" Class | 10.10.2025 At 10.00 Hours | 24.10.2025 At 17.00 Hours | 27.10.2025 At 11.00 Hours | 8 (Eight Calendar Months) |

e-mail Id:secic_dowr@yahoo.com.
Further details conditions can be seen from Govt. website www.tenderorissa.gov.in.
OIPR-32160/11/0040/2526 Sd./- Additional Chief Engineer, Central Irrigation Circle

No.Z-12
Government Of Odisha
**Information & Public Relations Department**
**Lok Sampark Bhawan, Bhubaneswar**
No.15037/IPR, Bhubaneswar, Dated 06.10.2025
REQUEST FOR PROPOSAL
01- Director, I&PR Department, Government of Odisha (The Client) invites Request For Proposal (RFP) from the eligible bidders to Conceptualize, Design and Fabricate the Odisha Pavilion at India International Trade Fair (IITF)-2025, Bharat Mandapam, New Delhi.
02- Key objectives, scope of work, eligibility requirement, layout plan, technical specifications and other details may be seen in and downloaded from **https://inpr.odisha.gov.in/** or, **https://odisha.gov.in.**
03- Last date for receipt of sealed proposal is 20.10.2025 by 05:00 PM.
04- RFP will be opened on 22.10.2025 at 11:30 AM in the Conference Hall, Lok-Sampark Bhawan, Unit-V, Keshari Nagar, Bhubaneswar.
05- Pre-Bid consultation with intending bidders is scheduled to be held on 13.10.2025 at 11:30 AM in the Conference Hall, Lok-Sampark Bhawan, Unit-V, Keshari Nagar, Bhubaneswar.
06- The I&PR Department have the right to accept or reject the Tender(s) without assigning any reason thereof.
OIPR-15001/11/1213/2526 Sd./- DIRECTOR, I&PR

WATCO
**OFFICE OF THE GENERAL MANAGER, WATCO DIVISION-I, VANIVIHAR SQUARE, BHUBANESWAR, ODISHA, PIN-751022**
Phone/Fax : 0674-2542821 / e-Mail - gmdivonewatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
No.C-1198
Invitation For Bids (IFB)
GMWATCO-I/53/ 2025-26 Dt.26.09.2025

| | | | |
|---|---|---|---|
| 01 | Name of the work | : | 1) Operation & maintenance of 2Nos. 1500KVA, 1No. 365KVA D.G set at clear water & 1No. 1250KVA DG Set at Raw water of WTP, Mundali for 1(One) year. 2) Supplying, Fitting & Fixing of Retrofit Emission Control Device (RECD) for 365KVA DG set installed at WTP, Mundali. |
| 02 | Estimate cost | : | 1) Rs.20.43 lakh, 2) 9.55 lakh |
| 03 | Period of completion | : | 1) 12 (Twelve Months) & 2) 02 (Two Month) |
| 04 | Date & Time of availability of bid document in the portal | : | From 11.00 A.M. of Dt.09.10.2025 to 5.00 P.M. of 23.10.2025 |
| 05 | Last date / time of receipt of bids in the portal | : | 5.00 P.M. of 23.10.2025 |
| 06 | Date & Time of opening of bids | : | At 12.30 P.M. of 24.10.2025 |
| 07 | Name and address of the Officer Inviting Bid | : | General Manager WATCO Division-I, BBSR |

**Name & Address of Officer Inviting Bid : The General Manager, WATCO Divsion-I, Vanivihar Square, BBSR, Odisha**
OIPR-13083/11/0019/2526

**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD.**
**KHORDHA**
District Website : www.khordha.odisha.gov.in
Tender No. : 5438 to 5447 Dt. 04.10.2025
**No.CAD-1931** : District Manager, Odisha State Civil Supplies Corporation Ltd., Khordha (District) invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of Transport Contractors for transportation of Paddy from Mandi to Mill & CMR from Mill to Depot of 10 blocks in the Khordha district for the KMS 2025-26. |
| 2 | Availability of bid document in the portal | From 06.10.2025 |
| 3 | Last Date / Time for Receipt of bids in the portal | Dt 22.10.2025 upto 03:00 P.M. |
| 4 | Date/Time of Opening of Technical Bid | Dt 22.10.2025 up to 04.00 P.M. |
| 5 | Name and address of the Officer Inviting Tender | CSO-cum-District Manager, O.S.C.S.C Ltd., Khordha (District) |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.
Sd./- CSO-cum-District Manager
O.S.C.S.C Ltd., Khordha
OIPR-07050/11/0007/2526

**ଭବାନୀପାଟଣା ପୌରପାଳିକା**
**ନୋଟିସ୍**
ନଂ.3016 ତାରିଖ:06.10.2025
No.C-1220:ଭବାନୀପାଟଣା ପୌରପାଳିକା ଅଧୀନରେ ଥିବା ସମସ୍ତ ଜନସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ବର୍ଜ୍ୟବସ୍ତୁ ପରିଚାଳନା ଉପବିଧି, ୨୦୧୭ ଅନୁସାରେ ନିମ୍ନଲିଖିତ ନିର୍ଦ୍ଦେଶଗୁଡିକ ଅନୁସରଣ କରିବା ବାଧ୍ୟତାମୂଳକ ଅଟେ ।
**୧.ଆବର୍ଜନା ବିଭାଜନ ଓ ସଞ୍ଚୟ:** ପ୍ରତ୍ୟେକ ଗୃହରେ ଦୁଇଟି ଡଷ୍ଟବିନ୍ (ସବୁଜ-ଓଦା ଆବର୍ଜନା ନୀଳ-ଶୁଖିଲା ଆବର୍ଜନା) ରଖିବା ବାଧ୍ୟତାମୂଳକ ।
**୨. ଆବର୍ଜନା ଏଣେତେଣେ ଫୋପାଡିବା ନିଷେଧ:** ସଡ଼କ, ଖୋଲାସ୍ଥାନ, ନାଳ କିମ୍ବା ସାଧାରଣ ସ୍ଥାନରେ ଅବଶିଷ୍ଟ/ଆବର୍ଜନା ପକାଇବା କଡାକଡି ଭାବରେ ନିଷିଦ୍ଧ ଅଟେ । ତେଣୁ ସମସ୍ତ ଆବର୍ଜନା କେବଳ ନିର୍ଦ୍ଦିଷ୍ଟ ପୌରପାଳିକାର ସଂଗ୍ରହ ଗାଡି ମାଧ୍ୟମରେ ନିଷ୍କାସନ କରିବା ବାଧ୍ୟତାମୂଳକ ଅଟେ । ଏହାସହ ପ୍ରତ୍ୟେକ ଆବାସିକ ଗୃହ ନିଜର ପରିସର ସଦା ପରିଚ୍ଛନ୍ନ ଓ ସୁସ୍ଥ ରଖନ୍ତୁ ।
**୩. ଏକକ ବ୍ୟବହାର ପ୍ଲାଷ୍ଟିକ ବନ୍ଦ କରିବା ସମ୍ବନ୍ଧରେ:** ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଓ ଦୋକାନ ମାଲିକମାନେ ତୁରନ୍ତ ଏକବାର ବ୍ୟବହାର ପ୍ଲାଷ୍ଟିକ (ଯଥା:ପ୍ଲାଷ୍ଟିକ ଥଳି, ପ୍ଲାଷ୍ଟିକ କପ, ଚାମଚ, ପ୍ଲେଟ) ବ୍ୟବହାର ବନ୍ଦ କରନ୍ତୁ ଏବଂ ଏହାର ବିକଳ୍ପ ଭାବରେ (ଯଥା-କାଗଜ, ପତ୍ର, କପଡ଼ାଥଳି) ବ୍ୟବହାର କରନ୍ତୁ ।
**୪. ଉପଭୋକ୍ତା ଶୁଳ୍କ ପରିଶୋଧ:** ବର୍ଜ୍ୟବସ୍ତୁ ପରିଚାଳନା ଉପବିଧି, ୨୦୧୭ ଅନୁସାରେ ଉପଭୋକ୍ତା ମାସିକ ୪୦.୦୦ ଟଙ୍କା ଶୁଳ୍କ (User Fee) ନିଜ ଅଞ୍ଚଳର ସ୍ୱଚ୍ଛସାଥୀଙ୍କ ପାଖରେ ପଇଠ କରନ୍ତୁ ।
**୫. ଦଣ୍ଡାତ୍ମକ ବ୍ୟବସ୍ଥା/Penalty Provision:**
ବର୍ଜ୍ୟବସ୍ତୁ ପରିଚାଳନା ଉପବିଧି, ୨୦୧୭ ଅନୁସାରେ
- ନିଜ ଗୃହ, ସଡ଼କ, ଖୋଲା ସ୍ଥାନ, ନାଳ କିମ୍ବା ସାଧାରଣ ସ୍ଥାନରେ ଅବଶିଷ୍ଟ/ଆବର୍ଜନା ପକାଇଲେ ଏବଂ ପ୍ରାଙ୍ଗଣ ପରିଚ୍ଛନ୍ନ ନ ରଖିଲେ ପ୍ରତିଦିନ ଟଙ୍କା ୫୦୦/- ରୁ ୨୫୦୦/- ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡିବ ।

ଯଦି କୌଣସି ଦୋକାନୀ ଉପଭୋକ୍ତା ଶୁଳ୍କ (User Fee) ନ ଦିଅନ୍ତି କିମ୍ବା ଏହି ନିୟମର ଅବମାନନା କରନ୍ତି, ସେହି ଖିଲାପକାରୀଙ୍କ ଉପରେ ଆଇନ ଅନୁଯାୟୀ ବିଧିଗତ କାର୍ଯ୍ୟାନୁଷ୍ଠାନ ନିଆଯିବ । ତେଣୁ ସମସ୍ତଙ୍କୁ ଅନୁରୋଧ କି ଏହି ନିୟମକୁ ତୁରନ୍ତ ଅନୁସରଣ କରନ୍ତୁ ।
ସ୍ୱା./-ନିର୍ବାହୀ ଅଧିକାରୀ
ଭବାନୀପାଟଣା ପୌରପାଳିକା
OIPR-13100/11/0021/2526

**Office of the Chief District Medical Officer, Sundargarh**
**Dist. Program management Unit, NHM, Sundargarh (DPMU)**
**Deptt. of Health & Family Welfare, Govt. Of Odisha**
Advt No :3522 Walk-in-interview (ଚାକିରି ସାକ୍ଷାତକାର) Date: 4 .10.2025
For Empanelment of MO & Part-time Specialist in AAM-UPHCs under NHM, Sundargarh
**No.E-424** : Expressions of Interest (EoI) is invited for empanelment of MO MBBS & Part time specialist to be engaged in Ama Clinic at UPHC under National Urban Health Mission, Sundargarh. The interested candidates have to apply as per the eligibility criteria mentioned below.

| Sl. | Name of the posts | vacancy | Qualification & Remuneration |
|---|---|---|---|
| 1 | Medical Officer, (MBBS) in UAAM/ UPHC | 2 | **Passed MBBS degree** having valid registration from OCMR. **Remuneration-Rs.70,918/-+PI (up to 25%)** |
| 2 | Part -Time specialist (O&G, Pediatric, Skin & VD, Medicine, Surgery, Ophthalmology) | 2 Nos in each specialist | **Passed MBBS degree with PG in Concern Subject/Branch** having valid registration from OCMR. Per Day -**Rs.3750/-**for 2 Sessions i.e. Morning & Evening |
| 3 | Part- time specialist in UPHC (Physiotherapist) | 1 | Passed BPT degree having valid registration from OCMR. Rs **750/-** Per Session (Maxm 32 session per month) |

The above positions are purely temporary and co-terminus with the scheme. Interested candidates can log on to www.sundargarh.odisha.gov.in for details of vacancy, eligibility criteria, age, application form etc. Candidates fulfilling the eligibility criteria may apply in the Prescribed format duly signed by the candidate along with self-attested copies of all supportive documents to attend the **Walk in Interview on Dt-16/10/25 at 11.00 A.M.** in the **"O/O CDM & PHO, DPMU, NHM,Sundargarh, At/Po-Sundargarh-770001,Dist-Sundargarh (Odisha)**. The authority reserves the right to cancel any or all application without assigning any reason thereof. The post may increase or decrease as per the requirement.
Sd./- Chief District Medical & Public Health Officer, Sundargarh
OIPR-10100/11/0033/2526

No.O-955
GOVERNMENT OF ODISHA
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
E-Mail : rw_rourkela@yahoo.co.in
TENDER CALL NOTICE
BID IDENTIFICATION NO. ONLINE-EERKL-10 of 2025-26
1. Name of the Work : Road Work
2. Total No. of works : 02 (Two) Nos.
3. Estimated cost : Rs.64.32 Lakhs to Rs.75.50 Lakhs
4. Class of contractor : "B" Class
5. Period of completion : 03 (Three) Calendar months
6. Type of Tender : Double Cover
7. Other details :

| Procurement Officer | Bid Identification No. | Availability of Tender on-line for bidding From | Availability of Tender on-line for bidding To |
|---|---|---|---|
| 1 | 2 | 3 | 4 |
| **Superintending Engineer, Rural Works Division-II, Sundargarh** | **Online - EERKL-10 of 2025-26** | **09.10.2025 from 10.00 AM** | **17.10.2025 upto 05.00 PM** |

Further details can be seen from the website www.tendersorissa.gov.in
Sd./- Executive Engineer
RW Division-II, Sundargarh
OIPR-25193/11/0089/2526

## ମହିଳାଙ୍କୁ ବଳାତ୍କାର ଉଦ୍ୟମ

ବଇଣ୍ଡା, (ପରିକ୍ଷିତ ସାହୁ): ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ପ୍ରଶାନ୍ତ ପ୍ରଧାନ ବଳାତ୍କାର ଉଦ୍ୟମ କରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୨୭୮/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସମ୍ପୃକ୍ତା ମହିଳା ୨ ପୁଅଙ୍କ ସହ ଘରକୁ ଯାଉଥିବାବେଳେ ପ୍ରଶାନ୍ତ ଏକ ନିଛାଟିଆ ସ୍ଥାନରେ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

## ସଂକ୍ଷେପରେ

### ଛେଳି ଚୋରି ଅଭିଯୋଗ

ବଇଣ୍ଡା, ୭।୧୦ (ପରିକ୍ଷିତ ସାହୁ)

କିଶୋରନଗର ଥାନା ଖଣ୍ଡହତା ଗ୍ରାମର ସୁନୀଲ ପ୍ରଧାନଙ୍କ ଛେଳି ଚୋରି ହୋଇଥିବା ନେଇ ଥାନାରେ ସୋମବାର ଅଭିଯୋଗ ହୋଇଛି। ପୋଲିସ ନମ୍ବର ୨୯୦/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସୁନୀଲ ଡାଲପକା ଗ୍ରାମର ନିର୍ମଳ ଦେହୁରୀଙ୍କ ରଖିବା ପାଇଁ ୧୬ଟି ଛେଳି ଦେଇଥିଲେ। ହେଲେ ସମସ୍ତ ଛେଳିକୁ ଜଣେ ବ୍ୟକ୍ତି ଚୋରି କରି ନେଇଯାଉଥିବା ଦେଖି ସୁନୀଲ ଅଟକାଇଥିଲେ। ସମ୍ପୃକ୍ତ ବ୍ୟକ୍ତି ୩ ଛେଳି ବିକ୍ରି କରି ଦେଇଥିବାବେଳେ ସୁନୀଲଙ୍କୁ ଦେଖି ଫେରାର ହୋଇଯାଇଥିଲେ।

### ପୂର୍ବତନ ଛାତ୍ରୀଛାତ୍ରଙ୍କ ଏକତ୍ରୀକରଣ କାର୍ଯ୍ୟକ୍ରମ

ଆଠମଲ୍ଲିକ,୭।୧୦ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ପୂର୍ବତନ ଛାତ୍ରୀଛାତ୍ରଙ୍କ ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ସଭାପତି ଆଦିତ୍ୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ ସଂଘ ଚାଳକ ସୁଧୀର କୁମାର ମିଶ୍ର ଯୋଗଦେଇଥିଲେ। ଆଚାର୍ଯ୍ୟ ବବିତା ପାତ୍ର, ରବୀନ୍ଦ୍ର ଥାର୍ଟି, ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାସ, ପରିଚଳନା ସମିତି ଉପସଭାପତି କଶ୍ୟପ କ୍ଷେତି, ସୁବୋଧ ମିଶ୍ରଙ୍କ ସମେତ ସମସ୍ତ ଗୁରୁମା, ଗୁରୁଜୀ ଉପସ୍ଥିତ ଥିଲେ। ଆଚାର୍ଯ୍ୟ ରତ୍ନପ୍ରଭା ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ପୂର୍ବତନ ସରପଞ୍ଚଙ୍କ ଅକାଳ ବିୟୋଗ

ତାଳଚେର,୭।୧୦ (ମନୋଜ ନନ୍ଦ)

ତାଳଚେର ବ୍ଲକ ବ୍ରଜନାଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାଗୀରଥି ସାହୁ (୫୩)ଙ୍କ ମଙ୍ଗଳବାର ବ୍ରଜନାଥପୁର ଗ୍ରାମସ୍ଥିତ ବାସଭବନରେ ଅକାଳ ବିୟୋଗ ଘଟିଛି।



କିଛିଦିନ ଧରି ସେ ଅସୁସ୍ଥ ଥିଲେ। ସକାଳ ୬ଟା ୪୫ ମିନିଟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଖବରପାଇ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲା ଭାଜପା ଉପସଭାପତି ମନୋଜ ପ୍ରଧାନ, ସାମାଜିକ କର୍ମୀ କ୍ଷୀରୋଦ ସାହୁ ପ୍ରମୁଖ ସ୍ୱର୍ଗତ ସାହୁଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସାହୁଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଶିକ୍ଷାବିତ୍‌ଙ୍କ ପରଲୋକ

ସନ୍ତ୍ରିଛକ,୭।୧୦(ସନ୍ତୋଷ ପରିଡ଼ା)

ବଣ୍ଟରପାଳ ବ୍ଲକର ଶିକ୍ଷାବିତ୍ କୃତାର୍ଥ ସେନାପତି (୭୪)ଙ୍କ ସୋମବାର ବଣ୍ଟରପାଳସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ୩୫ବର୍ଷ ଧରି ଅନୁଗୋଳ ସରକାରୀ ହାଇସ୍କୁଲ ଏବଂ ପାଞ୍ଚଗଡ଼ ବିଜୟ କୁମାର ସରକାରୀ ହାଇସ୍କୁଲରେ ଶିକ୍ଷକତା କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ



ପୂର୍ବତନ ବିଧାୟକ ରଜନୀକାନ୍ତ ସିଂହ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଭାଇ ଦୁଷ୍ମନ୍ତ ସେନାପତି, ଅକ୍ଷୟ ସେନାପତି, ଅଭୟ ସେନାପତି, ପୁଅ ଶକ୍ତିପ୍ରସାଦ ସେନାପତି ଏବଂ ଦୀପ୍ତି ପ୍ରସାଦ ସେନାପତି ଉପସ୍ଥିତ ଥିଲେ।

# ମନଜିଣୁଛି କଂସ ଦରବାର



ବଇଣ୍ଡା, ୭।୧୦ (ପରିକ୍ଷିତ ସାହୁ)

### ୬୩ ବର୍ଷରେ ଖଣ୍ଡହତା-ପିପଲବାହାଲ ଗଜଲକ୍ଷ୍ମୀ ପୂଜା

ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ଅନୁଗୋଳ ଜିଲା କିଶୋରନଗର ବ୍ଲକ ଖଣ୍ଡହତା-ପିପଲବାହାଲ ଲକ୍ଷ୍ମୀପୂଜା କମିଟି ତରଫରୁ ଆୟୋଜିତ ହେଉଛି ଧନୁଯାତ୍ରା କାର୍ଯ୍ୟକ୍ରମ। ଗତ ୬ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଧନୁଯାତ୍ରା ୧୪ ତାରିଖ ଯାଏ ଚାଲିବ। ପ୍ରଥମ ଦିବସରେ ଦେବକୀ - ବସୁଦେବ ବିବାହ, ଉଗ୍ରସେନଙ୍କ ଗାଦିଚ୍ୟୁତ ଓ କଂସ ମହାରାଜଙ୍କ ସିଂହାସନ ଆରୋହଣ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଶାନ୍ତ କୁମାର ତାଉଡ଼ିଆ, ରାଜ ଅତିଥି ଭାବେ କିଶୋରନଗର ଥାନା ଅଧିକାରୀ ବିଭୂତି ପ୍ରଧାନ, ଓଡ଼ିଶା ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଷ୍ଟୁଲି, କଣ୍ଠଶିଳ୍ପୀ ସ୍ନେହାଶ୍ରୀ ନନ୍ଦ, ଶିକ୍ଷାବିତ୍ ସୁଶାନ୍ତ କୁମାର ପ୍ରଧାନ, ଧଉରାପାଲି ସରପଞ୍ଚ ସଞ୍ଜିତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। କୌଣସି ବ୍ୟକ୍ତି ମଦ୍ୟପାନ କରି ଗାଡ଼ି ନ ଚଳାଇବାକୁ କଂସ ମହାରାଜ ନିର୍ଦ୍ଦେଶ ଦେଇଥିବାବେଳେ ଏହି ଦରବାର ଲୋକଙ୍କ ମନକୁ ବେଶ୍ ପାଇଥିଲା। ଏହି ଅବସରରେ ଶିଶୁ ନୃତ୍ୟଶିଳ୍ପୀ ଶ୍ରୁତି ସ୍ୱରୂପା ସାହୁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ବିଦୂଷକ ଭୂମିକାରେ ଅବତୀର୍ଣ୍ଣ ହୋଇ ମଞ୍ଚ ପରିଚାଳନା କରିଥିଲେ। ଲକ୍ଷ୍ମୀପୂଜା ଅବସରରେ ଖଣ୍ଡହତା ଗ୍ରାମକୁ ମଥୁରାକଟକ, ଘୋଷର ଜୋରକୁ ଯମୁନା ନଈ, ଘୋଷର ଗ୍ରାମକୁ ଗୋପପୁର ଭାବରେ ସଜ୍ଜିତ କରାଯାଇଛି। କଂସ ମହାରାଜଙ୍କ ଦରବାରରେ ପ୍ରତ୍ୟହ ବିଶିଷ୍ଟ ଅତିଥିମାନେ ସାମିଲ ହେବା ସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ପୂଜା କମିଟି ସମ୍ପାଦକ ରାକେଶ କୁମାର ପ୍ରଧାନ, ସଭାପତି ପ୍ରଦୀପ ପ୍ରଧାନ ଓ କୋଷାଧ୍ୟକ୍ଷ ଅଖିଳ କୁମାର ପ୍ରଧାନ ଜଣାଇଛନ୍ତି। କଂସ ଦରବାର ଦେଖିବା ପାଇଁ ଦର୍ଶକମାନଙ୍କ ଭିଡ଼ ଲାଗିରହିଛି।

## ଆମିଷ ବଜାର ସ୍ଥାନାନ୍ତର ଦାବି

ବନ୍ତଳା,୭।୧୦(ସୁଶିତ ସାହୁ)

ଅନୁଗୋଳ ବ୍ଲକ ବଡ଼କେରା ଛକ ଅଞ୍ଚଳରେ ଥିବା ଆମିଷ ବଜାରକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସାଧାରଣରେ ଦାବି ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବଡ଼କେରା ହାଇସ୍କୁଲ ସମ୍ମୁଖ, ଛକ ସ୍ଥାନ, ଆର୍‌ଆଇ ଅଫିସ ସମ୍ମୁଖ, ଜାତୀୟ ରାଜପଥ ପାର୍ଶ୍ୱ ଆଦି ସ୍ଥାନରେ ଆମିଷ ଦୋକାନ ଥିବାରୁ ଦୁର୍ଗନ୍ଧରେ ଲୋକେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଏହି ଆମିଷ ବଜାର ସ୍ଥାନାନ୍ତର କରିବା ପାଇଁ ପୂର୍ବରୁ ବହୁବାର ପଞ୍ଚାୟତ ଅଫିସରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉନାହିଁ। ଫଳରେ ପଥଚାରୀ ଦୁର୍ଗନ୍ଧଯୁକ୍ତ ପରିବେଶରେ ଯାତାୟାତ କରୁଛନ୍ତି। ଜାତୀୟ ରାଜପଥ କଡ଼ରେ ଆମିଷ ବଜାରକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଯଥାଶୀଘ୍ର ସ୍ଥାନ ନିରୂପଣ କରି ଦୋକାନଗୁଡ଼ିକୁ ସ୍ଥାନାନ୍ତର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ହାଡ଼ିବନ୍ଧୁ ବେହେରା କହିଛନ୍ତି, ଖୁବ୍‌ଶୀଘ୍ର ସ୍ଥାନ ନିରୂପଣ କରାଯାଇ ଆମିଷ ବଜାରକୁ ସ୍ଥାନାନ୍ତର କରାଯିବ।

## ତୀର୍ଥଯାତ୍ରାରେ ଗଲେ ୧୦୯ ବରିଷ୍ଠ ନାଗରିକ



ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରାର ଶୁଭାରମ୍ଭ କରୁଛନ୍ତି ବିଧାୟକ।

ଅନୁଗୋଳ,୭।୧୦(ମାନସ ବିଶ୍ୱାଳ)

ଅନୁଗୋଳ ସହର ଶୈଳଶ୍ରୀକ୍ଷେତ୍ରଠାରୁ ମଙ୍ଗଳବାର ଅପରାହ୍ନରେ ଜିଲା ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାର ଶୁଭାରମ୍ଭ ହୋଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା, ଆସିଷ୍ଟାଣ୍ଟ କଲେକ୍ଟର ଶୁଭାଷିନୀ ନାୟକ ଓ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ଅନୁଗୋଳର ୧୦୯ ଜଣ ବରିଷ୍ଠ ନାଗରିକ ୩ଟି ବସ୍‌ରେ ସମ୍ବଲପୁର ଅଭିମୁଖେ ବାହାରିଛନ୍ତି। ବୁଧବାର ସେମାନେ ସମ୍ବଲପୁର ରେଳଷ୍ଟେଶନଠାରୁ ଟ୍ରେନ୍‌ରେ ଅଯୋଧ୍ୟା, ବାରଣାସୀ ଅଭିମୁଖେ ଯାତ୍ରା କରିବେ। ଏହି ତୀର୍ଥକ୍ଷେତ୍ର ପରିଭ୍ରମଣ ଶେଷ କରି ଆସନ୍ତା ୧୩ ତାରିଖରେ ସେମାନେ ଫେରିବାର କାର୍ଯ୍ୟକ୍ରମ ରହିଛି। ଜିଲା ପ୍ରଶାସନ ତରଫରୁ ୩ ଜଣ ଏସକର୍ଟ ଅଫିସର ତୀର୍ଥ ଯାତ୍ରୀମାନଙ୍କ ସହିତ ଯାଇଛନ୍ତି।

## ୨ୟ ଦିନରେ ମା' ବ୍ରହ୍ମାୟଣୀଙ୍କ ବାର୍ଷିକ ଯାତ୍ରା



ଦ୍ୱିତୀୟ ଦିବସରେ ଯୋଗ ଦେଇଥିବା ରାଜନେତା ଓ ଅନ୍ୟମାନେ।

ସନ୍ତ୍ରିଛକ,୭।୧୦(ସନ୍ତୋଷ ପରିଡ଼ା)

ବଣ୍ଟରପାଳ ବ୍ଲକ ଗୋତମରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବ୍ରହ୍ମାୟଣୀଙ୍କ ଯାତ୍ରା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଯୁବ ବିଜେଡି ନେତା ଅରୁଣାଭ ସିଂହ ପହଞ୍ଚି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ତାଙ୍କ ସହ ଗୋତମରା ସରପଞ୍ଚ, ସମିତି ସଭ୍ୟ, ଗୋତମରା ଯୁବବର୍ଗ, ଅନୁଗୋଳ ଜିଲାର ବିଭିନ୍ନ ଅଞ୍ଚଳର ସହସ୍ରାଧିକ ଯୁବକର୍ମୀ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଯାତ୍ରାରେ ବହୁ ଜନ ସମାଗମ ଦେଖିବାକୁ ମିଳିଥିଲା। ଘରେ ଘରେ ବନ୍ଧୁବାନ୍ଧବ ଭିଡ ପରିଲକ୍ଷିତ ହୋଇଛି। ଯାତ୍ରାରେ ବିଭିନ୍ନ ପ୍ରକାରର ଦୋକାନ, ମନୋହରୀ ସାମଗ୍ରୀ, ଦୋଳି ଆଦି ପଡ଼ିଛି। ୩ ଦିନ ବ୍ୟାପୀ ଚାଲୁଥିବା ଅପେରା କାରଣରୁ ଲୋକଙ୍କ ଭିଡ଼ ଜମୁଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗ୍ରାମ କମିଟି ସଦସ୍ୟ ଓ ବଣ୍ଟରପାଳ ପୋଲିସର ଗୋଟିଏ ସେକ୍ସନ ଫୋର୍ସ ମୁତୟନ କରାଯାଇଛି।

## ନୂତନ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ

ପବିତ୍ରନଗର,୭।୧୦(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନୂତନ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ସିଏଲ୍ ଦ୍ୱାରା ସାମାଜିକ ଦାୟିତ୍ୱବୋଧ ପାଣ୍ଠିରୁ ୪୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ନୂତନ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ବରିଷ୍ଠ ନେତା ଜଗମୋହନ ପ୍ରଧାନ, ଧର୍ମେନ୍ଦ୍ର ମଲ୍ଲିକ, ପ୍ରହ୍ଲାଦ ସାମଲ, ଧ୍ରୁବଚରଣ ଧୀର, ତ୍ରିପୁରାରି ପ୍ରଧାନ, ହରେକୃଷ୍ଣ ପ୍ରଧାନ, ତରୁଣ ସାହୁ ଯୋଗଦେଇଥିଲେ। ବିଦ୍ୟାଳୟ ସଭାପତି ଶତ୍ରୁଘ୍ନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ପ୍ରଧାନ, ସମ୍ପାଦକ ନିରଞ୍ଜନ ସାମଲ ଉପସ୍ଥିତ ଥିଲେ।

## ରାସ୍ତା ଶୋଚନୀୟ, ଜିଲାପାଳଙ୍କ ନିକଟରେ ଅଭିଯୋଗ

ବଇଣ୍ଡା, ୭।୧୦ (ପରିକ୍ଷିତ ସାହୁ)



ଶୋଚନୀୟ ଅବସ୍ଥାରେ ଥିବା ରାସ୍ତା।

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଦିଗପଦର ଅଞ୍ଚଳକୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାର ୨ଟି ସ୍ଥାନ ପିଚୁ ହୋଇନାହିଁ। ଫଳରେ ଉକ୍ତ ସ୍ଥାନ କାଦୁଅପୂର୍ଣ୍ଣ ଅବସ୍ଥାରେ ରହିଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଯାତାୟାତ କଷ୍ଟକର ହୋଇପଡୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଉକ୍ତ ସ୍ଥାନକୁ ପିଚୁ କିମ୍ବା ପକ୍କା କରାଯାଉ ନ ଥିବାରୁ ଏ ନେଇ ମଙ୍ଗଳବାର ଦିଗପଦର ଗ୍ରାମବାସୀ ଜିଲାପାଳ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, କିଶୋରନଗର-ମାଧପୁର ପୂର୍ତ୍ତ ବିଭାଗ ରାସ୍ତାରୁ ଭାୟା ତିଡିରିକଟା ଦେଇ ଦିଗପଦର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ନିର୍ମାଣ କରାଯାଇଛି। ହେଲେ ସୂର୍ଯ୍ୟନାଳି ସାହି ଓ ଦିଗପଦର ନିକଟରେ ରାସ୍ତା ପିଚୁ ହୋଇନାହିଁ। ଫଳରେ ଏହି ସ୍ଥାନରେ ରାସ୍ତା ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଦେଇ ୩ଟି ଗ୍ରାମବାସୀ ଯାତାୟାତ କରୁଛନ୍ତି। ହେଲେ ବର୍ଷା ଦିନେ ଉକ୍ତ ସ୍ଥାନ ପାଣି କାଦୁଅରେ ଭରିଯାଉଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଛାତ୍ରୀଛାତ୍ରମାନେ ସ୍କୁଲ ଯିବାବେଳେ ଏଠାରେ ଖସିପଡୁଛନ୍ତି। ତୁରନ୍ତ ଉକ୍ତ ରାସ୍ତାକୁ ପିଚୁ କରିବା ପାଇଁ ଗ୍ରାମର ରୁଷି ପ୍ରଧାନ, ପାଣ୍ଡୁ ସାହୁ, ଅଚ୍ୟୁତ ଦେହୁରୀ, ଚନ୍ଦ୍ରମଣି ପ୍ରଧାନ, ମହେନ୍ଦ୍ର ନାୟକ, ଯତୀନ୍ଦ୍ର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

## କୁଲାଡ଼ରେ ୧୦ ମଣ୍ଡପରେ ପୂଜା

ବଣ୍ଟରପାଳ,୭।୧୦(ସୁବାସ ସାହୁ)

ଅନୁଗୋଳ ଜିଲା ବଣ୍ଟରପାଳ ବ୍ଲକ କୁଲାଡ ଗ୍ରାମରେ ଧୁମଧାମରେ ଆରମ୍ଭ ହୋଇଛି ମା' ଲକ୍ଷ୍ମୀଙ୍କ ପୂଜା। ସୋମବାର ବିଳମ୍ବିତ ରାତିରୁ ମା'ଙ୍କୁ ଆବାହନ କରାଯାଇ ଥିବାବେଳେ ଚଳିତବର୍ଷ ଗ୍ରାମର ୧୦ ମଣ୍ଡପରେ ପୂଜା ପାଳନ କରାଯାଉଛି। ଆକର୍ଷଣୀୟ ସାଜସଜ୍ଜା, ତୋରଣ ସହ ରଙ୍ଗିନ ଆଲୋକମାଳାରେ ସମ୍ପୂର୍ଣ୍ଣ ସଜେଇ ହୋଇଛି କୁଲାଡ ଗ୍ରାମ। ଗ୍ରାମର ରୟାଲ କ୍ଲବ, ମା' ବ୍ରାହ୍ମଣୀ ଦେବୀ ସାହି, କୁଲାଡ ଛକ, ବିଗ୍‌ପଣ୍ଡ, ଫ୍ରେଣ୍ଡସ୍ କ୍ଲବ, ସାହାରା କ୍ଲବ, ଆଲୁମିନିୟମ ହାଇସ୍କୁଲ, ପ୍ରିନ୍ସ କ୍ଲବ, ବଣିକ ସଂଘ, ବାବା କ୍ଲବ ଆଦି ସ୍ଥାନରେ ଧୁମଧାମରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଚଳିତବର୍ଷ ବଣିକ ସଂଘ ପକ୍ଷରୁ ଲଡୁ ନିଲାମ ରଖାଯାଇଛି। କୁଲାଡ଼ ଛକ ପୂଜା କମିଟି ନୂତନ ଢଙ୍ଗରେ ସାଜସଜ୍ଜା କରିଛି। ମା' ବ୍ରାହ୍ମଣୀ ଦେବୀ ସାହି କେଦାରନାଥ ମନ୍ଦିର ସଦୃଶ ନିଆରା ତୋରଣ ପ୍ରସ୍ତୁତ କରିଛି। ସେହିପରି ବିଗ୍ ପଣ୍ଡ ୫ ହଜାର ମାଠିଆରେ ସୁସଜ୍ଜିତ ତୋରଣ ପ୍ରସ୍ତୁତ ସହ ପ୍ରତିଦିନ ସନ୍ଧ୍ୟାରେ ଗଙ୍ଗା ଆଳତୀ କରାଯାଉଛି।



## ଆକର୍ଷଣ ସାଜିଛି ତୋରଣ, ଆଲୋକମାଳା






ବଣ୍ଟରପାଳ,୭।୧୦(ସୁବାସ ସାହୁ)

ବଣ୍ଟରପାଳ ଅଞ୍ଚଳରେ ଧୁମଧାମରେ ସୋମବାର ବିଳମ୍ବିତ ରାତିରୁ ମା'ଲକ୍ଷ୍ମୀଙ୍କୁ ଆବାହନ କରାଯାଇଛି। ଚଳିତବର୍ଷ ୧୫ ମଣ୍ଡପରେ ପୂଜା ପାଉଛନ୍ତି ମା'ଧନଦାତ୍ରୀ। ଆକର୍ଷଣୀୟ ସାଜସଜ୍ଜା, ତୋରଣ ସହ ରଙ୍ଗିନ ଆଲୋକମାଳାରେ ସଜେଇ ହୋଇଛି ବଣ୍ଟରପାଳ ଅଞ୍ଚଳ। ଲକ୍ଷ୍ମୀପୂଜା କମିଟି, କାଳୀପୂଜା କମିଟି, କଲେଜ ଛକ, ଦୁର୍ଗାପୂଜା କମିଟି, ବଡ଼ ବଜାର, ସିଦ୍ଧେଶ୍ୱର ବଜାର, ଡେଲି ମାର୍କେଟ, ତାମଡା ବଜାର, ଧନଲକ୍ଷ୍ମୀ, ଶୁଭଲକ୍ଷ୍ମୀ, ଲକ୍ଷ୍ମୀନାରାୟଣ କମିଟି, ଗଣେଶ ବଜାର କମିଟି, ପଞ୍ଚଶ୍ରୀକ୍ଷେତ୍ର କମିଟି, ଜଗନ୍ନାଥ ବଜାରରେ ପୂଜା ଅନୁଷ୍ଠିତ ହେଉଛି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ସିସି କ୍ୟାମେରା ଲଗାଯାଇଛି। ଆସନ୍ତା ୧୫ ତାରିଖରେରେ ଭସାଣି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଭସାଣି ଶୋଭାଯାତ୍ରା ପୂର୍ବାହ୍ନ ୧୧ଟାରେ ଯାତ୍ରା ପଡ଼ିଆଠାରୁ ବାହାରି ସଜ୍ଜାରୋଡ଼, ୩ କୋଣିଆ ଛକରୁ ଥାନାଛକ ପର୍ଯ୍ୟନ୍ତ ଆସି ବିସର୍ଜନ ପାଇଁ ଯିବ ବୋଲି ସେଣ୍ଟ୍ରାଲ ପୂଜା କମିଟି କର୍ମକର୍ତ୍ତା ମାନସ ସାହୁ, ପ୍ରବୋଧ ସାହୁ, ନଟବର ବେହେରା, ଫୁଲୁକୁ ସିଂହ, ଉମେଶ ସାହୁ, ସୁଶୀଳ ନାଥ, ଅଖିଳ ମହାପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି। ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ଅନୁଗୋଳ ମେଳା ଉଦ୍‌ଘାଟିତ

ଅନୁଗୋଳ,୭।୧୦(ମାନସ ବିଶ୍ୱାଳ)


ଲକ୍ଷ୍ମୀପୂଜା ଅବସରରେ ଅନୁଗୋଳ ସହରସ୍ଥିତ ବିଜୁ ମୈଦାନଠାରେ ୧୨ତମ ଅନୁଗୋଳ ମେଳା ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ପାର୍ବଣ ଋତୁରେ ଅନୁଗୋଳବାସୀ ପୂଜା ବୁଲି ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ମେଳାରୁ ନିଜ ମନପସନ୍ଦର ଜିନିଷ କିଣି ଘରକୁ ନେଇପାରିବେ ବୋଲି ବିଧାୟକ ପ୍ରକାଶ କରିଥିଲେ। ଏହି ମେଳାରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲା ଯାଇଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ହସ୍ତତନ୍ତ , ହସ୍ତଶିଳ୍ପ, ପୋଷାକ, ଶାଢ଼ି, ଘରକରଣା, ଖେଳଣା ଓ ବୈଦ୍ୟୁତିକ ଆସବାବପତ୍ର ପ୍ରଦର୍ଶନୀ ସାଙ୍ଗକୁ ବିକ୍ରୟ କରାଯାଉଛି ବୋଲି ମେଳା ସଂଯୋଜକ ପ୍ରକାଶ କରିଛନ୍ତି। ଅକ୍ଟୋବର ୧୮ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ। ପ୍ରତି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ ହେବ।




ଅନୁଗୋଳ ବଜାର ଛକରେ ପୂଜା ପାଉଥିବା ଲକ୍ଷ୍ମୀ ନାରାୟଣ।



ଅନୁଗୋଳ କାଞ୍ଚନବଜାରଠାରେ ଲକ୍ଷ୍ମୀପୂଜା ଅବସରରେ ରାମଲାଲାଙ୍କ ମୂର୍ତ୍ତି।



ଡେଲି ମାର୍କେଟରେ ପୂଜା ପାଉଥିବା ମା' ଲକ୍ଷ୍ମୀ।



ଅନୁଗୋଳ ଲକ୍ଷ୍ମୀ ବଜାର ମେଢ଼।



ଅନୁଗୋଳ ପୁରୁଣା ବସ୍‌ଷ୍ଟାଣ୍ଡ ଲକ୍ଷ୍ମୀପୂଜା ମେଢ଼।



ଶାନ୍ତି ବଜାରରେ ଲକ୍ଷ୍ମୀ ନାରାୟଣ ମେଢ଼। (ଫଟୋ- ବୁବୁ)

## ଖଣି ଲିଜ୍‌ରେ ଚଞ୍ଚକତା
# ଶତାଧିକ କୋଟି ଅନାଦେୟ

**ଭୁବନେଶ୍ୱର,୭।୧୦ (ରବିନାରାୟଣ ଜେନା)**
ରାଜ୍ୟ ସରକାରଙ୍କ ରାଜସ୍ୱ ଉପର ପ୍ରମୁଖ ତଥା ସିଂହଭାଗ ଆସୁଛି ଖଣିଜ କ୍ଷେତ୍ରରୁ। ହେଲେ ଏହି କ୍ଷେତ୍ର ପ୍ରତି ସରକାରୀ ଅଧିକାରୀମାନେ ଯେତିକି ସଚେତନ ଓ ଯତ୍ନବାନ୍ ରହିବା କଥା ତାହା ଦେଖିବାକୁ ମିଳୁନାହିଁ। କେତେକ ଅଧିକାରୀ ସରକାରୀ ନିର୍ଦ୍ଦେଶନାମାକୁ ଠିକଣା ଭାବେ କାର୍ଯ୍ୟକାରୀ କରୁ ନ ଥିବାରୁ ସରକାରଙ୍କୁ ପ୍ରଭୂତ କ୍ଷତି ସହିବାକୁ ପଡୁଛି। କେଉଁଠି ଖଣି ଲିଜ୍‌ଧାରୀ ଓ ଅଧିକାରୀଙ୍କ ସଲାସୁତରା ଯୋଗୁ ଷ୍ଟାମ୍ପ୍‌ଡ୍ୟୁଟି ଠିକ୍ ଭାବେ ଆଦାୟ ହୋଇପାରୁ ନ ଥିବାବେଳେ ଆଉ କେତେକ କ୍ଷେତ୍ରରେ ଲିଜ୍‌ଧାରୀ ଟଙ୍କା ନ ଦେଇ ସମୟ ଗଡ଼ାଇ ଚାଲିଛନ୍ତି। ଫଳରେ ରାଜ୍ୟ ସରକାରଙ୍କୁ ଶତାଧିକ କୋଟି ଟଙ୍କାର ରାଜସ୍ୱ ହାନି ପହଞ୍ଚିଛି ବୋଲି ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ପକ୍ଷରୁ କୁହାଯାଇଛି।

ସିଏଜି ତଥ୍ୟ ଅନୁଯାୟୀ, ବଣାଇ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ନଥିପତ୍ର ଯାଞ୍ଚରୁ ଜଣାଯାଇଛି ଯେ, ମାର୍ଚ୍ଚ ୨୦୧୯ରୁ ୨୦୨୩ ମଧ୍ୟରେ ଖଣି ଯୋଜନାରେ ପରିବର୍ତ୍ତନ ମାଧ୍ୟମରେ ୭ଟି ଖଣିରେ ପ୍ରମୁଖ ଖଣିଜ ପଦାର୍ଥର ବାର୍ଷିକ ଉତ୍ପାଦନ ବୃଦ୍ଧି ପାଇଛି। ବୃଦ୍ଧି ତାରିଖରୁ ୪ ବର୍ଷ ଅବଧି ବିତିଯାଇଥିଲେ ହେଁ ୫ଟି ଖଣିର ଲିଜ୍‌ଧାରୀମାନେ ଷ୍ଟାମ୍ପ୍‌ଡ୍ୟୁଟି ଓ ପଞ୍ଜୀକରଣ ଶୁଳ୍କ ପଇଠ କରିନାହାନ୍ତି। ମାତ୍ର ୨ଟି ଖଣିର ଲିଜ୍‌ଧାରୀମାନଙ୍କ ଦ୍ୱାରା ପାର୍ଥକ୍ୟ ଷ୍ଟାମ୍ପ୍‌ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କ ଜମା କରାଯାଇଛି। ଏହି ୭ଟି ଖଣିର ଷ୍ଟାମ୍ପ୍‌ଡ୍ୟୁଟି ଓ ପଞ୍ଜୀକରଣ ମୂଲ୍ୟ ୧୭୯.୭୩ କୋଟି ଟଙ୍କା ବୋଲି ସିଏଜିଙ୍କ ପକ୍ଷରୁ କୁହାଯାଇଛି। ତେବେ ଏନେଇ ବଣାଇ ଉପନିବନ୍ଧକ ୩ଟି ଖଣିର ପାର୍ଥକ୍ୟ ଷ୍ଟାମ୍ପ୍‌ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କ ବାବଦରେ ୯୭.୯୨ କୋଟି ଟଙ୍କା ଆଦାୟ କରିଥିବା ବର୍ଣ୍ଣନା କରିଛନ୍ତି। ହେଲେ ଅବଶିଷ୍ଟ ଖଣିର ୮୧.୭୯ କୋଟି ଟଙ୍କା ସମ୍ପର୍କରେ ଉପନିବନ୍ଧକ କୌଣସି ଉତ୍ତର ଦେଇପାରିନାହାନ୍ତି। ସେହିପରି ୨୦ଟି ଖଣିର ଖାଦାନ ଲିଜ୍ ଦଲିଲ ସମୀକ୍ଷାବେଳେ ପରିଲକ୍ଷିତ ହୋଇଛି ଯେ, ଷ୍ଟାମ୍ପ୍‌ଡ୍ୟୁଟି ଓ ପଞ୍ଜୀକରଣ ଦେୟ ୧୩.୬୯ କୋଟି ଟଙ୍କା ଥିଲା। ମାତ୍ର ଯେତିକି ଟଙ୍କା ଉପନିବନ୍ଧକଙ୍କ ପକ୍ଷରୁ ଆଦାୟ କରାଯିବା କଥା ତାହା କରାଯାଇନାହିଁ। ୯୫.୮୬ ଲକ୍ଷ ରାଜସ୍ୱ ଆଦାୟ ହେବା ସ୍ଥଳେ ମାତ୍ର ୩୫ ଲକ୍ଷ ଟଙ୍କା ଆଦାୟ ହୋଇଥିଲା। ସମୀକ୍ଷାବେଳେ ଜଣାପଡ଼ିଥିଲା ଯେ, ଭୁଲ ଷ୍ଟାମ୍ପ୍‌ଡ୍ୟୁଟି ଓ ପଞ୍ଜୀକରଣ ଶୁଳ୍କ ଆକଳନ କରିବା ଯୋଗୁ ସରକାରଙ୍କୁ ପ୍ରଭୂତ କ୍ଷତି ସହିବାକୁ ପଡ଼ିଛି। ସେହିପରି କେତେକ ଜମି ଲିଜ୍ ଫଇସଲା ନ ହେବା ଯୋଗୁ ସରକାରଙ୍କୁ ୨୨.୯୯ କୋଟି ଟଙ୍କାର ରାଜସ୍ୱହାନି ସହିବାକୁ ପଡ଼ିଛି। ସିଏଜିଙ୍କ ପକ୍ଷରୁ ପୁଣି କୁହାଯାଇଛି ରାଜ୍ୟ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଯୋଗୁ ୧୯୯୨ରୁ ୧୯୯୭ ମଧ୍ୟରେ ରୁଜୁ ହୋଇଥିବା ମାମଲା ପ୍ରକ୍ରିୟା ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ତ୍ରୁଟିମୁକ୍ତ ହୋଇପାରିନାହିଁ। ଫଳରେ ସରକାରଙ୍କୁ ୨୨.୯୯ କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡ଼ିଛି।

## ଭାଜପା ସରକାର ଆସିବା ଦିନରୁ ଗଞ୍ଜାମରେ ୧୨୮ ହତ୍ୟାକାଣ୍ଡ ଘଟିଲାଣି: ବିଜେଡି



ଭୃଗୁ ବକ୍ସିପାତ୍ର

**ଭୁବନେଶ୍ୱର, ୭।୧୦(ସୁନିତ୍ ମିଶ୍ର)**
ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଗତ ସପ୍ତାହକରେ ଅଣାୟତ୍ତ ହୋଇପଡ଼ିଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଛନ୍ତି, ଗତ ସପ୍ତାହରେ ଧାରାବାହିକ ଭାବେ ଘଟିଥିବା ଅପରାଧଗୁଡ଼ିକ ଉପରେ ଅବଲୋକନ କଲେ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ସ୍ପଷ୍ଟ ହୁଏ। କିନ୍ତୁ ରାଜ୍ୟ ଭାଜପା ସରକାର ନିଦାବିଷ୍ଟୁ ସାଜି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ବିରୋଧୀ ଦଳର ଚିତ୍କାର ସେମାନଙ୍କ କର୍ଣ୍ଣପାତ ହେଉନାହିଁ। ସୋମବାର ସନ୍ଧ୍ୟାରେ ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁର ସହରରେ ଭାଜପାର ଜଣେ ଆଗଧାଡ଼ିର ନେତା ତଥା ଜଣେ ରାଜ୍ୟ ବାର୍ କାଉନସିଲର ସଦସ୍ୟ ପୀତବାସ ପଣ୍ଡାଙ୍କୁ ୨ ଜଣ ଦୁର୍ବୃତ୍ତ ଅତି ନିକଟରୁ ଗୁଳିକରି ହତ୍ୟାକରିଛନ୍ତି। ଏହି ଘଟଣାକୁ ୨୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଅପରାଧୀଙ୍କ କୌଣସି ଟେର୍ ପୋଲିସ ପାଇନାହିଁ। ଗତ ୨୪ ଘଣ୍ଟାରେ ଗଞ୍ଜାମ ଜିଲାରେ ୩ଟି ହତ୍ୟାକାଣ୍ଡ ଘଟିଛି। ଭାଜପା ସରକାର ଆସିବା ପରଠାରୁ କେବଳ ଗଞ୍ଜାମରେ ୧୨୮ହତ୍ୟାକାଣ୍ଡ ଘଟିଲାଣି। ଗଞ୍ଜାମ ଜିଲାରେ ଲଘୁ ଖଣିଜ ସମ୍ପଦ ଯଥା ବାଲି, ଚିପ୍ସ ଇତ୍ୟାଦି ଜିନିଷର ଚୋରି ଲୁଟତରାଜ ଅହେତୁକ ବୃଦ୍ଧିପାଇଛି। ଏହା ଯୋଗୁ ଅପରାଧ ଦିନକୁ ଦିନ ବୃଦ୍ଧି ପାଇଛି। ରାଜ୍ୟ ଭାଜପା ସରକାରଙ୍କ ପ୍ରାୟୋଜନରେ ଏହି ଲୁଟତରାଜ ଚାଲିଛି ଓ ଏଥିଯୋଗୁ ଗଞ୍ଜାମ ଅପରାଧୀଙ୍କ ଚରାଭୂଇଁ ପାଲଟିଛି ବୋଲି ଭୃଗୁ କହିଛନ୍ତି।

## ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ

**ବଇଣ୍ଡା, ୭।୧୦ (ପରିକ୍ଷିତ ସାହୁ)**
ଅନୁଗୋଳ ଜିଲା କିଶୋରନଗର ବ୍ଲକ ଗୁରୁଜାଙ୍ଗ ଗ୍ରାମରେ ବାମୁର ବନାଞ୍ଚଳ ଓ ବିଶ୍ୱ ଯୁବକେନ୍ଦ୍ର ତରଫରୁ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ମଙ୍ଗଳବାର ପାଳିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ସ୍ୱାଧୀନ ସାମଲ ଜଙ୍ଗଲ ସୁରକ୍ଷା, ଖାଦ୍ୟ ଶୃଙ୍ଖଳ, ବନ୍ୟଜନ୍ତୁଙ୍କ ସୁରକ୍ଷା, ଜୈବ ବିବିଧତା ଓ ବନ ସୁରକ୍ଷା ସମିତିର ଭୂମିକା ଉପରେ ଆଲୋକପାତ କରିଥିଲେ। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ବନ୍ୟଜନ୍ତୁଙ୍କ ସୁରକ୍ଷା, ଅଗ୍ନି ଦାଉରୁ ଜଙ୍ଗଲ ରକ୍ଷା ଓ ବନ ସୁରକ୍ଷା ସମିତିକୁ ସୁଦୃଢ଼ କରିବା ସହିତ ବନ୍ୟଜନ୍ତୁ, ସରିସୃପ ଓ ପକ୍ଷୀମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଗୋଷ୍ଠୀ ବିକାଶ ଅଧିକାରୀ ବିନୀତା ତିରକୀ ଧନ୍ୟବାଦ ଅର୍ପଣ କରିଥିଲେ। ବନପାଳ ରତ୍ନାକର ସାହୁ, ଗୋଷ୍ଠୀ ବିକାଶ ଅଧିକାରୀ ପ୍ରୀତି ପରମାଣିକ, ବନ ସହାୟିକା କବିତା ମଲିକ ଓ ରଶ୍ମିତା ବେହେରା, ବନ ସୁରକ୍ଷା ସମିତି ସଭାପତି ଗୌରଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଅତିଥିମାନେ।

## ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ

**ଢେଙ୍କାନାଳ,୭।୧୦(ରତନ ନାୟାର)**
ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲାଉଲାଇସ୍ଥିତ ପ୍ରିୟ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଫିଜିଓଥେରାପି ସେଣ୍ଟରଠାରେ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ସୋମବାର ପାଳିତ ହୋଇଯାଇଛି। ନିର୍ଦ୍ଦେଶକ ଟଙ୍କଧର ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଦିବସରେ ଫିଜିଓଥେରାପିଷ୍ଟ ନିବେଦିତା ନାୟକ, ସାହିଲ ଆଫ୍ରିଡ, ସତ୍ୟପ୍ରକାଶ ନାୟକ ଯୋଗଦେଇ ଦିବ୍ୟାଙ୍ଗ ଶିଶୁମାନଙ୍କୁ ଥେରାପି ପ୍ରଦାନ କରିଥିଲେ। ଶିଶୁମାନଙ୍କ ଠିକ୍ ଯତ୍ନ ନେବା, ପରିଷ୍କାର ପରିଚ୍ଛନ୍ନ ରହିବା ପାଇଁ ଫିଜିଓଥେରାପିଷ୍ଟ ସାହିଲ୍ ଆଫ୍ରିଦ୍ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ଡା. ହରିହର ଦାସଙ୍କ ଦ୍ୱାରା ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପ୍ରୋଟିନ, ବିସ୍କୁଟ ଓ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଇଲନପ୍ରଭା ସେନାପତି, ଅନ୍ନପୂର୍ଣ୍ଣା ଧଳ, ସୋନାଲି ଧଳ, ସ୍ୱାଗତିକା ରାଉତ, ଲକ୍ଷ୍ମୀପ୍ରିୟା ନାୟକ, ରବୀନ୍ଦ୍ର କୁମାର ସାମଲ, ବୈକୁଣ୍ଠ ନାଥ ପାତ୍ର, ପର୍ଶୁରାମ ଦାସ, ପ୍ରକାଶ ସାମଲ ପରିଚାଳନା କରିଥିଲେ।



ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳନ କରାଯାଉଛି।

## କୋମ୍ବିଂବେଳେ ଧରାପଡ଼ିଲେ ୩ ମାଓବାଦୀ

**ମାଲକାନଗିରି, ୭।୧୦ (ଦୁର୍ଯ୍ୟୋଧନ ପାତ୍ର)**
ଛତିଶଗଡ଼ ଦନ୍ତେୱାଡା ଜିଲାରେ କୋମ୍ବିଂ ବେଳେ ଯବାନମାନେ ୩ଜଣ ମାଓବାଦୀଙ୍କୁ ଧରିଛନ୍ତି। ସେମାନେ ହେଲେ ସନ୍ତୁ ମାଡ଼ବୀ, ମଣିରାମ ଓରଫ ମନିଷ ଓ ସୁଖମନ ମାଡ଼ବି। ସାତଧାର ପୋଲ ନିକଟରେ ଆଇଡି ବିସ୍ଫୋରଣରେ ୨ ଯବାନ ଶହୀଦ ଘଟଣାରେ ସେମାନଙ୍କ ସମ୍ପୃକ୍ତି ଥିଲା। ତେବେ ଏହି ତିନିଜଣଙ୍କ ନିକଟରୁ ଗୋଟିଏ ୫ କେଜି ଓଜନର ଆଇଇଡି, ଏହାକୁ ଖଞ୍ଜିବା ନିମନ୍ତେ ବ୍ୟବହାର ହେଉଥିବା ଶାବଳ ଓ ଅନ୍ୟ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଜବତ ଆଇଇଡିକୁ ନିଷ୍କ୍ରିୟ କରାଯାଇଥିବା ପୋଲିସ ସୂଚନା ଦେଇଛି। ସିଆର୍‌ପିଏଫ୍ ୧୯୫ ବାହିନୀ ଦନ୍ତେୱାଡା ଜିଲା ବାରସୁର ଓ ମାଲେବାହୀ ଥାନା ପୋଲିସ ମିଳିତଭାବେ ମାଲେବାହୀ କ୍ୟାମ୍ପରୁ ସାତଧାର ଜଙ୍ଗଲ ଅଭିମୁଖେ କୋମ୍ବିଂ ଅପରେସନକୁ ବାହିରଥିଲେ। ଏହି ସମୟରେ କିଛି ବ୍ୟକ୍ତି ସନ୍ଦେହଜନକ ଭାବେ ଏଣେତେଣେ ବୁଲୁଥିବା ଦେଖି ସେମାନଙ୍କୁ ଧରି ପଚରାଉଚରା କରିଥିଲେ। ଉକ୍ତ ବ୍ୟକ୍ତିମାନେ ନିଜକୁ ମାଓବାଦୀ ବୋଲି ପରିଚୟ ଦେଇଥିଲେ। ତୁରନ୍ତ ସୁରକ୍ଷା ବାହିନୀ ସେମାନଙ୍କୁ ଗିରଫ କରିଥିଲେ।

## ୨୪ ଶିକ୍ଷକଙ୍କ ବଦଳି ବାତିଲ କଲେ ଜିଲା ଶିକ୍ଷାଧିକାରୀ
### ବେଆଇନ ଭାବେ ବଦଳି ନେଇ ହୋଇଥିଲା ଅଭିଯୋଗ

**ପାଲଲହଡ଼ା,୭।୧୦ (ଦିବ୍ୟଜ୍ୟୋତି ଦାଶ)**
ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡର ୨୪ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି ଆଦେଶ ବାତିଲ ହୋଇଛି। ଗତ ଅଗଷ୍ଟ ୧୮ରୁ ସେପ୍ଟେମ୍ବର ୧୩ ମଧ୍ୟରେ ପାଲଲହଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ସମ୍ପୃକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅନ୍ୟ ୨୪ଟି ବିଦ୍ୟାଳୟକୁ ଡେପୁଟେଶନ ମାଧ୍ୟମରେ ବଦଳି ପାଇଁ ୨୧ ଗୋଟି ବଦଳି ଆଦେଶ ବାହାରିଥିଲା। ତତ୍କାଳୀନ ବ୍ଲକ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶୈଳେନ୍ଦ୍ର ସିଂ ଏହି ବଦଳି କରିଥିଲେ। ହେଲେ ଏପରି ବଦଳିକୁ ବେଆଇନ ଓ ଅର୍ଥ କାରବାର ହୋଇଥିବା ଦର୍ଶାଇ କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକ ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଘଟଣାର ତଦନ୍ତ କରିବା ପରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ସମସ୍ତ ବଦଳି ଆଦେଶକୁ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ବର୍ତ୍ତମାନର ବ୍ଲକ ଶିକ୍ଷାଧିକାରୀ ସତ୍ୟବାଦୀ ସାମଲ ଚିଠି ସଂଖ୍ୟା ୨୦୩୦/୨୫।୯।୨୦୨୫ରେ ସମସ୍ତ ବଦଳି ଆଦେଶକୁ ବେଆଇନ ଦର୍ଶାଇ ବାତିଲ କରିଛନ୍ତି।

ସୂଚନା ଅନୁଯାୟୀ, ଗତ ଜୁଲାଇ ୩୧ରେ ପାଲଲହଡ଼ା ବ୍ଲକ ଶିକ୍ଷା ଅଧିକାରୀ ଅଞ୍ଜଳିପ୍ରିୟା ପ୍ରଧାନ ଅବସର ନେଇଥିଲେ। ଏହାପରଠାରୁ ୧୫ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶୈଳେନ୍ଦ୍ର ସିଂ ବ୍ଲକ ଶିକ୍ଷା ଅଧିକାରୀ ଦାୟିତ୍ୱରେ ରହିଥିଲେ। ଏହି ସମୟ ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ସିଂ ୨୪ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବଦଳି କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ନୂତନ ବିଦ୍ୟାଳୟରେ ଯୋଗଦାନ ମଧ୍ୟ କରିଥିଲେ। ବଦଳି ହୋଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଜଣେ ବୁଥ୍ ଲେବଲ ଅଫିସର (ବିଏଲ୍‌ଓ) ଦାୟିତ୍ୱରେ ଥିବା ଶିକ୍ଷକ ମଧ୍ୟ ସାମିଲ ଥିଲେ। ନିୟମ ଅନୁସାରେ ବିଏଲ୍‌ଓ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି ନିର୍ବାଚନ ଅଧିକାରୀ ତଥା ପାଲଲହଡ଼ା ଉପଜିଲାପାଳଙ୍କ ଅନୁମତିରେ ହେବା କଥା। କିନ୍ତୁ ବଦଳି ଆଦେଶରେ ତାହା ପାଳନ କରାଯାଇ ନ ଥିଲା। ଏପରି ବେଆଇନ ବଦଳି ନେଇ କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକ ଜିଲା ଶିକ୍ଷା ଅଧିକାରୀ ସାହୁଙ୍କ ନିକଟରେ ଅଭିଯୋଗ କରିଥିଲେ। ଫଳରେ ଜିଲା ଶିକ୍ଷାଧିକାରୀ ଏହାର ତଦନ୍ତ କରିବା ପରେ ଚିଠି ସଂଖ୍ୟା ୮୦୭୪/୨୦।୦୯।୨୦୨୫ରେ ସମସ୍ତ ବଦଳି ଆଦେଶ ବାତିଲ କରିବା ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶନାମା ଆଧାରରେ ନୂତନ ବ୍ଲକ ଶିକ୍ଷାଧିକାରୀ ସତ୍ୟବାଦୀ ସାମଲ ସମସ୍ତ ବଦଳି ଆଦେଶକୁ ବେଆଇନ ଦର୍ଶାଇ ବାତିଲ କରିଥିଲେ। ଫଳରେ ବଦଳି ହୋଇଥିବା ୨୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ମୂଳ ବିଦ୍ୟାଳୟକୁ ଫେରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶୈଳେନ୍ଦ୍ର ସିଂ କହିଛନ୍ତି, ବିଦ୍ୟାଳୟଗୁଡ଼ିକର ସୁପରିଚାଳନା ପାଇଁ ବଦଳିର ଆବଶ୍ୟକତା ଥିଲା। ତେଣୁ ବଦଳି କରାଯାଇଥିଲା। କୌଣସି ଅର୍ଥ କାରବାର ହୋଇନାହିଁ। ଜିଲା ଶିକ୍ଷା ଅଧିକାରୀ ସାହୁ କହିଛନ୍ତି, ବେଆଇନ ଭାବେ ଏହି ବଦଳି ହୋଇଥିଲା। ତେଣୁ ଅଭିଯୋଗ ଆସିବା ପରେ ତଦନ୍ତ କରାଯାଇ ସମସ୍ତ ବଦଳି ବାତିଲ କରାଯାଇଛି।

## ଅପରାଧ

## ଟ୍ରେନ୍ ଲାଇନ କଡ଼ରେ ମହିଳାଙ୍କୁ ବଳାତ୍କାର

**ରାଉରକେଲା, ୭।୧୦(ସଙ୍ଗୀତା ଜେନା)**
ରାଉରକେଲା ପୋଲିସ ଜିଲା ଅଧୀନ ରଘୁନାଥପାଲୀ ଥାନା ଅଞ୍ଚଳରେ ସୋମବାର ରାତି ପ୍ରାୟ ୯ଟାରେ ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୋଏଲବ୍ୟାଙ୍କ ଅଞ୍ଚଳର କାହ୍ନୁ ଚରଣ ଜେନା(୩୨)। ତାଙ୍କୁ ମଙ୍ଗଳବାର ସନ୍ଧ୍ୟା ୭ଟାରେ ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରାଯାଇଛି। ପୋଲିସ ଅନ୍ୟ ୨ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସେହିପରି ପୂର୍ବାହ୍ନ ୧୧ଟାରେ ପୀଡ଼ିତା ମହିଳାଙ୍କ ଡାକ୍ତରୀ ମାଇନା ପରେ କୋର୍ଟରେ ବୟାନ ରେକର୍ଡ କରାଯାଇଛି। ଏ ନେଇ ରଘୁନାଥପାଲୀ ଥାନାରେ ଏକ ମାମଲା (ନଂ.୫୬୪/୨୫) ରୁଜୁ ହୋଇଛି।


ଗିରଫ ଅଭିଯୁକ୍ତ

ପୋଲିସ ସୂଚନା ଅନୁଯାୟୀ, ମହିଳା ଜଣଙ୍କ ପାନପୋଷ ଅଞ୍ଚଳରେ ଘରୋଇ କାମ କରନ୍ତି। ଗିରଫ ଅଭିଯୁକ୍ତ, ଅଟକ ଯୁବକ ଦ୍ୱୟ ଏବଂ ପୀଡ଼ିତା ମହିଳା ପରସ୍ପର ପରିଚିତ ଅଟନ୍ତି। ମହିଳା ଜଣଙ୍କ ମଙ୍ଗଳବାର ରାତି ପ୍ରାୟ ୯ଟାରେ କାମ ସାରି ଘରକୁ ଫେରୁଥିବା ବେଳେ ଏସ୍‌ଟିଆଇ ଓଭରବ୍ରିଜ୍ ଖରିଆବାହାଲ ବସ୍ତି ରେଳ ଲାଇନ ପାର୍ଶ୍ୱରେ ଅଭିଯୁକ୍ତ କାହ୍ନୁ ଚରଣ ତାଙ୍କୁ ପ୍ରଲୋଭିତ କରି ବଳାତ୍କାର କରିଥିଲେ। ତାଙ୍କ ସହଯୋଗୀମାନେ ବଳାତ୍କାର କରିବାକୁ ଉଦ୍ୟମ କଲାବେଳେ ମହିଳା ଜଣଙ୍କ ସେଠାରୁ କୌଣସି ପ୍ରକାରେ ଖସିଆସି ରଘୁନାଥପାଲୀ ଥାନାରେ ରାତି ପ୍ରାୟ ୨ଟା ୪୫ ମିନିଟ୍‌ରେ ଅଭିଯୋଗ କରିଥିଲେ। ପୋଲିସ ତନାଘନା କରି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା। ଜଣେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ଅନ୍ୟ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ସେମାନଙ୍କ ସମ୍ପୃକ୍ତି ଥିଲେ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ ଗ୍ରହଣ କରାଯିବ ବୋଲି ପାନପୋଷ ଏସ୍‌ଡିପିଓ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି।

## ଗାଡ଼ି ଧକ୍କାଦେଇ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ

**ବଲାଙ୍ଗୀର/ଟିଟିଲାଗଡ଼,୭।୧୦ (ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)**
ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରର ଜଣେ ବ୍ୟବସାୟୀ ସ୍କୁଟିରେ ଯାଉଥିବା ବେଳେ ତାଙ୍କୁ ଏକ ନମ୍ବରବିହୀନ ବୋଲେରୋ ପଛପଟୁ ଧକ୍କା ଦେଇ ହତ୍ୟା ଉଦ୍ୟମ କରିଥିବା ନେଇ ଟିଟିଲାଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ତଦନ୍ତ କରି ପୋଲିସ ଟିଟିଲାଗଡ ସହରର ଜଣାଶୁଣା ଠିକାଦାର ଅଙ୍କୁର ଅଗ୍ରୱାଲଙ୍କୁ ଗିରଫ କରି ମଙ୍ଗଳବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଥିବା ଜଣାପଡିଛି।

ଅଭିଯୋଗ ଅନୁଯାୟୀ, ଗତ ୨୮ ତାରିଖ ରାତି ପ୍ରାୟ ୯ଟା ୧୫ ମିନିଟ ସମୟରେ ଏକ ଧଳା ରଙ୍ଗର ନମ୍ବରବିହୀନ ବୋଲେରୋ ଟିଟିଲାଗଡ଼ ସହରର ଏକ ହୋଟେଲ ନିକଟରେ ଆସି ଅଟକି ଥିଲା। ଏହି ହୋଟେଲରୁ ଶିବଦୟାଲ ତାଙ୍କର ସ୍କୁଟି (ନଂ ଓଡି୦୩ଟି ୩୯୫୬)ରେ ନିଜ ଘରକୁ ଫେରୁଥିଲେ। ଘରେ ପହଞ୍ଚିବାକୁ ଆଉ ପ୍ରାୟ ୧ କିଲୋମିଟର ଥିବା ବେଳେ ଶିବଦୟାଲଙ୍କ ସ୍କୁଟିକୁ ପଛରୁ ପିଛା କରୁଥିବା ଉକ୍ତ ନମ୍ବରବିହୀନ ବୋଲେରୋ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ପଡିଯାଇ ଆହତ ହୋଇଥିଲେ। ସ୍କୁଟିଟି ଭାଙ୍ଗି ଯାଇଥିଲା। ଧକ୍କା ଦେବା ପରେ ବୋଲେରୋଟି ସେଠାରୁ ଫେରାର ହୋଇଯାଇଥିଲା। ଏହାପରେ ଆହତ ଶିବଦୟାଲ ଟିଟିଲାଗଡ ହସ୍ପିଟାଲ ଯାଇ ଚିକିତ୍ସିତ ହୋଇଥିଲେ। ଏ ନେଇ ଗତ ୪ ତାରିଖ ଦିନ ସେ ଟିଟିଲାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କୁ କେହି ଗାଡ଼ି ଧକ୍କା ଦେଇ ହତ୍ୟା ଉଦ୍ୟମ କରିଥାଇପାରେ ବୋଲି ସନ୍ଦେହ କରିଥିଲେ। ଅଭିଯୋଗ ପାଇଲା ପରେ ପୋଲିସ ସିସିଟିଭି ଫୁଟେଜ୍, ସାଇବର ଇନ୍‌ପୁଟର ତଥ୍ୟକୁ ଆଧାର କରି ପୋଲିସ ବିଏନ୍‌ଏସ୍‌ର ଧାରା ୧୦୯ ଦଫାରେ ଏକ ମାମଲା (୩୪୭/୨୫) ରୁଜୁ କରିଥିଲା। ତଦନ୍ତ ପରେ ପୋଲିସ ଟିଟିଲାଗଡ ସହରର ଜଣାଶୁଣା ଠିକାଦାର ଅଙ୍କୁରଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ତେବେ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଟିଟିଲାଗଡ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଅଙ୍କୁରଙ୍କୁ ସ୍ଥାନୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। କେଉଁ କାରଣରୁ ଅଭିଯୁକ୍ତ ଜଣଙ୍କ ଗାଡି ଧକ୍କା ଦେଇ ଅଭିଯୋଗକାରୀଙ୍କୁ ହତ୍ୟା ଉଦ୍ୟମ କରିଥିଲେ ସେନେଇ ତଦନ୍ତ ଜାରି ରହିଛି। ବଲାଙ୍ଗୀର ଏସ୍‌ପି ଅଭିଳାଷ ଜୀଙ୍କୁ ଘଟଣା ସଂକ୍ରାନ୍ତରେ ପଚରାଯିବାରୁ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ସୂଚନା ଦେଇଛନ୍ତି।


ଗିରଫ ଅଭିଯୁକ୍ତ ଅଙ୍କୁର ଅଗ୍ରୱାଲ।

## ବୋଲେରୋ ସହ ୧୦ କୁଇଣ୍ଟାଲ ୨୩ କେଜି ଭାଙ୍ଗ ଜବତ

**ନୟାଗଡ, ୭।୧୦(ଲୋକନାଥ ମିଶ୍ର)**
ଇଟାମାଟି ପୋଲିସ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ କଡ଼ରୁ ୧୦ କୁଇଣ୍ଟାଲ ୨୩ କେଜି ଭାଙ୍ଗ ମଙ୍ଗଳବାର ଜବତ କରିଛି। ଜବତ ଭାଙ୍ଗ ୩୩ଟି ଜରି ବସ୍ତାରେ ପିକ୍‌ଅପ୍ ଭ୍ୟାନ୍‌ରେ ରହିଥିଲା। ଭ୍ୟାନ୍‌ଟିକୁ ରଖି ଡ୍ରାଇଭର ଫେରାର ହୋଇଯାଇଥିଲେ। ଖବର ପାଇ ଇଟାମାଟି ଥାନା ପୋଲିସ ମୟୂର ହୋଟେଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ଓଆର୦୭ୟୁ ୪୨୪୭ ନଂ. ବୋଲେରୋ ସହ ଭାଙ୍ଗ ଜବତ କରିଛି। ନଂ. ୩୬୬/୨୫ରେ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ କରୁଛି।

## ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୭।୧୦(ପରିକ୍ଷିତ ସାହୁ)**
ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପେଡ଼ିପଥର ଗ୍ରାମର ଲିପି ଗୋଚ୍ଛାୟତଙ୍କୁ ଲବଣୀ ନାୟକ, ରମା ବାଘ, ସରୋଜ ନାୟକ ମାଡ ମାରିବା ସହ ଟାଙ୍ଗିଆରେ ଆକ୍ରମଣ କରିଥିବା ଲିପି ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୭୬/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଲିପି ଏକ ମହିଳା ସଂଘର କର୍ମକର୍ତ୍ତା ଅଛନ୍ତି। ସଂଘ ବୈଠକରେ ଲିପି ଋଣ ନେଇଥିବା ଲବଣୀଙ୍କୁ ସମସ୍ତ ଋଣ ଟଙ୍କା ପରିଶୋଧ କରିବା ପାଇଁ କହିଥିଲେ। ଏହାକୁ ନେଇ ଲବଣୀ, ରମା, ସରୋଜ ତାଙ୍କୁ ମାଡ଼ ମାରିବା ସହ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି। ଅପରପକ୍ଷରେ ଲବଣୀ ଏକ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କୁ ଲକ୍ଷ୍ମୀଧର ଗୋଚ୍ଛାୟତ, ସହଦେବ ଗୋଚ୍ଛାୟତ, ଲିପୁନ ଗୋଚ୍ଛାୟତ, ଝରଣା ନାୟକ, ଲିପି ଗୋଚ୍ଛାୟତ, ଭବାନୀ ଗୋଚ୍ଛାୟତ, ହିନ ଗୋଚ୍ଛାୟତ ମାଡ ମାରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି। ନମ୍ବର ୨୭୭/୨୫ରେ ଏକ ମାମଲା ରୁଜୁ କରାଯାଇଛି।

## ହାଇପ୍ରୋଫାଇଲ ଠକ ଗିରଫ
### ଏସ୍‌ପିଜି କମାଣ୍ଡୋ ଚିଫ୍ ପରିଚୟ ଦେଇ ଠକୁଥିଲେ

**ରାଉରକେଲା,୭।୧୦(ସଙ୍ଗୀତା ଜେନା)**
ଜାମଶେଦପୁର ଅଞ୍ଚଳରୁ ରାଉରକେଲା ଆସି ନିଜକୁ ଏସ୍‌ପିଜି କମାଣ୍ଡୋ ଚିଫ୍ ପରିଚୟ ଦେଇ ବହୁ ତାରକା ହୋଟେଲରେ ରହୁଥିଲେ। ବିଭିନ୍ନ ହୋଟେଲ, ଶୋ ରୁମ୍‌କୁ ଯାଇ ଅସଲି ସ୍କାନରରେ ଏଡିଟ୍ କରି ଫେଲ୍ ପେମେଣ୍ଟକୁ ସମ୍ପୂର୍ଣ୍ଣ ହୋଇଥିବା ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ କରୁଥିଲେ। ଏପରି ଜଣେ ହାଇପ୍ରୋଫାଇଲ ଠକଙ୍କୁ ରାଉରକେଲା ଉଦିତନଗର ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ପି. ବରଦା ସୁଧୀର(୨୧)। ତାଙ୍କଠାରୁ ସ୍କାନର ଏଡିଟ୍ ସ୍କ୍ରିନ୍‌ଶର୍ଟ, ବିଭିନ୍ନ ହୋଟେଲ ଏବଂ ଶୋ ରୁମ୍‌ର ବିଲ୍ ଜବତ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୩୨୬/୨୫) ରୁଜୁ କରି ମଙ୍ଗଳବାର ଅପରାହ୍ନ ୫ଟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।


ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

ପୋଲିସ ସୂଚନା ଅନୁସାରେ, ସୋମବାର ସନ୍ଧ୍ୟାରେ ଉକ୍ତ ଠକ ବ୍ୟକ୍ତି ଜାମଶେଦପୁରରୁ ରାଉରକେଲା ଆସି ନିଜକୁ ଏସ୍‌ପିଜି କମାଣ୍ଡୋ ଚିଫ୍ ଭାବେ ପରିଚୟ ଦେଇଥିଲେ। ସେ ଛେଣ୍ଡସ୍ଥିତ ମେ ଫେୟାର ହକି ଭିଲେଜ୍‌ରେ ରହିବାକୁ ଯାଇ ସେଠାରେ ମିଥ୍ୟା ପରିଚୟ ଦେଇଥିଲେ। ତାଙ୍କୁ ପରିଚୟ ପତ୍ର ମଗାଯିବାରୁ ସେ ପ୍ରୋଟୋକଲ ଭାଙ୍ଗିବା ଦ୍ୱାହିଦେଇ ତାହା ଦେଇ ନ ଥିଲେ। ବୁଲିବାକୁ ଯିବା ପାଇଁ ଏକ ଘରୋଇ କାର୍ ମଧ୍ୟ ସେ ଭଡାରେ ନେଇଥିଲେ। ପରେ ସେ ସିଭିଲ ଟାଉନଶିପ୍ ସ୍ଥିତ ମେ ଫେୟାରକୁ ଯାଇ ସେଠାରେ ଖାଦ୍ୟ ଅର୍ଡର ଦେଇ ଚଞ୍ଚକତା କରିଥିଲେ। ଏହାପରେ ବିଭିନ୍ନ ଶୋ ରୁମ୍‌ରୁ ସାର୍ଟ ପ୍ୟାଣ୍ଟ କିଣି ଅନ୍‌ଲାଇନ ପେମେଣ୍ଟରେ ଠକିଥିଲେ। ପରବର୍ତ୍ତୀ ସମୟରେ ପେମେଣ୍ଟ ନ ଆସିବାରୁ ଶୋ ରୁମ୍ କର୍ମଚାରୀମାନେ ତାଙ୍କୁ ପିଛାକରି କାବୁ କରିବା ପରେ ପୋଲିସକୁ ହସ୍ତାନ୍ତର କରିଥିଲେ। ତେବେ ଗିରଫ ଅଭିଯୁକ୍ତଙ୍କ ରେକର୍ଡ ଯାଞ୍ଚ କରାଯାଉଛି ବୋଲି ଉଦିତନଗର ଥାନାଧିକାରୀ ଦିଲୀପ ଲାକ୍ରା ସୂଚନା ଦେଇଛନ୍ତି।

## ଶିକାରୀ ଗିରଫ, ବନ୍ଧୁକ ଜବତ



ବନ୍ଧୁକ ଜବତ ସହ ଗିରଫ ହୋଇଥିବା ଶିକାରୀ।

**ବନ୍ତଲା,୭।୧୦(ସୁଶିତ ସାହୁ)**
ଅନୁଗୋଳ ଜିଲା ବନ୍ତଲା ବନାଞ୍ଚଳ ପମ୍ପାସର ସେକ୍ସନ ବଲଙ୍ଗ ପଞ୍ଚାୟତ ଲବଙ୍ଗି ଡିପିଏଫ୍ ତଳି ଅଞ୍ଚଳରୁ ବନ୍ତଲା ବନ ବିଭାଗ କର୍ମଚାରୀ ସୋମବାର ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ଗିରଫ ଶିକାରୀ ହେଲେ ଉକ୍ତ ଅଞ୍ଚଳର ବାବୁଲା ଦେହୁରୀ(୨୪)। ତାଙ୍କ ଠାରୁ ଏକ ବନ୍ଧୁକ ଜବତ କରାଯାଇଛି। ବନ ବିଭାଗ ସୂତ୍ରରୁ ପ୍ରକାଶ, ଅପରାହ୍ନରେ ଫରେଷ୍ଟର ତ୍ରିନାଥ ଭୋଇ କର୍ମଚାରୀଙ୍କ ସହ ପାଟ୍ରୋଲିଂ କରୁଥିବାବେଳେ ଲବଙ୍ଗି ଗାଁ ଜଙ୍ଗଲ ଭିତରେ ବାବୁଲା ବନ୍ଧୁକ ଧରି ବୁଲୁଥିବା ଦେଖିବାକୁ ପାଇଥିଲେ। ତାଙ୍କୁ କାବୁ କରି ପଚରାଉଚରା କରାଯିବା ବେଳେ ବାବୁଲା ପାଲଟା ଆକ୍ରମଣ କରିଥିଲେ। ଫରେଷ୍ଟ ଗାର୍ଡ ଆଦିକନ୍ଦ ପ୍ରଧାନ, ଚିନ୍ମୟ ତରାଇ, ଗଜସାଥୀ ମାୟାଧର ବେହେରା ପ୍ରମୁଖ ତାଙ୍କୁ କାବୁକରି ବନ୍ତଲା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ସ୍ୱତନ୍ତ୍ର ଟିମ୍ ତାଙ୍କୁ ପଚରାଉଚରା କରିବା ସହ ଅଧିକ ତଦନ୍ତ ଜାରି ରଖିଥିବା ବନାଞ୍ଚଳ ଇନ୍‌ଚାର୍ଜ ଅଧିକାରୀ ଶ୍ରୀନିବାସ ସାହୁ ପ୍ରକାଶ କରିଛନ୍ତି।

## ଛୁରାମାଡ଼ ଘଟଣାରେ ଜଣେ ଗିରଫ

**ଛେଣ୍ଡିପଦା,୭।୧୦(ଅଜିତ ଧଳ)**
ଅନୁଗୋଳ ଜିଲା ବାଗଡିଆ ଥାନା ଚାଉଁରିଆପାଳ ଗାଁରେ ଉଧାର ଟଙ୍କାକୁ କେନ୍ଦ୍ରକରି ସାଙ୍ଗର ଛୁରା ମାଡ଼ରେ ୩ ସାଙ୍ଗ ଗୁରୁତର ଘଟଣାରେ ପୋଲିସ ଅଭିଯୁ ଚାଉଁରିଆପାଳ ଗାଁର ଲମ୍ବୋଦର ସାହୁ(୩୧)ଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଖାମର ଗାଁର ପିନୁ ନାୟକ, ସୁକାନ୍ତ ମାଝୀ, କୁକୁରପେଟା ଗାଁର ବିଷ୍ଣୁ ପ୍ରଧାନ ଓ ଚାଉଁରିଆପାଳ ଗାଁର ଲମ୍ବୋଦର ଟ୍ରକ୍ ଚାଳକ ଭାବେ କାର୍ଯ୍ୟ କରନ୍ତି। ଦଶହରା ପାଇଁ ଘରକୁ ସମସ୍ତେ ଆସିଥିବାବେଳେ ଶନିବାର ସନ୍ଧ୍ୟାରେ ବାଗଡିଆରେ ମଦ୍ୟପାନ କରିଥିଲେ। ସେଠାରେ ବିଷ୍ଣୁଙ୍କ ଠାରୁ ଲମ୍ବୋଦର ନେଇଥିବା ୧୫ଶହ ଉଧାର ଟଙ୍କାକୁ କେନ୍ଦ୍ରକରି ଝଗଡା ହୋଇଥିଲା। ପରେ ପିନୁ, ସୁକାନ୍ତ ଓ ବିଷ୍ଣୁ ଏକ ବାଇକ୍‌ରେ ଚାଉଁରିଆପାଳ ଯାଉଥିବା ବେଳେ ଲମ୍ବୋଦର ଛୁରିରେ ଆକ୍ରମଣ କରିଥିଲେ। ପିନୁଙ୍କ ବାପା ପ୍ରମୋଦ ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୩୧/୨୫ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଦିଲ୍ଲୀରେ ଆଜି



ପ୍ରଧାନ ବିଚାରପତି ବି.ଆର୍. ଗବଇଙ୍କ ଉପରେ ଜୋତା ପକାଇଥିବା ଆଇନଜୀବୀ ରାକେଶ କିଶୋରଙ୍କ ଦିଲ୍ଲୀର ମୟୂରବିହାରସ୍ଥିତ ବାସଭବନ ସମ୍ମୁଖରେ ମଙ୍ଗଳବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍) କର୍ମୀମାନେ ବିକ୍ଷୋଭ କରୁଛନ୍ତି। (ଫଟୋ- ଚମନ ଗୌତମ)

# ସରକାର ମୁଖ୍ୟ ଭାବେ ମୋଦିଙ୍କ ୨୫ତମ ବର୍ଷ ଆରମ୍ଭ

ନୂଆଦିଲ୍ଲୀ,୭।୧୦(ପି.ଟି.)



ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ମୁଖ୍ୟ ଭାବେ ମଙ୍ଗଳବାର ୨୫ତମ ବର୍ଷ ଆରମ୍ଭ କରିଛନ୍ତି। ଜନସାଧାରଣଙ୍କ ଜୀବନଶୈଳୀର ବିକାଶ ସୁନିଶ୍ଚିତ କରିବା ସହ ରାଷ୍ଟ୍ରର ପ୍ରଗତି ପାଇଁ ତାଙ୍କର ନିରନ୍ତର ପ୍ରୟାସ ରହିଆସିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ୨୦୦୧ ଆଜିର ଦିନରେ ମୋଦି ପ୍ରଥମ ଥର ପାଇଁ ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ସେ ପ୍ରଥମେ ନିଜ ରାଜ୍ୟର ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେବା ପରେ ସାରା ଦେଶରେ ପରିବର୍ତ୍ତନ ଆଣିଛନ୍ତି। ତାଙ୍କ ଉପରେ ଦେଶବାସୀଙ୍କ କ୍ରମାଗତ ଆଶୀର୍ବାଦ ପାଇଁ ପ୍ରଧାନମନ୍ତ୍ରୀ ଏହି ଅବସରରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସରକାରର ମୁଖ୍ୟ ଭାବେ ସେବା କରିବାର ୨୫ତମ ବର୍ଷରେ ପଦାର୍ପଣ କରିଛି। ଏଥିପାଇଁ ଦେଶବାସୀଙ୍କୁ ମୋର କୃତଜ୍ଞତା ବୋଲି ମୋଦି Xରେ ଲେଖିଛନ୍ତି। ସେ କହିଛନ୍ତି, ଯେଉଁ ଭାରତ ଉପା ସରକାର ସମୟରେ ଦୁର୍ନୀତି, ବଂଶବାଦ ଏବଂ ନୀତି ସ୍ଥାଣୁତାର ସବୁଠୁ ଖରାପ ସ୍ଥିତିରେ ପହଞ୍ଚିଥିଲା, ଏବେ ସେଠାରେ ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟସେବା ଏବଂ ସାମାଜିକ ସୁରକ୍ଷା ଯୋଜନା ରହିଛି। ଭାରତୀୟ କୃଷକ ଦେଶକୁ ଆତ୍ମନିର୍ଭର କରିଥିବାବେଳେ ଦେଶକୁ ସବୁ କ୍ଷେତ୍ରରେ ଆତ୍ମନିର୍ଭର କରାଇବା ପାଇଁ ସରକାର ଅନେକ ସଂସ୍କାରମୂଳକ ପଦକ୍ଷେପ ନେଇଛନ୍ତି ଓ ସ୍ୱଦେଶୀ ଆପଣାଇବାକୁ ଦେଶବାସୀଙ୍କ ମଧ୍ୟରେ ଭାବନା ଜାଗ୍ରତ ହୋଇଛି। ବିଗତ ୧୧ ବର୍ଷରେ ଆମେ ଭାରତବାସୀ ଏକାଠି କାର୍ଯ୍ୟ କରି ଅନେକ ପରିବର୍ତ୍ତନ ହାସଲ କରିଛୁ। ଆମର ଐତିହାସିକ ଉଦ୍ୟମ ସାରା ଦେଶର ଲୋକଙ୍କୁ ବିଶେଷ କରି ଆମ ନାରୀ ଶକ୍ତି, ଯୁବ ଶକ୍ତି ଏବଂ ଅନ୍ନଦାତାଙ୍କୁ ସଶକ୍ତ କରିଛି। ଦାରିଦ୍ର୍ୟ କବଳରୁ ୨୫ କୋଟିରୁ ଊର୍ଦ୍ଧ୍ୱ ଲୋକ ମୁକ୍ତ ହୋଇଛନ୍ତି। ବୃହତ୍ ବୈଶ୍ୱିକ ଅର୍ଥନୀତି ମଧ୍ୟରେ ଭାରତ ଏବେ ଏକ ଉଜ୍ଜ୍ୱଳ ସ୍ଥାନରେ ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ଆଜି ଆସିବେ ଷ୍ଟାର୍ମର

ନୂଆଦିଲ୍ଲୀ,୭।୧୦

ବ୍ରିଟିଶ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମର ବୁଧବାର ପ୍ରଥମ ଭାରତ ଗସ୍ତରେ ଆସୁଛନ୍ତି। ମୁମ୍ବାଇରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଏଥିରେ ବାଣିଜ୍ୟ, ପୁଞ୍ଜିନିବେଶ ଏବଂ ପ୍ରଯୁକ୍ତି ସମ୍ପର୍କ ଆଦି ବିଭିନ୍ନ ପ୍ରସଙ୍ଗ ସ୍ଥାନ ପାଇବ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଗତ ଜୁଲାଇରେ ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ସ୍ୱାକ୍ଷରିତ ହୋଇଥିଲା। ଏଥିସହିତ ଆଗାମୀ ୧୦ ବର୍ଷ ପାଇଁ ଭାରତ-ବ୍ରିଟେନ୍ ବିସ୍ତୃତ ରଣନୀତିକ ସହଭାଗିତା ଉପରେ 'ଭିଜନ ୨୦୩୫'ର ସମସ୍ତ ଦିଗ ଉପରେ ହୋଇଥିବା ଅଗ୍ରଗତିର ସମୀକ୍ଷା ଉଭୟ ନେତା କରିବେ ବୋଲି ଜଣାପଡ଼ିଛି।

# ପାଲେଷ୍ଟାଇନ୍ ସପକ୍ଷରେ ବିଭିନ୍ନ ଦେଶରେ ବିକ୍ଷୋଭ

ଆଙ୍କାରା,୭।୧୦

ଇସ୍ରାଏଲ-ହମାସ୍ ଯୁଦ୍ଧ ମଙ୍ଗଳବାର ୨ ବର୍ଷ ପୂରଣ କରିଥିବାବେଳେ ଏହାକୁ ନିନ୍ଦା କରି ବିଭିନ୍ନ ଦେଶରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାରେ ଥିବା ଆମେରିକା ଦୂତାବାସ ଅଭିମୁଖେ ୧,୦୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ସପକ୍ଷବାଦୀ ବିକ୍ଷୋଭକାରୀ ଶୋଭାଯାତ୍ରାରେ ଯାଇ ଗାଜା ଯୁଦ୍ଧ ବନ୍ଦ ପାଇଁ ଦାବି କରିଥିଲେ। ଗାଜାକୁ ସହାୟତା ସାମଗ୍ରୀ ପ୍ରେରଣକୁ ଅବରୋଧ କରାଯିବା ସହ ଆକ୍ଟିଭିଷ୍ଟମାନଙ୍କୁ ଅଟକ ରଖାଯାଇଥିବାରୁ ବିକ୍ଷୋଭକାରୀ ଏଥିପାଇଁ ଇସ୍ରାଏଲ୍‌କୁ ନିନ୍ଦା କରିଛନ୍ତି। ପାଲେଷ୍ଟାଇନ୍‌କୁ ମୁକ୍ତ କରିବା ସହ ଆକ୍ଟିଭିଷ୍ଟମାନଙ୍କୁ ମୁକ୍ତ କରିଦେବାକୁ ବିକ୍ଷୋଭକାରୀ ସ୍ଲୋଗାନ ଦେଇଥିଲେ। ସେହିପରି ଜାପାନ ରାଜଧାନୀ ଟୋକିଓରେ ପାଲେଷ୍ଟିନୀୟଙ୍କ ସମେତ ଅନେକ ଶହ ବିକ୍ଷୋଭକାରୀ ଗାଜାରେ ଯୁଦ୍ଧବିରତି ଓ ପଣବନ୍ଦୀଙ୍କ ମୁକ୍ତି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଓସାକା ଓ ଅନ୍ୟ ବୃହତ୍ ସହରଗୁଡ଼ିକରେ ମଧ୍ୟ ଅନୁରୂପ ବିକ୍ଷୋଭ ହୋଇଛି। ପାଲେଷ୍ଟାଇନ୍ ସପକ୍ଷରେ ତାଇୱାନରେ ଲୋକେ ମହମବତି ଧରି ସଚେତନତା ଶୋଭାଯାତ୍ରା କରିଛନ୍ତି। ବ୍ରିଟେନର ବିଶ୍ୱବିଦ୍ୟାଳୟଗୁଡ଼ିକରେ ପାଲେଷ୍ଟାଇନ୍ ସପକ୍ଷରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବାବେଳେ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଏହାକୁ ସମାଲୋଚନା କରିଛନ୍ତି। ଇସ୍ତାନବୁଲ୍‌ରେ ପାଲେଷ୍ଟାଇନ୍ ପ୍ରତି ଜନସମର୍ଥନ ଜାରି ରହିଥିବାବେଳେ ସେଠାର ଗାଲାଟା ଟାୱାରକୁ ପାଲେଷ୍ଟାଇନ୍ ପତାକା ରଙ୍ଗରେ ଆଲୋକିତ କରାଯାଇ ଗାଜାର ମାନବୀୟ ସ୍ଥିତି ସମ୍ପର୍କରେ ବିଶ୍ୱର ଦୃଷ୍ଟି ଆକର୍ଷଣ କରାଯାଇଛି। ଏଥିସହିତ ଇସ୍ତାନବୁଲସ୍ଥିତ ଇସ୍ରାଏଲୀ ବାଣିଜ୍ୟିକ ଦୂତାବାସ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯିବା କାର୍ଯ୍ୟକ୍ରମ ରହିଛି।




ଗାଜା ଯୁଦ୍ଧକୁ ୨ ବର୍ଷ ପୂରିବା ଅବସରରେ ମଙ୍ଗଳବାର ଜାକର୍ତ୍ତାସ୍ଥିତ ଆମେରିକା ଦୂତାବାସ ବାହାରେ ଲୋକେ ପୋଷ୍ଟର ଧରି ବିକ୍ଷୋଭ କରୁଛନ୍ତି।

୨୦୨୩ ଅକ୍ଟୋବର ୭ରେ ଗାଜାର ଶାସକ ହମାସ୍ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିଥିଲା। ଏଥିରେ ୧,୨୦୦ ଜଣଙ୍କ ମୃତ୍ୟୁ ଘଟିବା ସହ ହମାସ୍ ୨୫୧ ଜଣଙ୍କୁ ପଣବନ୍ଦୀ କରିନେଇଥିଲା। ଏହାର ଜବାବରେ ଇସ୍ରାଏଲ୍ ଗାଜା ଷ୍ଟ୍ରିପ୍ ଉପରେ ଆକ୍ରମଣ କରିଥିଲା। ଯୁଦ୍ଧକୁ ୨ ବର୍ଷ ପୂରିଥିବାବେଳେ ଗାଜାର ୬୭ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି। ୨୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଗାଜାର ୯୦ ପ୍ରତିଶତ ଘରଦ୍ୱାର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ସେଠାରେ ମାନବୀୟ ସଙ୍କଟ ସୃଷ୍ଟି ହେବା ସହ ଗାଜା ସିଟିରେ ଦୁର୍ଭିକ୍ଷ ଦେଖାଦେଇଛି। ହମାସ୍ ଉପରେ ଆକ୍ରମଣକୁ ବିରୋଧ କରି ଲେବାନନ୍‌ର ହେଜ୍‌ବୁଲ୍ଲା ସଂଗଠନ, ୟେମେନ୍‌ର ହୁଟି ବିଦ୍ରୋହୀ ଏବଂ ଇରାକ ଓ ସିରିଆର ଉଗ୍ରପନ୍ଥୀ ସଂଗଠନଗୁଡ଼ିକ ଇସ୍ରାଏଲ୍ ଉପରେ ଆକ୍ରମଣ କରିଛନ୍ତି। ଗତ ଜୁନ୍‌ରେ ଇରାନ ମଧ୍ୟ ଇସ୍ରାଏଲ୍ ସହ ୧୨ ଦିନ ଯୁଦ୍ଧ କରିଥିଲା, ଯେଉଁଥିରେ ଉଭୟ ପକ୍ଷର ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

ଇତିମଧ୍ୟରେ ଆମେରିକା, କାତାର ଓ ଇଜିପ୍ଟ ମଧ୍ୟସ୍ଥତାରେ ଶାନ୍ତି ପ୍ରତିଷ୍ଠା ଉଦ୍ୟମ ଚାଲିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୦-ସୂତ୍ରୀ ଶାନ୍ତି ଯୋଜନାକୁ ବାସ୍ତବ ରୂପ ଦେବା ପାଇଁ ଇସ୍ରାଏଲୀ ଅଧିକାରୀମାନେ ଇଜିପ୍ଟର ଶାର୍ମ ଏଲ୍-ଶେଖସ୍ଥିତ ରେଡ୍ ସି ରିସର୍ଟରେ ୨ ଦିନ ହେଲା ଆଲୋଚନା ଜାରି ରଖିଛନ୍ତି।

## ଭାରତର ଅଭିବୃଦ୍ଧି ୬.୫% ରହିବ: ବିଶ୍ୱବ୍ୟାଙ୍କ

ନୂଆଦିଲ୍ଲୀ,୭।୧୦(ପି.ଟି.)

ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ଆର୍ଥିକ ଅଭିବୃଦ୍ଧି ୬.୩ ପ୍ରତିଶତ ରହିବ ବୋଲି ବିଶ୍ୱବ୍ୟାଙ୍କ ପୂର୍ବରୁ ଆକଳନ କରିଥିବାବେଳେ ମଙ୍ଗଳବାର ଏହାକୁ ୬.୫ ପ୍ରତିଶତକୁ ବଢ଼ାଇଛି। ଭାରତର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ୍ ଅର୍ଥନୀତି ମଧ୍ୟରେ ରହିବ ବୋଲି ବିଶ୍ୱବ୍ୟାଙ୍କ ଆଶାବ୍ୟକ୍ତ କରିଛି। ଘରୋଇ ସ୍ଥିତି ବିଶେଷକରି କୃଷି ଉତ୍ପାଦନ ଏବଂ ଗ୍ରାମାଞ୍ଚଳରେ ମଜୁରି ବୃଦ୍ଧି ଭଲ ରହିଛି। ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି)ରେ ସରକାର ସଂସ୍କାର ଆଣିଥିବାରୁ ଲୋକଙ୍କ କ୍ରୟ କ୍ଷମତା ବୃଦ୍ଧିରେ ସହାୟକ ହେବ। ଅନ୍ୟପକ୍ଷରେ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାରୁ ଏହାର ପ୍ରଭାବ ଆଗାମୀ ବର୍ଷରେ ଦେଖିବାକୁ ମିଳିବ ବୋଲି ବିଶ୍ୱବ୍ୟାଙ୍କ ସତର୍କ କରାଇଛି। ୨୦୨୬-୨୭ ବର୍ଷରେ ଅଭିବୃଦ୍ଧି ୬.୩ ପ୍ରତିଶତକୁ ହ୍ରାସ ପାଇବା ନେଇ ଆକଳନ କରାଯାଇଛି।

## ନିଜକୁ ଗୁଳିକରି ଆତ୍ମହତ୍ୟା କଲେ ହରିୟାଣା ଆଇଜିପି

ଚଣ୍ଡିଗଡ଼, ୭।୧୦

ହରିୟାଣା ଆଇଜିପି ୱାଇ ପୁରନ କୁମାର ମଙ୍ଗଳବାର ଚଣ୍ଡିଗଡ଼ ସେକ୍ଟର-୧୧ସ୍ଥିତ ବାସଭବନର ବେସ୍‌ମେଣ୍ଟରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି।



ୱାଇ ପୁରନ କୁମାର

ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁରନଙ୍କ ସ୍ତ୍ରୀ ତଥା ଆଇଏଏସ୍ ଅଧିକାରୀ ଅମନିତ କୁମାର ସମ୍ପ୍ରତି ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ସାଇନି ଓ ରାଜ୍ୟର କିଛି ବରିଷ୍ଠ ମନ୍ତ୍ରୀଙ୍କ ସହ ବିଦେଶ ଗସ୍ତରେ ରହିଛନ୍ତି। ସପ୍ତାହେ ତଳେ ରୋହତକର ସୁନାରିଆ ଜେଲରେ ପୁରନଙ୍କ ପୋଷ୍ଟିଂ ହୋଇଥିଲା। ଘଟଣାକୁ ନେଇ ତଦନ୍ତ ଜାରି ରହିଛି।

## ଭାଜପା ନେତାଙ୍କୁ ଆକ୍ରମଣର ଏନ୍‌ଆଇଏ ତଦନ୍ତ ଦାବି

କୋଲ୍‌କାତା, ୭।୧୦ (ପି.ଟି.)

**ବାଂଲାଦେଶୀ ଆପ୍ରବାସୀଙ୍କ ହାତ ଥିବା କହିଲେ ପଶ୍ଚିମବଙ୍ଗ ଭାଜପା ସଭାପତି**

ପଶ୍ଚିମବଙ୍ଗ ଜଲ୍‌ପାଇଗୁଡ଼ି ଜିଲା ନାଗ୍ରାକାଟାଠାରେ ବନ୍ୟା ଏବଂ ଭୂସ୍ଖଳନ ପ୍ରଭାବିତ ଲୋକଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରିବାକୁ ଯାଇଥିବା ରାଜ୍ୟର ଭାଜପା ଏମ୍‌ପି ଖାଗେନ ମୁର୍ମୁ ଏବଂ ବିଧାୟକ ଶଙ୍କର ଘୋଷଙ୍କୁ ସୋମବାର ଆକ୍ରମଣ ହୋଇଥିଲା। ଏହି ଆକ୍ରମଣ ପଛରେ ବେଆଇନ ବାଂଲାଦେଶୀ ଆପ୍ରବାସୀ ଏବଂ ରୋହିଙ୍ଗ୍ୟାଙ୍କ ହାତ ଥିବା ନେଇ ମଙ୍ଗଳବାର ରାଜ୍ୟ ଭାଜପା ସଭାପତି ସମିକ୍ ଭଟ୍ଟାଚାର୍ଯ୍ୟ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଘଟଣାର ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ୨ ଭାଜପା ନେତାଙ୍କୁ ଆକ୍ରମଣ ପଛରେ ଟିଏମ୍‌ସି ସମର୍ଥିତ ଜିହାଦୀ ତତ୍ତ୍ୱମାନେ ରହିଛନ୍ତି। ରାଜ୍ୟରେ ଅରାଜକ ତତ୍ତ୍ୱଙ୍କ ଦ୍ୱାରା ଭାଜପା ନେତାମାନଙ୍କ ଉପରେ ଆକ୍ରମଣ ମାମଲା ବଢ଼ିବାରେ ଲାଗିଛି। ପଶ୍ଚିମବଙ୍ଗର ଏପରି ସ୍ଥିତି ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ନଜର ରହିଥିବା ସେ କହିଛନ୍ତି।

# କଫ୍ ସିରପ୍ ମୃତ୍ୟୁର ସିବିଆଇ ତଦନ୍ତ ପାଇଁ ପିଆଇଏଲ୍

ନୂଆଦିଲ୍ଲୀ,୭।୧୦(ପି.ଟି.)

ମଧ୍ୟପ୍ରଦେଶ ଓ ରାଜସ୍ଥାନରେ କଫ୍ ସିରପ୍ ପିଇ ଅନେକ ଶିଶୁଙ୍କ ମୃତ୍ୟୁ ଘଟିବା ପରେ ଏହାର ସିବିଆଇ ତଦନ୍ତ ସମେତ ଔଷଧ ନିରାପତ୍ତା ବ୍ୟବସ୍ଥାରେ ସଂସ୍କାର ପାଇଁ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଛି। ଆଇନଜୀବୀ ବିଶାଳ ତିୱାରୀ ଦାଖଲ କରିଥିବା ଉକ୍ତ ପିଆଇଏଲ୍‌ରେ ଘଟଣାର ତଦନ୍ତ ଅଦାଲତଙ୍କ ତତ୍ତ୍ୱାବଧାନରେ କରାଯିବାକୁ ନିବେଦନ କରିଛନ୍ତି। ଏଥିସହିତ ସୁପ୍ରିମକୋର୍ଟର ଜଣେ




ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଜାତୀୟ ନ୍ୟାୟିକ କମିଶନ କିମ୍ବା ବିଶେଷଜ୍ଞ କମିଟି ଗଠନ କରାଯିବାକୁ ତିୱାରୀ ଅନୁରୋଧ କରିଛନ୍ତି। ବିଭିନ୍ନ ରାଜ୍ୟରେ କଫ୍ ସିରପ୍ ପିଇ ପିଲାଙ୍କ ମୃତ୍ୟୁ ଘଟଣାରେ ଦାଏର ହୋଇଥିବା ସମସ୍ତ ଏତଲା ଏବଂ ତଦନ୍ତକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରାଯିବା ଲାଗି ନିର୍ଦ୍ଦେଶ ଦେବାକୁ ପିଆଇଏଲ୍‌ରେ ନିବେଦନ କରାଯାଇଛି।

ସୂଚନାଯୋଗ୍ୟ, ମଧ୍ୟପ୍ରଦେଶରେ କଫ୍ ସିରପ୍ ଖାଇ ୧୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ରାଜସ୍ଥାନରେ ୪ ଜଣଙ୍କ ଜୀବନ ଯାଇଥିଲା। ଏହା ପରେ ମଧ୍ୟପ୍ରଦେଶ, ରାଜସ୍ଥାନ ସମେତ ଉତ୍ତରାଖଣ୍ଡ, ପଞ୍ଜାବ, ହିମାଚଳପ୍ରଦେଶ ଆଦି ରାଜ୍ୟ କୋଲ୍ଡରିପ୍ କଫ୍ ସିରପ୍ ବିକ୍ରି ଉପରେ ନିଷେଧାଦେଶ ଲଗାଇଛନ୍ତି। ତାମିଲନାଡୁର କାଞ୍ଚିପୁରମ୍ ଜିଲାରେ ଥିବା ସ୍ରେସାନ ଫାର୍ମା ପ୍ରସ୍ତୁତ କରିଥିବା ଏହି ସିରପ୍‌ରେ ବିଷାକ୍ତ ଉପାଦାନ ଡାଇଇଥାଇଲିନ୍ ଗ୍ଲିକୋଲ (ଡିଇଜି) ଅପମିଶ୍ରଣ ହୋଇଥିବା ଅଭିଯୋଗ ହୋଇଛି। ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯିବା ସହ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କଂଗ୍ରେସ ମଙ୍ଗଳବାର ଦାବି କରିଛି।

## ଫୁର୍‌ସତ୍

# ସର୍ବାଧିକ କ୍ଷୀର ଦେଇ ମଇଁଷିର ରେକର୍ଡ

ହିସାର

ହରିୟାଣାର ହିସାର ଜିଲା ସିଂଘୱା ଗ୍ରାମରେ ମୁରାହ ପ୍ରଜାତିର ମଇଁଷି ରାଧା ସବୁଠାରୁ ଅଧିକ କ୍ଷୀର ଦେଇ ରେକର୍ଡ ସ୍ଥାପନ କରିଛି। ହିସାର ଜିଲାରେ ମଇଁଷିମାନଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସିଂଘୱା ଗ୍ରାମର ଗୋପାଳକ ଈଶ୍ୱର ସିଂଘୱାଙ୍କ ମଇଁଷି ରାଧା ୩୫.୬୬୯ କେ.ଜି. କ୍ଷୀର ଦେଇ ରେକର୍ଡ କରିଥିଲା। ପଶୁପାଳନ ବିଭାଗର ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲା ପ୍ରାଣୀ ଚିକିତ୍ସାଳୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଈଶ୍ୱର କହିଛନ୍ତି, ଏହି ପ୍ରତିଯୋଗିତା ପାଇଁ ସେ ପ୍ରଥମେ ସରକାରୀ ପୋର୍ଟାଲରେ ଆବେଦନ କରିଥିଲେ। ଏହାପରେ ପଶୁପାଳନ ବିଭାଗର ଏକ ଦଳ ତାଙ୍କ ସହ ଯୋଗାଯୋଗ କରିଥିଲେ। ଡେପୁଟି ଡାଇରେକ୍ଟର ରବି ସେରାୱତ୍, ଏସ୍‌ଡିଓ ଜଗବୀର ହାଂସି, ସିଂଘୱା



ଗୋପାଳକ ଈଶ୍ୱର ସିଂଘୱା ଓ ତାଙ୍କ ମଇଁଷି ରାଧା।

ସରପଞ୍ଚ ଓମପ୍ରକାଶଙ୍କ ନେତୃତ୍ୱରେ ଏକ ଟିମ୍ ଆସି ତାଙ୍କ ମଇଁଷି ରାଧା ଦେଇଥିବା କ୍ଷୀରକୁ ୩ ଥର ମାପିଥିଲେ। ୩୫.୬୬୯ କେ.ଜି. କ୍ଷୀର ଦେଇ ରାଧା ନୂତନ ରେକର୍ଡ କରିଥିବା ନେଇ ଅଧିକାରୀମାନେ ଈଶ୍ୱରଙ୍କୁ କହିଥିଲେ। ପୂର୍ବରୁ କୈଥଲର ମଇଁଷି ରେଶମା ୩୩.୮୦୦ କେ.ଜି. କ୍ଷୀର ଦେଇ କରିଥିବା ରେକର୍ଡକୁ ରାଧା ଭାଙ୍ଗିବାରେ ସଫଳ ହୋଇଥିବା ଈଶ୍ୱର କହିଛନ୍ତି। ଏହାସହ ରାଧା ମୁରାହ ପ୍ରଜାତିର ସର୍ବାଧିକ କ୍ଷୀର ଦେଉଥିବା ମଇଁଷି ହୋଇପାରିଥିବା ସେ ସୂଚନା ଦେଇଛନ୍ତି।

ଈଶ୍ୱର ଫତେହାବାଦର କନଡି ଗ୍ରାମରୁ ରାଧାକୁ ୪ ଲକ୍ଷ ୧ ହଜାର ଟଙ୍କାରେ କିଣିଥିଲେ। ଏବେ ରାଧାର ବଜାର ମୂଲ୍ୟ ୧୫ ଲକ୍ଷ ଟଙ୍କାରେ ପହଞ୍ଚିଛି। ତେବେ ସର୍ବାଧିକ କ୍ଷୀର ଦେଇ ରେକର୍ଡ ସୃଷ୍ଟି କରିଥିବାରୁ ସେ ରାଧାକୁ ବିକ୍ରି କରିବେ ନାହିଁ ବୋଲି ମନସ୍ଥ କରିଥିବା ଈଶ୍ୱର କହିଛନ୍ତି। ତାଙ୍କ ଗୋପାଳନ କେନ୍ଦ୍ରରେ ରାଧାର ସ୍ୱତନ୍ତ୍ର ଯତ୍ନ ନିଆଯାଇଥାଏ। ରାଧାକୁ ଦୈନିକ ୩ ଥର ଗାଧୋଇ ଦିଆଯାଇଥାଏ। ସେହିପରି ମଇଁଷି ରାଧା ସବୁବେଳେ କୁଲରର ପବନ ସମ୍ମୁଖରେ ରହିଥାଏ ଏବଂ ପ୍ରତିଦିନ ଏହାକୁ ସୋରିଷ ତେଲରେ ମାଲିସ୍ କରାଯାଇଥାଏ। ରାଧାକୁ ଅତ୍ୟନ୍ତ ପରିଷ୍କାର ପରିଚ୍ଛନ୍ନ ପରିବେଶ ମଧ୍ୟରେ ରଖାଯିବା ସହ ଖାଇବାକୁ ସ୍ୱତନ୍ତ୍ର ଔଷଧୀୟ ଖାଦ୍ୟ ଦିଆଯାଇଥାଏ ବୋଲି ଈଶ୍ୱର କହିଛନ୍ତି। ଗତ ୨୧ରେ ପଶୁପାଳନ କ୍ଷେତ୍ରରେ ନିଜର କାର୍ଯ୍ୟ ପାଇଁ ଈଶ୍ୱର ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ସାଇନିଙ୍କଠାରୁ ସମ୍ମାନିତ ହୋଇଥିଲେ।

# ୨ ଓଟିଟି ପ୍ଲାଟ୍‌ଫର୍ମରେ ଷ୍ଟ୍ରିମିଂ ହେବ 'ଜଲି ଏଲ୍‌ଏଲ୍‌ବି ୩'

ମୁମ୍ବାଇ



ଅକ୍ଷୟ କୁମାର

ଗତମାସ ୧୯ ତାରିଖରେ ରିଲିଜ୍ ହୋଇଥିବା ଅଭିନେତା ଅକ୍ଷୟ କୁମାର ଓ ଅର୍ଶଦ ୱାର୍ସିଙ୍କ କୋର୍ଟ ରୁମ୍ ଡ୍ରାମା ଫିଲ୍ମ 'ଜଲି ଏଲ୍‌ଏଲ୍‌ବି ୩' ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିବା ଜାରି ରଖିଛି। ସମ୍ପ୍ରତି ଦର୍ଶକ ଏହି ଫିଲ୍ମର ଓଟିଟି ରିଲିଜ୍‌କୁ ନେଇ ଅପେକ୍ଷାରେ ରହିଛନ୍ତି। ମଙ୍ଗଳବାର ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଆସନ୍ତା ନଭେମ୍ବର ୧୪ରୁ 'ଜଲି ଏଲ୍‌ଏଲ୍‌ବି ୩' ଫିଲ୍ମ ୨ଟି ପ୍ରମୁଖ ଓଟିଟି ପ୍ଲାଟ୍‌ଫର୍ମ 'ଜିଓ ହଟ୍‌ଷ୍ଟାର' ଏବଂ 'ନେଟ୍‌ଫ୍ଲିକ୍ସ'ରେ ଷ୍ଟ୍ରିମିଂ ହେବ। ତେବେ ଏନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଘୋଷଣା ହୋଇନାହିଁ। ରିପୋର୍ଟ ଅନୁଯାୟୀ, ୧୨୦ କୋଟି ଟଙ୍କାର ବଜେଟରେ 'ଜଲି ଏଲ୍‌ଏଲ୍‌ବି ୩' ଫିଲ୍ମ ନିର୍ମିତ ହୋଇଥିଲା। ତେବେ ସୋମବାର ସୁଦ୍ଧା ଏହି ଫିଲ୍ମ ଭାରତୀୟ ସିନେମା ହଲ୍‌ଗୁଡିକରୁ ୧୨୮.୨୬ କୋଟି ରୋଜଗାର କରିଥିବା ବେଳେ ବିଶ୍ୱବ୍ୟାପୀ ଏହାର ମୋଟ୍ ବ୍ୟବସାୟ ୧୫୭.୭ କୋଟିରେ ପହଞ୍ଚିଛି। ସୁଭାଷ କପୁରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅକ୍ଷୟ ଆଇନଜୀବୀ ଜଲି ମିଶ୍ରାଙ୍କ ଭୂମିକାରେ ଓ ଅର୍ଶଦ ଆଇନଜୀବୀ ଜଲି ତ୍ୟାଗୀଙ୍କ ଭୂମିକାରେ ନଜରକୁ ଆସିଛନ୍ତି। ଅଭିନେତା ସୌରଭ ଶୁକ୍ଲାଙ୍କୁ ଫିଲ୍ମର ପୂର୍ବ ଭାଗ ପରି ପୁଣିଥରେ ବିଚାରପତିଙ୍କ ଭୂମିକାରେ ଦେଖିବାକୁ ମିଳିଥିଲା।

# ୮୯୪ କି.ମି. ରେଲଲାଇନ ପାଇଁ ୨୪,୬୩୪ କୋଟି

ଭୁବନେଶ୍ୱର,୭।୧୦(ଅନୁରାଧା ମହାରଣା) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ୪ଟି ରେଲଲାଇନ ସମ୍ପ୍ରସାରଣ ବା ମଲ୍ଟିଟ୍ରାକିଂ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏଥିପାଇଁ ଆନୁମାନିକ ୨୪,୬୩୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ପ୍ରକଳ୍ପଗୁଡ଼ିକରେ ମଧ୍ୟରେ ମହାରାଷ୍ଟ୍ରର ୱାର୍ଧା-ଭୁସାୱଲ - ତୃତୀୟ ଓ ଚତୁର୍ଥ ଲାଇନ (୩୧୪ କିମି), ମହାରାଷ୍ଟ୍ର ଏବଂ ଛତିଶଗଡ଼ର ଗୋନ୍ଦିଆ-ଡଙ୍ଗରଗଡ଼ - ଚତୁର୍ଥ ଲାଇନ (୮୪ କିମି), ଗୁଜରାଟ ଏବଂ ମଧ୍ୟପ୍ରଦେଶର ଭଦୋଦରା-ରତଲାମ- ତୃତୀୟ ଓ ଚତୁର୍ଥ ଲାଇନ (୨୫୯ କିମି) ଏବଂ ମଧ୍ୟପ୍ରଦେଶର ଇଟାରସୀ-ଭୋପାଳ - ବିନା ଚତୁର୍ଥ ଲାଇନ (୨୩୭ କିମି) ଆଦି ପ୍ରକଳ୍ପ ରହିଛି। ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ର ୧୮ଟି ଜିଲ୍ଲା ଦେଇ ଅତିକ୍ରମ କରିଥିବା ଏହି ପ୍ରକଳ୍ପ ଭାରତୀୟ ରେଳପଥର ବର୍ତ୍ତମାନର ରେଳ ନେଟୱର୍କରେ ପ୍ରାୟ ୮୯୪ କିଲୋମିଟର ରେଲଲାଇନ ନିର୍ମାଣ କରିବ। ଏହି ମଲ୍ଟିଟ୍ରାକିଂ ପ୍ରକଳ୍ପ ଦ୍ୱାରା ପ୍ରାୟ ୩,୬୩୩ ଗ୍ରାମକୁ ସଂଯୋଗରେ ସୁଧାର ଆସିବ। ଏହାଦ୍ୱାରା ବିଦିଶା ଏବଂ ରାଜନନ୍ଦଗାଁ ଆକାଂକ୍ଷୀ ଜିଲ୍ଲା ସମେତ ପ୍ରାୟ ୮୫.୮୪ ଲକ୍ଷ ଲୋକ ଉପକୃତ ହେବେ । ପର୍ଯ୍ୟଟନସ୍ଥଳୀ ସାଞ୍ଚି, ସତପୁରା ବ୍ୟାଘ୍ର ସଂରକ୍ଷଣ, ଭୀମବେଟକାର ପଥର ଆଶ୍ରୟସ୍ଥଳ, ହଜାରା ଜଳପ୍ରପାତ, ନଓ୍ୱେଗାଓଁ ଜାତୀୟ ଉଦ୍ୟାନ ଆଦି ପ୍ରମୁଖ ସ୍ଥାନଗୁଡ଼ିକୁ ମଧ୍ୟ ଏସବୁ ପ୍ରକଳ୍ପ ଦ୍ୱାରା ରେଳ ସଂଯୋଗ ସୁଗମ ହୋଇପାରିବ। ଏହା କୋଇଲା, କଣ୍ଟେନର, ସିମେଣ୍ଟ, ଫ୍ଲାଏ ଆଶ୍, ଖାଦ୍ୟଶସ୍ୟ, ଇସ୍ପାତ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ। କ୍ଷମତା ବୃଦ୍ଧି ଫଳରେ ବାର୍ଷିକ ୭୮ ନିୟୁତ ଟନ ଅତିରିକ୍ତ ମାଲ ପରିବହନ ସୁବିଧା ହେବ। ରେଳପଥ ପରିବେଶ ଅନୁକୂଳ ଏବଂ ପରିବହନର ଶକ୍ତି ସଂରକ୍ଷଣକାରୀ ପଦ୍ଧତି ହୋଇଥିବାରୁ, ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ଏବଂ ଦେଶର ଲଜିଷ୍ଟିକ୍ ଖର୍ଚ୍ଚକୁ ହ୍ରାସ କରିବାରେ, ତୈଳ ଆମଦାନୀ ୨୮ କୋଟି ଲିଟର କମାଇବାରେ ଏବଂ ଅଙ୍ଗାରକାମ୍ଳ ନିର୍ଗମନ ୧୩୯ କୋଟି କିଲୋଗ୍ରାମ ହ୍ରାସ କରିବାରେ ସାହାଯ୍ୟ କରିବ ଯାହା ୬ କୋଟି ଗଛ ଲଗାଇବା ସହିତ ସମାନ।

# ନବରାତ୍ରି ସମୟରେ ୩୪% ଗାଡ଼ି ବିକ୍ରି ବୃଦ୍ଧି

ଭୁବନେଶ୍ୱର,୭।୧୦

ନବରାତ୍ରି ସମୟରେ ଦେଶରେ ଯାନବାହନ ବିକ୍ରି କ୍ଷେତ୍ରରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏସନ(ଫାଡା) ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ, ନୂଆ ଜିଏସ୍ଟି ସଂସ୍କାର ଯୋଗୁ ଯାନବାହନ ଦାମ୍ କମିବା ଫଳରେ ଲୋକମାନେ କାର୍ ଏବଂ ଦୁଇଚକିଆ ଗାଡ଼ି କିଣିବାକୁ ଅଧିକ ଆଗ୍ରହ ପ୍ରକାଶ କରିଛନ୍ତି। ନବରାତ୍ରି ସମୟରେ ବିକ୍ରିରେ ୩୪ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି। ସେହିପରି ସେପ୍ଟେମ୍ବର ମାସରେ ମୋଟ ବିକ୍ରି ଗତ ବର୍ଷ ତୁଳନାରେ ୫.୨୨ ପ୍ରତିଶତ ବଢ଼ିଛି । ସେପ୍ଟେମ୍ବରର ପ୍ରଥମ ୩ ସପ୍ତାହରେ ବିକ୍ରି କମ୍ ଥିଲା। ଜିଏସ୍ଟି ହ୍ରାସ ହେତୁ ଗାଡ଼ି ଦାମ୍ କମିବାକୁ ଲୋକମାନେ ଅପେକ୍ଷା କରିଥିଲେ। ନବରାତ୍ରିର ଶେଷ ସପ୍ତାହରେ ନୂଆ ଜିଏସ୍ଟି ହାର ଲାଗୁ ହୋଇଥିବାରୁ ମାସର ଶେଷ ସପ୍ତାହରେ ବିକ୍ରି ବହୁତ ବଢ଼ିଛି। ବର୍ଗ ଅନୁସାରେ, ଦୁଇଚକିଆରେ ୭.୫ ପ୍ରତିଶତ, ଯାତ୍ରୀବାହୀ ଯାନରେ ୫.୮ ପ୍ରତିଶତ, ଟ୍ରାକ୍ଟରରେ ୩.୬ ପ୍ରତିଶତ ଏବଂ ବାଣିଜ୍ୟିକ ଯାନରେ ୨.୬ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି। ମାତ୍ର ୩ ଚକିଆରେ ୭.୨ ପ୍ରତିଶତ ଏବଂ ନିର୍ମାଣ ଯନ୍ତ୍ରରେ ୧୯ ପ୍ରତିଶତ ହ୍ରାସ ପରିଲକ୍ଷିତ ହୋଇଛି। ସେପ୍ଟେମ୍ବର ୨୦୨୫ର ଅଟୋ ବିକ୍ରି ବିଷୟରେ ଫାଡା ଉପାଧ୍ୟକ୍ଷ ସାଇ ଗିରିଧର କହିଛନ୍ତି, ଭାରତର ଅଟୋ ବିକ୍ରି ଇତିହାସରେ ଚଳିତ ବର୍ଷ ନବରାତ୍ରି ସମୟ ଏକ ଅବିସ୍ମରଣୀୟ ଅଧ୍ୟାୟ ହେବ। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଘୋଷିତ ନୂଆ ଜିଏସ୍ଟି ୨.୦ ସଂସ୍କାରର ଏକ ବାସ୍ତବ ସଞ୍ଚୟ ଉତ୍ସବ। ପ୍ରଥମ ଥର ପାଇଁ ଦେଶର ସବୁ ଡିଲରଶିପରେ ରେକର୍ଡ ସଂଖ୍ୟକ ଗ୍ରାହକ ଆସିବା ସହ ଅନୁରୂପ ଭାବେ ବିକ୍ରି ହୋଇଛି। ମୋଟ ବିକ୍ରି ୩୪ ପ୍ରତିଶତ ବୃଦ୍ଧି ପାଇବା କୌଣସି ଉତ୍ସବଠାରୁ କମ୍ ନୁହେଁ ବୋଲି ଗିରିଧର କହିଛନ୍ତି।

# ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ସଖୀ

ଭୁବନେଶ୍ୱର,୭।୧୦

ବେଦାନ୍ତ ଆଲୁମିନିୟମ ପକ୍ଷରୁ ୨୦୧୫ରେ ଆରମ୍ଭ ହୋଇଥିବା 'ପ୍ରୋଜେକ୍ଟ ସଖୀ' କଳାହାଣ୍ଡିରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରୁଛି । ଏହା ୪୪୪ଟି ଏସ୍ଏଚ୍ଜିରେ ୪,୬୦୦ରୁ ଅଧିକ ମହିଳାଙ୍କ ପାଇଁ ୫ କୋଟିରୁ ଅଧିକ ଆର୍ଥିକ ସହାୟତା ସଂଗ୍ରହ କରିଛି। ଉଦ୍ୟୋଗ ଆରମ୍ଭ, ଆର୍ଥିକ ସାକ୍ଷରତା, ରଣ ସୁବିଧା, ବୃତ୍ତିଗତ ତାଲିମକୁ ଗୁରୁତ୍ୱ ଦେଉଥିବାବେଳେ ମହିଳାମାନଙ୍କୁ କୃଷିଭିତ୍ତିକ ଏବଂ ଅଣ କୃଷିଭିତ୍ତିକ ଆୟ ସୁଯୋଗ ଦିଆଯାଉଛି। ଛତୁଚାଷ, ଛେଳିପାଳନ, ତେଜରାତି ଦୋକାନ, ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ପ୍ରିଣ୍ଟିଂ ଦୋକାନ ଆଦି କ୍ଷେତ୍ରରେ ମହିଳା ପ୍ରୋତ୍ସାହିତ କରୁଛନ୍ତି। ଗତବର୍ଷ ଏସଏଚଜିଗୁଡ଼ିକ ପାଇଁ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକରୁ ପ୍ରାୟ ୩.୮୪ କୋଟି ଟଙ୍କା ସଂଗ୍ରହ ହୋଇଥିଲା। ପ୍ରକଳ୍ପ ୧୮୮୦ରୁ ଅଧିକ ମହିଳାଙ୍କୁ ୧୩୦୦ରୁ ଅଧିକ ଛୋଟ ଉଦ୍ୟୋଗ ଆରମ୍ଭ କରିବାକୁ ସକ୍ଷମ କରିଛି। ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଆମେ ଆତ୍ମନିର୍ଭରଶୀଳତାର ଏକ ନୂତନ ଯୁଗର ଆରମ୍ଭ ଦେଖୁଛୁ, ଯେଉଁଠାରେ ମହିଳାମାନେ ସେମାନଙ୍କ ଜୀବନର ପ୍ରାଥମିକ ସ୍ଥପତି।




## ଓଡ଼ିଶା ସରକାର
## ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No.771, No.XXXIV-04: Dated 8.8.2025

[illegible] (RFCTLAR & R Act, 2013) [illegible]

ଜିଲ୍ଲାପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ସୁବର୍ଣ୍ଣପୁର

ତଫସିଲ-କ (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ସୂଚୀ)

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରଇତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସିଙ୍ଘାରି (ଅତିରିକ୍ତ) | ଗ୍ରାମାଞ୍ଚଳ | | | | | | |

ତଫସିଲ-ଖ (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରଇତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

### ଜମିର ତାଲିକା

ଖୋର୍ଦ୍ଧା ରୋଡ଼-ବଲାଙ୍ଗିର ନୂତନ ରେଳପଥ ପ୍ରକଳ୍ପ ପାଇଁ ବଲାଙ୍ଗିର ଜିଲ୍ଲାର ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ
ମୌଜା-ସିଙ୍ଘାରି (ଅତିରିକ୍ତ), ତହସିଲ-ସୋନପୁର, ଜିଲ୍ଲା-ସୁବର୍ଣ୍ଣପୁର

| କ୍ରମିକ ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ଅଭିଲେଖ ରଇତଙ୍କ ନାମ |
|---|---|---|---|---|---|---|
| ୧ | ୬୮/୧୮୮ | ୫୪/୭୯୬ | ୦.୦୫୦ | ୦.୦୫୦ | ବେର୍ଣ୍ଣା ଅଣଜଳସେଚିତ | ବିଳାସିନୀ ମାହଣା, ପି-ପଦ୍ମନାଭ ମାହଣା, ଜା:କଂସାରି, ତରଭା |
| ୨ | ୬୮/୨୨୦ | ୫୪/୮୨୭ | ୦.୦୫୦ | ୦.୦୫୦ | ବେର୍ଣ୍ଣା ଅଣଜଳସେଚିତ | ବିସ୍ୱରାଜ ବିଶି, ପି-ଗଜେନ୍ଦ୍ର ବିଶି, ଜା- ପଣ୍ଡରା ମାଳି, ବା:ବଡଉଇଁରୋ, ଥାନା-ତରଭା |
| | | | ମୋଟ | ୦.୧୦୦ | | |

OIPR-24429/14/0002/2526

Sd./- Collector, Subarnapur



## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

**ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ୍.ଏ.କେସ୍ ନଂ.-୧୧୦/୨୦୨୧**
**ଭୂମି ଅଧିଗ୍ରହଣ ଅଧିକାରୀ ଓ କଲେକ୍ଟର, ଖୋର୍ଦ୍ଧା....ଆବେଦନକାରୀ**
**ବନାମ**

No.XXXIII:୧. ବିକଳି ଜେନା, ପିତା-କସ୍ତୁରୀ ଜେନା, ସା-ପଥରଗାଡ଼ିଆ, ୨.ଆକୁଳି ଜେନା, ପିତା-କସ୍ତୁରୀ ଜେନା, ୩.ଗୁମାଣୀ ଜେନା, ସ୍ୱାମୀ-କସ୍ତୁରୀ ଜେନା, ସା-ପଥରଗାଡ଼ିଆ, ୪.ମଙ୍ଗୁଳି ଜେନା, ପିତା-ପଙ୍କଜ ଜେନା, ସା-ପଥରଗାଡ଼ିଆ, ୫.ଉଗ୍ରସେନ ଜେନା, ପିତା-ପଙ୍କଜ ଜେନା, ସା-ପଥରଗାଡ଼ିଆ, ୬.ଅଲେଖ ବେହେରା,ପିତା-ପଣ୍ଡୁ ବେହେରା, ସା-ପଥରଗାଡ଼ିଆ, ପୋ-ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ୭.ଗଗନି ବଡଜେନା, ସ୍ୱାମୀ-ବନମାଳୀ ବଡଜେନା, ସା/ପୋ-ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ୮.ହଟ୍ଟ ପାଲଟାସିଂହ, ପିତା-ହରି ପାଲଟାସିଂହ, ୯.ଚନ୍ଦ୍ରମଣି ପାଲଟାସିଂହ, ୧୦.ବାମଦେବ ପାଲଟାସିଂହ, ୧୧.ଧ୍ରୁବନାଥ ପାଲଟାସିଂହ, ୧୨.ଅଭିରାମ ପାଲଟାସିଂହ, ୧୩.ପ୍ରହ୍ଲାଦ ପାଲଟାସିଂହ, ପିତା-ବାନାୟର ପାଲଟାସିଂହ, ୧୪.ଭ୍ରମର ପାଲଟାସିଂହ, ପିତା-ଶରଥ ପାଲଟାସିଂହ, ୧୫.ବୈଷ୍ଣବ ପାଲଟାସିଂହ, ପିତା-ସାଧୁ ପାଲଟାସିଂହ, ସା/ପୋ-ଦାରୁଠେଙ୍ଗ, ୧୬.ଉଦୟନାଥ ମହାକୁଡ, ପିତା-ଗଦାଧର ମହାକୁଡ, ସା-ନୟାପଲ୍ଲୀ, ଥା-ସହିଦନଗର, ଜିଲ୍ଲା-ଖୋର୍ଦ୍ଧା......... ବିରୋଧୀ ପକ୍ଷମାନେ ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ମାଷ୍ଟର ପ୍ଲାନ୍ ରୋଡ୍ର ନିର୍ମାଣ ପାଇଁ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକରାଶି, ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.-୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ.କେସ୍ ନଂ-୧୧୦/୨୦୨୧, ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ଜିଲ୍ଲା-ଖୋର୍ଦ୍ଧା, ଥାନା-ଚନ୍ଦକା, ମୌଜା-ପଥରଗାଡ଼ିଆ, ଖାତା ନଂ-୩୧୯, ପ୍ଲଟ୍ ନଂ.-୭୨୮, ରକବା ଏ ୦.୦୦୮ ଡି ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୨୫.୧୧.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୧୨.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

**ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ୍.ଏ.କେସ୍ ନଂ.-୨୫୧/୨୦୧୯**
**ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା....ଆବେଦନକାରୀ**
**ବନାମ**

୧. ପଠାଣି ଓଦଣ୍ଡରାୟ, ପିତା-ବିହାରୀ ଓଦଣ୍ଡରାୟ, ସା-ସିକୋ, ୨.ଚନ୍ଦ୍ରମଣି ପ୍ରଧାନ, ପିତା-ନୀଳମଣି ପ୍ରଧାନ, ୩.ତ୍ରିନାଥ ବଳିଆରସିଂ, ୪.କୈଳାଶ ବଳିଆରସିଂ, ପିତା-କୁମର ବଳିଆରସିଂ, ୫.ମାଗୁଣି ସେଠୀ, ପିତା-ବୁଲା ସେଠୀ, ସା-ଚନ୍ଦ୍ରଶେଖରପୁର....ବିରୋଧୀ ପକ୍ଷମାନେ । ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ସିକୋ ମୟୂରଖାଲିଆ ରାସ୍ତା ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ.କେସ୍ ନଂ.୨୫୧/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ଚନ୍ଦ୍ରଶେଖରପୁର, ଖାତା ନଂ.-୨୪୪, ପ୍ଲଟ୍ ନଂ.-୧୫୫୫, ଅଧିଗୃହିତ ରକବା ଏ ୦.୦୬୦ ଡି ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୨୫.୧୧.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୧୨.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

**ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ.ଏ.କେସ୍ ନଂ-୧୪୫/୨୦୧୯**
**ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା....ଆବେଦନକାରୀ**
**ବନାମ**

୧. ପ୍ରଶନ୍ନ କୁମାର ଦାଶ, ପିତା-ବଙ୍କକୃଷ୍ଣ ଦାଶ, ସା-ପଲ୍ଲୀକଣ୍ଠା, ଥା-ଏରସମା, ଜି-ଜଗତସିଂହପୁର, ୨.ସୁଜାତା ମିଶ୍ର, ସ୍ୱାମୀ-ଭବତୋଷ ମିଶ୍ର, ସା-ପ୍ଲଟ ନଂ.୪୫୫୫, ଭି.ଏସ୍.ଏସ୍. ନଗର, ଥା-ସହିଦନଗର, ଭୁବନେଶ୍ୱର, ୩.ଦେବବ୍ରତ ଧିର, ପିତା-ନୃସିଂହଚରଣ ଧିର, ସା-ଏନ-୩/୩୩୮, ଆଇ.ଆର.ସି.ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ୪.ପ୍ରତିମା ମହାନ୍ତି, ସ୍ୱାମୀ-ବିଜୟ କୁମାର ମହାନ୍ତି, ସା/ପୋ-ବଣ୍ଡମୁଣ୍ଡା, ଜି-ସୁନ୍ଦରଗଡ-୭୭୦୦୩୨, ୫.ସତ୍ୟବ୍ରତ ଧିର, ପିତା-ନୃସିଂହଚରଣ ଧିର, ସା-ଏନ-୩/୩୩୮, ଆଇ.ଆର.ସି.ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର,୬. ପ୍ରଦୀପ୍ତ କୁମାର ମହାପାତ୍ର, ପି-ବୈକୁଣ୍ଠନାଥ ମହାପାତ୍ର, ସା-ସତ୍ୟନଗର, ପ୍ଲଟ ନଂ.-୩୬, ଫ୍ଲାଟ ନଂ.୨୦୩, ଜାପାନିଜ୍ ପ୍ୟାଲେସ୍, ଭୁବନେଶ୍ୱର-୭୫୧୦୦୭, ୭.ଅକ୍ରୁର ଦେହୁରୀ, ୮.ନେତ୍ରାନନ୍ଦ ଦେହୁରୀ, ପିତା-ଦାମ ଦେହୁରୀ, ୯.ନେତ ଦେହୁରୀ, ସ୍ୱାମୀ-ଭୋଳି ଦେହୁରୀ, ୧୦.ପ୍ରହ୍ଲାଦ ଦେହୁରୀ, ୧୧.ବାସୁଦେବ ଦେହୁରୀ, ୧୨.ଦ୍ରୌପଦୀ ଦେହୁରୀ, ୧୩.ପଦ୍ମା ଦେହୁରୀ, ୧୪.ମଣି ଦେହୁରୀ, ପି-ଭୋଳି ଦେହୁରୀ, ୧୫.ପ୍ରତାପ ଦେହୁରୀ, ୧୬.ଆକୁଳାନନ୍ଦ ଦେହୁରୀ, ୧୭.ଗୋକୁଳ ଦେହୁରୀ, ୧୮.ବଣି ଦେହୁରୀ, ୧୯.ଅଂଜନା ଦେହୁରୀ, ପିତା-ବଳରାମ ଦେହୁରୀ, ୨୦.ଶଶି ଦେହୁରୀ, ପିତା-ପଂଚୁ ଦେହୁରୀ, ୨୧.ଉଷା ଦେହୁରୀ, ୨୨.ବଚି ଦେହୁରୀ, ପିତା-ପାଣ୍ଡବ ଦେହୁରୀ, ୨୩.ବିଜୁ ଦେହୁରୀ, ସ୍ୱାମୀ ହରି ଦେହୁରୀ, ୨୪.ତ୍ରିଲୋଚନ ଦେହୁରୀ, ୨୫.ଚିନ୍ମୟ ଦେହୁରୀ, ୨୬.ଝିଲ୍ଲି ଦେହୁରୀ, ପିତା-ହରି ଦେହୁରୀ, ୨୭.ଦାମ ଦେହୁରୀ, ପିତା ରାମ ଦେହୁରୀ, ସା-ପଥରଗାଡ଼ିଆ, ୨୮.ସନ୍ଧ୍ୟାରାଣୀ ନାୟକ, ସ୍ୱାମୀ-କବିସୂର୍ଯ୍ୟ ନାୟକ, ସା-ଏଫ-୧୯/୧, ରେଲୱେ କଲୋନୀ, ପୋ/ଥା-ମଞ୍ଚେଶ୍ୱର, ଭୁବନେଶ୍ୱର, ୨୯.ମନୋରଞ୍ଜନ ମହାନ୍ତି, ପି-ଚିନ୍ତାମଣି ମହାନ୍ତି, ସା-ଏମ.ଆଇ.ଜି.୧-୧୬/୧୨, ବିଡିଏ କଲୋନୀ, ଥା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ୩୦.ପ୍ରତାପ ମହାପାତ୍ର, ପି-ବୃନ୍ଦାବନ ମହାପାତ୍ର, ସା-ରଣପୁର, ଜି-ନୟାଗଡ, ୩୧.ଜ୍ୟୋତିରଂଜନ ରାଉତ, ପି-କୃଷ୍ଣଚନ୍ଦ୍ର ରାଉତ, ସା/ପୋ-ଗଣ୍ଡରପୁର, ଥା-ନନ୍ଦନକାନନ, ଜି-ଖୋର୍ଦ୍ଧା, ୩୨.ତଅପୋଇ ଦେହୁରୀ, ସ୍ୱା-ପ୍ରତାପ ଦେହୁରୀ, ସା-ବାରମାଣ, ପଥରଗାଡ଼ିଆ, ପୋ-ଦାରୁଠେଙ୍ଗ, ଥା-ଚନ୍ଦକା, ଜି-ଖୋର୍ଦ୍ଧା........ ବିରୋଧୀ ପକ୍ଷମାନେ ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ମାଷ୍ଟର ପ୍ଲାନ ରୋଡ ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ.୧୪୫/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ସୁନ୍ଦରପୁର, ଖାତା ନଂ.୧୨୨, ପ୍ଲଟ ନଂ.-୫୩୫/୮୯୫, ରକବା ଏ ୦.୧୨୨ ଡି. ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୨୦.୧୧.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୦୯.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

**ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ.ଏ.କେସ୍ ନଂ-୨୧୮/୨୦୧୯**
**ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା....ଆବେଦନକାରୀ**
**ବନାମ**

୧. କୁମର ବେହେରା, ୨.ରାଜକିଶୋର ବେହେରା, ୩.ସୁଦର୍ଶନ ବେହେରା, ପିତା-କାଙ୍ଗାଳି ବେହେରା, ସା-ପଥରଗାଡ଼ିଆ, ୪.ତିଲୋତ୍ତମା ବେହେରା, ପିତା-କାଙ୍ଗାଳି ବେହେରା, ସ୍ୱାମୀ-ରମେଶ ବେହେରା, ସା/ପୋ-ଝାରପଡା, ଥା-ଲକ୍ଷ୍ମୀସାଗର, ଜିଲ୍ଲା-ଖୋର୍ଦ୍ଧା......... ବିରୋଧୀ ପକ୍ଷମାନେ ।
ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ମାଷ୍ଟର ପ୍ଲାନ୍ ରାସ୍ତା ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ.କେସ୍ ନଂ-୨୧୮/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ପଥରଗାଡ଼ିଆ, ଖାତା ନଂ-୩୮, ପ୍ଲଟ ନଂ.-୧୬୨, ରକବା ଏ ୦.୦୦୧ ଡି ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୨୭.୧୧.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୧୭.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily news papers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

**ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ୍.ଏ.କେସ୍ ନଂ.-୨୬୨/୨୦୧୯**
**ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର, ଖୋର୍ଦ୍ଧା....ଆବେଦନକାରୀ**
**ବନାମ**

୧. ପାବନ ପ୍ରଧାନ, ପିତା-ନରସିଂହ ପ୍ରଧାନ, ସା-ଚନ୍ଦ୍ରଶେଖରପୁର......... ବିରୋଧୀ ପକ୍ଷ । ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ସିକୋ ମୟୂରଖାଲିଆ ରାସ୍ତା ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ.କେସ୍ ନଂ.୨୬୨/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ଚନ୍ଦ୍ରଶେଖରପୁର, ଖାତା ନଂ.-୨୫୨, ପ୍ଲଟ ନଂ.-୭୦୦, ଅଧିଗୃହୀତ ରକବା ଏ ୦.୦୦୧ଡି ଅଟେ । **ଉକ୍ତ ବିରୋଧୀ ପକ୍ଷ ଯଦି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେ ଧାର୍ଯ୍ୟ ତା.୧୪.୧୧.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୦୮.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

**ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ୍.ଏ.କେସ୍ ନଂ.-୬୧/୨୦୧୯**
**ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର, ଖୋର୍ଦ୍ଧା....ଆବେଦନକାରୀ**
**ବନାମ**

୧. ସସ୍ମିତା ବେହେରା, ସ୍ୱାମୀ-ଲଳିତ କୁମାର ବେହେରା, ସା-ଡି-୧୨, ମାରୁତି ଭିଲ୍ଲା, ନିଅର କିଟ୍ ୟୁନିଭରସିଟି, ପୋ-କିଟ୍, ଥାନା-ଇନଫୋସିଟି, ଭୁବନେଶ୍ୱର, ଖୋର୍ଦ୍ଧା, ୨.ପ୍ରତିମା ମହାନ୍ତି, ସ୍ୱାମୀ-ପ୍ରସନ୍ନ ମହାନ୍ତି, ସା-କବେରା, ପୋ-ନଟିମ, ଥାନା/ଜିଲ୍ଲା-ଢେଙ୍କାନାଳ, ୩.ପ୍ରଫୁଲ୍ଲ କୁମାର ସାହୁ, ପିତା-ଲକ୍ଷ୍ମଣ ସାହୁ, ସା-ବିଷ୍ଣୁପୁର, ପୋ-ବରଡା, ଥାନା/ଜିଲ୍ଲା-ବାଲେଶ୍ୱର, ୪.ନିରଞ୍ଜନ ସାମନ୍ତ, ପିତା-ଗୋବିନ୍ଦ ଚନ୍ଦ୍ର ସାମନ୍ତ, ସା-ଚଶାହୀ, ପୋ-ପୋତାଗଡ, ଥାନା/ଜିଲ୍ଲା-ଯାଜପୁର, ୫.ପ୍ରଦୀପ କୁମାର ମହାନ୍ତି, ପିତା-ଉପେନ୍ଦ୍ର ମହାନ୍ତି, ଗ୍ରା/ପୋ/ଥାନା/ଜିଲ୍ଲା-ଢେଙ୍କାନାଳ, ୬. ପ୍ରଦୀପ କୁମାର ମହାପାତ୍ର, ପିତା-ଧୀରେନ୍ଦ୍ର ମହାପାତ୍ର, ପ୍ଲଟ ନଂ.୫୮, ସା-ସତ୍ୟନଗର, ଥାନା-ସହୀଦନଗର, ଭୁବନେଶ୍ୱର, ଖୋର୍ଦ୍ଧା, ୭. ପ୍ରହ୍ଲାଦ ଦେହୁରୀ, ୮. ବାସୁଦେବ ଦେହୁରୀ, ୯.ଦ୍ରୌପଦୀ ଦେହୁରୀ, ୧୦.ପଦ୍ମା ଦେହୁରୀ, ୧୧.ମଣି ଦେହୁରୀ, ପିତା-ଭୋଳି ଦେହୁରୀ, ୧୨.ନେତ ଦେହୁରୀ, ସ୍ୱାମୀ-ଭୋଳି ଦେହୁରୀ, ୧୩.ଅକ୍ରୁର ଦେହୁରୀ, ୧୪.ନେତ୍ରାନନ୍ଦ ଦେହୁରୀ, ପିତା-ଦାମ ଦେହୁରୀ, ୧୫.ପ୍ରତାପ ଦେହୁରୀ, ୧୬. ଆକୁଳାନନ୍ଦ ଦେହୁରୀ, ୧୭.ଗୋକୁଳ ଦେହୁରୀ, ୧୮.ବଣି ଦେହୁରୀ, ୧୯.ଅଂଜନା ଦେହୁରୀ, ପିତା-ବଳରାମ ଦେହୁରୀ, ୨୦.ଶଶୀ ଦେହୁରୀ, ପିତା-ପଂଚୁ ଦେହୁରୀ, ୨୧.ତ୍ରିଲୋଚନ ଦେହୁରୀ, ୨୨.ଚିନ୍ମୟ ଦେହୁରୀ, ୨୩.ଝିଲି ଦେହୁରୀ, ପିତା-ହରି ଦେହୁରୀ, ୨୪.ବିଜୁ ଦେହୁରୀ, ସ୍ୱାମୀ-ହରି ଦେହୁରୀ, ୨୫.ଉଷା ଦେହୁରୀ, ୨୬.ବଚି ଦେହୁରୀ, ପିତା-ପାଣ୍ଡବ ଦେହୁରୀ, ୨୭.ଦାମ ଦେହୁରୀ, ପିତା-ରାମ ଦେହୁରୀ, ସା-ପଥରଗାଡ଼ିଆ, ୨୮.ପ୍ରଦୀପ୍ତ କୁମାର ମହାପାତ୍ର, ପିତା-ବୈକୁଣ୍ଠନାଥ ମହାପାତ୍ର, ସା-ପ୍ଲଟ ନଂ.୩୬, ଫ୍ଲାଟ ନଂ.୨୦୩, ଜାପାନିଜ୍ ପ୍ୟାଲେସ୍, ସତ୍ୟନଗର-୭୫୧୦୦୭, ୨୯.ସତ୍ୟବ୍ରତ ଧିର, ପିତା-ନୃସିଂହ ଚରଣ ଧିର, ସା-ଏନ-୩/୩୩୮, ଆଇ.ଆର.ସି.ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା, ୩୦. ପ୍ରତାପ ମହାପାତ୍ର, ପିତା-ବୃନ୍ଦାବନ ମହାପାତ୍ର, ସା/ପୋ/ଥା-ରଣପୁର, ଜିଲ୍ଲା-ନୟାଗଡ, ୩୧.ଜ୍ୟୋତି ରଂଜନ ରାଉତ, ପିତା-କୃଷ୍ଣଚନ୍ଦ୍ର ରାଉତ, ସା/ପୋ-ଗଣ୍ଡରପୁର, ଥାନା-ନନ୍ଦନକାନନ, ଜିଲ୍ଲା-ଖୋର୍ଦ୍ଧା, ୩୨. ସନ୍ଧ୍ୟାରାଣୀ ନାୟକ, ସ୍ୱାମୀ-କବିସୂର୍ଯ୍ୟ ନାୟକ, ସା-କ୍ୱାଟର ନଂ.ଏଫ-୧୯/୧, ରେଲୱେ କଲୋନୀ, ପୋ-ମଞ୍ଚେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ୩୩. ମନୋରଂଜନ ମହାନ୍ତି, ପିତା-ଚିନ୍ତାମଣି ମହାନ୍ତି, ସା-ଏମ.ଆଇ.ଜି. ୧-୧୬/୨, ବି.ଡି.ଏ. କଲୋନୀ, ପୋ ?ଥାନା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା........ ବିରୋଧୀ ପକ୍ଷମାନେ । ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ମାଷ୍ଟରପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ.-୬୧/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା ଜିଲ୍ଲା-ଖୋର୍ଦ୍ଧା, ମୌଜା-ସୁନ୍ଦରପୁର, ଖାତା ନଂ.-୧୨୨, ପ୍ଲଟ ନଂ.-୫୬୯, ଅଧିଗୃହିତ ରକବା ଏ ୦.୧୦୩ ଡି. ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୨୦.୧୧.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୦୯.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

**ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ୍.ଏ.କେସ୍ ନଂ-୦୨/୨୦୨୧**
**ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା....ଆବେଦନକାରୀ**
**ବନାମ**

୧. ଗଗନ ବିହାରୀ ବେହେରା, ପିତା-ଲୋକନାଥ ବେହେରା, ସା-ସାମପୁର, ୨.କନକ ବେହେରା, ପିତା-ଲୋକନାଥ ବେହେରା, ସ୍ୱାମୀ-ପବିତ୍ର ବେହେରା, ସା/ପୋ/ଥା-ଚନ୍ଦକା, ଜି-ଖୋର୍ଦ୍ଧା, ୩.ଗୋଲାପ ବେହେରା, ପିତା-ଲୋକନାଥ ବେହେରା, ସ୍ୱାମୀ-ଅଲେଖ ସାମନ୍ତରାୟ, ସା-ତଳଖୁଣ୍ଟିଆ, ଥାନା-ଜଟଣୀ, ଜି-ଖୋର୍ଦ୍ଧା, ୪.କନକ ବେହେରା,ପିତା- ଲୋକନାଥ ବେହେରା, ସ୍ୱାମୀ-ଦେବେନ୍ଦ୍ର ବେହେରା, ସା-ବରକୁଦ, ଥାନା-ଜଟଣୀ, ଜି-ଖୋର୍ଦ୍ଧା, ୫. ପଦ୍ମାବତୀ ବେହେରା, ୬.ମଣ୍ଟି ବେହେରା, ପିତା-ଘନ ବେହେରା, ୭.ନୀଳ ବେହେରା, ପିତା-ଲକ୍ଷ୍ମଣ ବେହେରା, ୮.ନଛି ଦେଈ, ସ୍ୱାମୀ-ରତନ ବେହେରା, ୯. ମଞ୍ଜୁ ବେହେରା, ପିତା-ରତନ ବେହେରା, (ପୋଷ୍ୟା କନ୍ୟା) ୧୦. ରମେଶ ଚନ୍ଦ୍ର ବେହେରା, ପିତା-ଭୋଳି ବେହେରା, (ପୋଷ୍ୟ ପୁତ୍ର) ୧୧. ଗଣେଶ୍ୱର ବେହେରା, ୧୨.ମାତା ବେହେରା, ୧୩. ଗୀତା ବେହେରା, ୧୪.ସୀତା ବେହେରା, ପିତା-ନରୁତ୍ତମ ବେହେରା, ସା-ସାମପୁର, ୧୫.ବ୍ରାହ୍ମଣୀ ବେହେରା, ପିତା-ନରୁତ୍ତମ ବେହେରା, ସା-ସାମପୁର, ଥା-ଚନ୍ଦକା, ଜି-ଖୋର୍ଦ୍ଧା...... ବିରୋଧୀ ପକ୍ଷମାନେ । ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ନାକା ଗେଟ କାଟେଣୀ ରାସ୍ତାର ଉନ୍ନତିକରଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ.୦୨/୨୦୨୧ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ସାମପୁର, ଖାତା ନଂ-୬୬ ପ୍ଲଟ ନଂ-୯୮୭, ରକବା ଏ.୦.୦୦୧ ଡି ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୨୯.୧୧.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୧୯.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

**ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ୍.ଏ.କେସ୍ ନଂ.-୩୫୭/୨୦୨୧**
**ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର, ଖୋର୍ଦ୍ଧା....ଆବେଦନକାରୀ**
**ବନାମ**

୧. ବିଧୁମୁଖୀ ମିଶ୍ର, ୨.ବିଳାସିନୀ ମିଶ୍ର, ପିତା-ନଟବର ଦାଶ, ୩.ବାସନ୍ତୀ ଦାଶ, ସ୍ୱାମୀ-ନବୀନ ଦାଶ, ୪.ସ୍ୱର୍ଣ୍ଣରଶ୍ମି ମିଶ୍ର, ୫.ରାଜଲକ୍ଷ୍ମୀ ମିଶ୍ର, ୬.ମିହିର ରଞ୍ଜନ ଦାଶ, ପିତା-ନବୀନ ଦାଶ, ସା/ପୋ-ଘାଟିକିଆ, ଥା-ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା, ୭.ସୌଭାଗ୍ୟ ଶଙ୍କର ଦେଓ, ପିତା-ଦୁର୍ଗାମାଧବ ଦେଓ, ସା/ପୋ-ମଳିପଡା, ଜିଲ୍ଲା-ଖୋର୍ଦ୍ଧା......... ବିରୋଧୀ ପକ୍ଷମାନେ । ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ନାକାଗେଟ୍ କାଟେଣୀ ରାସ୍ତାର ଉନ୍ନତୀକରଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ.କେସ୍ ନଂ.୩୫୭/୨୦୨୧ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ଗୋଠପାଟଣା, ଖାତା ନଂ-୨୫୬, ପ୍ଲଟ ନଂ-୨୦୨୯, ରକବା ଏ -୦.୦୧୭ ଡି. ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୦୩.୧୨.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୨୨.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

**ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ୍.ଏ.କେସ୍ ନଂ.-୪୬/୨୦୨୦**
**ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର, ଖୋର୍ଦ୍ଧା....ଆବେଦନକାରୀ**
**ବନାମ**

୧. (ଏ) ପ୍ରତିମା ବେହେରା, ସ୍ୱାମୀ-ସ୍ୱର୍ଗତ ଭ୍ରମର ବେହେରା, ୧(ବି) ସତ୍ୟବ୍ରତ ବେହେରା, ୧(ସି) ଜୁବୁଲି ଦାସ, ପିତା-ସ୍ୱର୍ଗତ ଭ୍ରମର ବେହେରା, ସା-ଯୋଗେଶ୍ୱରପୁର, ପୋ/ଥାନା-ଗୋପ, ଜିଲ୍ଲା-ପୁରୀ............. ବିରୋଧୀ ପକ୍ଷମାନେ । ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ.କେସ୍ ନଂ.-୪୬/୨୦୨୦ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ମୁକୁନ୍ଦପ୍ରସାଦ, ଖାତା ନଂ-୫୨୬/୮୪୩, ପ୍ଲଟ ନଂ.-୨୩୨୮/୨୭୦୭, ରକବା ଏ.୦.୦୯୦ ଡି. ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୦୩.୧୨.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୨୨.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

**ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ.ଏ.କେସ୍ ନଂ-୨୫୩/୨୦୧୯**
**ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା....ଆବେଦନକାରୀ**
**ବନାମ**

୧. ଭିକାରୀ ସ୍ୱାଇଁ, ୨.ପଞ୍ଚୁ ସ୍ୱାଇଁ, ପିତା-ଲୋକନାଥ ସ୍ୱାଇଁ, ସା-ଚନ୍ଦ୍ରଶେଖରପୁର, କିସ୍ମତ-ଦଶଅଣାଆଠପାହି, ୩.କୁମର ବଳିଆରସିଂ, ପିତା-ଅନ୍ତର୍ଯ୍ୟାମୀ ବଳିଆରସିଂ, ସା-ଚନ୍ଦ୍ରଶେଖରପୁର, କିସ୍ମତ୍-ପାଞ୍ଚଅଣାଚାରିପାହି.......... ବିରୋଧୀପକ୍ଷମାନେ । ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ସିକୋ ମୟୂରଖାଲିଆ ରାସ୍ତା ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ.୨୫୩/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ଚନ୍ଦ୍ରଶେଖରପୁର, ଖାତା ନଂ-୩୬୨, ପ୍ଲଟ ନଂ.-୧୫୩୬, ଅଧିଗୃହିତ ରକବା ଏ ୦.୦୪୦ ଡି ଅଟେ । **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୦୩.୧୨.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ ।
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୨୨.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
### ନୋଟିସ

**ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ ଏଲ.ଏ.କେସ୍ ନଂ-୨୧୨/୨୦୧୯**
**ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା....ଆବେଦନକାରୀ**
**ବନାମ**

୧. ସୁରେନ୍ଦ୍ର ନାଥ ନାୟକ, ପିତା-ଆନନ୍ଦ ନାୟକ, ସା-କ୍ୱାର୍ଟର ନଂ-ଇ/୪, ବ୍ଲକ ନଂ.-୧, ସରକାରୀ ଆୟୁର୍ବେଦିକ୍ ହସ୍ପିଟାଲ, ନାଗେଶ୍ୱରଟାଙ୍ଗି, ପୋ-ବି.ଜେ.ବି. ନଗର, ଭୁବନେଶ୍ୱର-୭୫୧୦୧୪......... ବିରୋଧୀପକ୍ଷ ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ମାଷ୍ଟରପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ.୨୧୨/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ସୁନ୍ଦରପୁର, ଖାତା ନଂ.-୨୫, ପ୍ଲଟ ନଂ.-୭୧୯ (ପି), ଅଧିଗୃହିତ ରକବା ଏ.୦.୦୬୫ ଡି., କିସମ-ବଗାୟତ-୨ ଅଟେ । **ଉକ୍ତ ବିରୋଧୀ ପକ୍ଷ ଯଦି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍ବିର୍ କରିପାରିବେ ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେ ଧାର୍ଯ୍ୟ ତା.୦୩.୧୨.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୨୨.୦୯.୨୦୨୫ ରିଖ । Draft notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya and The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

OIPR-24351/14/0090/2526

**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ୟାସିକା ଯାଜ୍ଞସେନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଇଂଲଣ୍ଡକୁ ଜିତାଇଲେ ନାଇଟ୍


ଶଟ୍ ଖେଳିବା ଅବସରରେ ଇଂଲଣ୍ଡର ହିଥର ନାଇଟ।

**ଆଇସିସି ମହିଳା ବିଶ୍ୱକପ୍**

ଗୌହାଟୀ,୭।୧୦

ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଇଂଲଣ୍ଡ ୪ ଉଇକେଟରେ ବାଂଲାଦେଶକୁ ପରାସ୍ତ କରିଛି। ସ୍ପିନକୁ ସୁହାଉଥିବା ପିଚ୍‌ରେ ବାଂଲାଦେଶ ପକ୍ଷରୁ ଧାର୍ଯ୍ୟ ୧୭୯ ରନର ଟାର୍ଗେଟକୁ ଇଂଲଣ୍ଡ ୪୬.୧ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ବିଜୟୀ ଦଳ ପାଇଁ ହିଥର ନାଇଟ୍ ଅପରାଜିତ ୭୯ ରନର ଦର୍ଶନୀୟ ଇନିଂସ ଖେଳିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୪୯.୪ ଓଭରରେ ୧୭୮ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ସୋଭନା ମୋଷ୍ଟାରି ସର୍ବାଧିକ ୬୦, ରାବେୟା ଖାନ ୨୭ ବଲରେ ଦ୍ରୁତ ୪୩ (୬ ଚୌକା ଓ ୧ ଛକା) ଓ ଶାର୍ମିନ ଆଖତର ୩୦ ରନ କରିଥିଲେ। ବୋଲିଂରେ ଇଂଲଣ୍ଡ ପାଇଁ ସୋଫି ଇକଲେଷ୍ଟୋନ ୩ ଉଇକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରିକି ଦଳ ୧୦୩ ରନରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ନାଇଟ୍ ଓ ଚାର୍ଲଟ ଅବିଭାଜିତ ସପ୍ତମ ଉଇକେଟରେ ୭୯ ରନ ଯୋଡ଼ି ଦଳକୁ ଜିତାଇଥିଲେ। ନାଇଟ୍ ୮ ଚୌକା ଓ ୧ ଛକା ସହିତ ୭୯ ଏବଂ ଚାର୍ଲଟ ୨୭ ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ: ୪୯.୪ ଓଭରରେ ୧୭୮/ଅଲଆଉଟ୍ (ସୋଭନା ମୋଷ୍ଟାରୀ-୬୦, ରାବେୟା ଖାନ-୪୩*, ଶାର୍ମିନ ଆଖତର ୩୦, ସୋଫି ଇକଲେଷ୍ଟୋନ-୩/୨୪, ଚାର୍ଲି ଡିନ-୨/୨୮, ଏଲିସ କ୍ୟାପ୍ସି-୨/୩୧)। ଇଂଲଣ୍ଡ: ୪୬.୧ ଓଭରରେ ୧୮୨/୬ (ହିଥର ନାଇଟ୍-୭୯*, ନାଟ ସ୍କିଭର-ବ୍ରଣ୍ଟ-୩୨, ଫାହିମା ଖାତୁନ-୩/୧୬, ମାରୁଫା ଅକତର-୨/୨୮)।

# ଓଡ଼ିଶାର ୪ ଦୃଷ୍ଟିବାଧିତ ଖେଳାଳି ସମ୍ବର୍ଦ୍ଧିତ

**ଟି୨୦ ବିଶ୍ୱକପ୍**

ଭୁବନେଶ୍ୱର, ୭।୧୦(ବିଜୟ ରଣା)

ଭାରତ ଓ ଶ୍ରୀଲଙ୍କାରେ ଆୟୋଜିତ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ୍ ବିଶ୍ୱକପ୍ ପାଇଁ ୧୬ ଜଣିଆ ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ୪ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ଫୁଲ ସୋରେନ, ବାସନ୍ତୀ ହାଂସ୍‌ଦା, ଯମୁନାରାଣୀ ଟୁଡୁ ଓ ପାର୍ବତୀ ମାରାଣ୍ଡି। ଦୃଷ୍ଟିବାଧିତ କ୍ରିକେଟ୍ ଆସୋସିଏଶନ(କାଭି) ତରଫରୁ ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ମଙ୍ଗଳବାର ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଯାଜପୁର ଏମ୍‌ପି ଡ. ରବିନାରାୟଣ ବେହେରା ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ଆସୋସିଏଶନର ପ୍ରତିଷ୍ଠାତା ସମ୍ପାଦକ ସନ୍ନ୍ୟାସୀ କୁମାର ବେହେରା, ସଭାପତି ଇକ୍‌ବାଲ କାସିମ ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳାଦ୍ରି ଚାମ୍ପିୟନ, ତପନ ରନରଅପ୍



କୃତୀ ପ୍ରତିଯୋଗୀମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

**କେଟି ଗ୍ଲୋବାଲ ଫିଡେ ରେଟିଂ ଚେସ୍ ଉଦ୍‌ଯାପିତ**

ଭୁବନେଶ୍ୱର, ୭।୧୦(ତପନ ସ୍ୱାଇଁ)

କେଟି ଗ୍ଲୋବାଲ ସ୍କୁଲ୍ ଅନ୍ତର୍ଜାତୀୟ ଫିଡେ ରେଟିଂ ଚେସ୍ ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ଏବଂ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସହଯୋଗରେ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ପଶ୍ଚିମବଙ୍ଗର ନୀଳାଦ୍ରି ବାନାର୍ଜୀ ଚାମ୍ପିୟନ ହୋଇଛନ୍ତି। ୯ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ନୀଳାଦ୍ରି ୮.୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶାର ତପନ ବଡ଼ମୁଣ୍ଡି ଓ ସାତ୍ତ୍ୱିକ ସ୍ୱାଇଁ ୭.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ରନରଅପ୍ ଏବଂ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଚାମ୍ପିୟନ ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ଟ୍ରଫି ସହ ୨୫,୦୦୦, ରନରଅପ୍‌ଙ୍କୁ ୨୦,୦୦୦ ଓ ତୃତୀୟ ସ୍ଥାନ ପାଇଁ ୧୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମନିନ୍ଦ୍ର କାର୍ଜୀ, ରଚିଷ୍ଣୁ ଦତ୍ତ, ରନିତ ମାଇତି, ମନୀଷ ମିଶ୍ର, ଶ୍ରୀହନ ସାବତ, ପୂର୍ଣ୍ଣ ଖିଲୋ (ସମସ୍ତେ ୭ ପଏଣ୍ଟ ଲେଖାଏ) ଏବଂ ରଙ୍ଗିତ୍ ମଜୁମ୍‌ଦାର (୬.୫) ଟପ୍-୧୦ ଫିନିଶ୍ କରିଛନ୍ତି। ଜିମ୍ବାୱେରୁ ଜଣେ ଏବଂ ୧୩ ରାଜ୍ୟରୁ ମୋଟ ୨୭୬ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏଓସିଏ ସଭାପତି ତଥା ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ବିଶିଷ୍ଟ କୋଚ୍ ସତ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ସଭାପତି ଜି.ସି. ମହାପାତ୍ର, କେଟି ଗ୍ଲୋବାଲ ସ୍କୁଲ ସିଓଓ ସିଦ୍ଧାର୍ଥ ଶଙ୍କର ରାଉତ, ପ୍ରିନ୍ସିପାଲ ରିଙ୍କୁ ଷଡ଼ଙ୍ଗୀ, ସ୍ପେଶାଲ ଅଲିମ୍ପିକ୍ସ ଭାରତର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ କୁମାର ରଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ୮୯ଟି ଟ୍ରଫି ସହ ଟୁର୍ନାମେଣ୍ଟ ପାଇଁ ମୋଟ୍ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଥିଲା।

# ପୁରସ୍କାର ଦୌଡ଼ରେ ୩ ଭାରତୀୟ

**ଦୁବାଇ, ୭।୧୦(ପି.ଟି.):** ସେପ୍ଟେମ୍ବର ମାସ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ତରଫରୁ ଦିଆଯିବାକୁଥିବା ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଦୌଡ଼ରେ ୩ ଭାରତୀୟ ଖେଳାଳି ଅଛନ୍ତି। ସେମାନେ ହେଲେ ପୁରୁଷ ବିଭାଗରେ ଅଭିଷେକ ଶର୍ମା ଓ କୁଲଦୀପ ଯାଦବ ଏବଂ ମହିଳା ବିଭାଗରେ ସ୍ମୃତି ମନ୍ଧାନା। ବାମହାତୀ ଟି୨୦ ସ୍ପେଶାଲିଷ୍ଟ ୟୁଏଇରେ ଭାରତର ଏସିଆ କପ୍ ବିଜୟ ଅଭିଯାନରେ ଚମତ୍କାର ଫର୍ମରେ ରହିଥିଲେ। ସେ ୭ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ୩୧୪ ରନ୍ ସଂଗ୍ରହ କରିଥିଲେ। ତନ୍ମଧ୍ୟରେ ତାଙ୍କର ୩ ଅର୍ଦ୍ଧଶତକ ସାମିଲ ଥିଲା। ତାଙ୍କର ଷ୍ଟ୍ରାଇକ୍‌ରେଟ୍ ମଧ୍ୟ ୨୦୦ ରହିଥିଲା। ଏହି ୨୫ ବର୍ଷୀୟ ପୁରୁଷ ଅନ୍ତର୍ଜାତୀୟ ଟି୨୦ ଇତିହାସରେ ୯୩୧ ପଏଣ୍ଟ ସହ ବ୍ୟାଟିଂ ରେଟିଂରେ ଏକ ରେକର୍ଡର ଅଧିକାରୀ ହୋଇପାରିଥିଲେ। ଏଥିଯୋଗୁ ସେ ପୁରସ୍କାରର ପ୍ରମୁଖ ଦାବିଦାର ଅଟନ୍ତି। ରିଷ୍ଟ ସ୍ପିନର କୁଲଦୀପ ଏହି ଟୁର୍ନାମେଣ୍ଟରେ ଚମତ୍କାର ବୋଲିଂ କରିଛନ୍ତି। ସେ ୬.୨୭ ଇକୋନୋମି ରେଟ୍‌ରେ ୧୭ ଉଇକେଟ ଅକ୍ତିଆର କରିଛନ୍ତି। ସେ ୟୁଏଇ ବିପକ୍ଷରେ ୪/୭ ଫିଗର ସହ ଏସିଆ କପ୍ ଅଭିଯାନ ଆରମ୍ଭ କରିଥିଲେ। ପାକିସ୍ତାନ ବିପକ୍ଷ ଟାଇଟଲ ବିଜୟରେ ତାଙ୍କ ବୋଲିଂ ଫିଗର ୪/୩୦ ରହିଥିଲା।

# ମଡର୍ନ ପେଣ୍ଟାଥଲନ୍‌ରେ ଓଡ଼ିଶାକୁ ୨ ରୌପ୍ୟ, ୧ ବ୍ରୋଞ୍ଜ୍

ଭୁବନେଶ୍ୱର, ୭।୧୦(ତପନ ସ୍ୱାଇଁ)


ମହମ୍ମଦ ଆଜମଙ୍କ ସହ ପଦକ ବିଜେତା ୩ ଖେଳାଳି।

ମଧ୍ୟପ୍ରଦେଶର ଇନ୍ଦୋରଠାରେ ମଡର୍ନ ପେଣ୍ଟାଥଲନ୍ ବାଇଥେଲ/ଟ୍ରାଇଥେଲ ଜାତୀୟ ଚାମ୍ପିୟନଶିପ୍ ଚଳିତ ମାସ ୪ରୁ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଉଦ୍‌ଯାପିତ ଏହି ସମ୍ମାନ୍‌ଜନକ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ୩ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୨ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ୍ ସାମିଲ। ବାଇଥେଲ(ରନିଂ/ଫ୍ରିଷ୍ଟାଇଲ ସୁଇମିଂ) ସିନିୟର ବ୍ୟକ୍ତିଗତ ବର୍ଗରେ ପ୍ରଣବ ଦାସ ରୌପ୍ୟ ଓ ଅମିୟ କୁମାର ପ୍ରଧାନ ବ୍ରୋଞ୍ଜ୍ ପଦକ ପାଇଛନ୍ତି। ସେହିପରି ବାଇଥେଲ ୧୯ ବର୍ଷରୁ କମ୍ ବ୍ୟକ୍ତିଗତ ବର୍ଗରେ ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର ରୌପ୍ୟ ପଦକ ଜିତିଛନ୍ତି। ପ୍ରତିଯୋଗିତା ପାଇଁ ପ୍ରଣବ ଦଳର ଅଧିନାୟକ ମନୋନୀତ ହୋଇଥିବାବେଳେ ମହମ୍ମଦ ଅମନ ଉପ-ଅଧିନାୟକ, ଆକାଶ ମିର୍ଦ୍ଧା, ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର, ଆରବ ଚିଦାନନ୍ଦ ସ୍ୱାଇଁ, ଅମିୟ କୁମାର ପ୍ରଧାନ, କୁନା ବାଗ୍, ସ୍ୱସ୍ତିକ ସିଂ, ପ୍ରତୀକ ଦାସ, ଦେବଜିତ ପୁରୋହିତ, ଭରତ କୁମ୍ଭାର, ରଞ୍ଜିତ କୁମାର ସାହୁ, ବିଶ୍ୱଜିତ ତରାଇ, ନର୍ମଦା କର୍ନଲ, ଓସେନ, ସାବିତ୍ରୀ ଭୋକ୍ତା ସଦସ୍ୟ ରହିଥିଲେ। ମଡର୍ନ ପେଣ୍ଟାଥଲନ୍ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ମହମ୍ମଦ ଆଜମ କୋଚ୍ ଓ ଗୋପାଳ କୃଷ୍ଣ ସାହୁ ଅଫିସିଆଲ ଭାବେ ଦଳ ସହ ଯାତ୍ରା କରିଥିଲେ। ପଦକ ବିଜୟୀ ପ୍ରତିଯୋଗୀଙ୍କୁ ମଡର୍ନ ପେଣ୍ଟାଥଲନ୍ ଆସୋସିଏଶନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ବୋଲରଙ୍କୁ ବ୍ୟାଟ୍‌ରେ ପିଟିବାକୁ ପୃଥ୍ୱୀଙ୍କ ଉଦ୍ୟମ

ମୁମ୍ବାଇ, ୭।୧୦

ଦୀର୍ଘଦିନ ହେଲା ଭାରତୀୟ ଦଳରୁ ବାଦ୍ ପଡ଼ିଥିବା ପୃଥ୍ୱୀ ଶ’ ୨୦୨୫-୨୬ ଘରୋଇ ସିଜନ ଆରମ୍ଭ ହେବା ପୂର୍ବରୁ ମୁମ୍ବାଇ ବିପକ୍ଷ ଏକ ଅଭ୍ୟାସ ମ୍ୟାଚ୍‌ରେ ମାରାଥନ ଶତକୀୟ ପାଳି ଖେଳିଛନ୍ତି। ସେ ୧୪୪ ବଲ୍‌ରେ ଶତକ ପୂରଣ କରିଥିଲେ ଏବଂ ମୋଟ ଉପରେ ୧୮୧ ରନ୍‌ର ଇନିଂସ ଖେଳି ମୁଶିର ଖାନ୍‌ଙ୍କ ବଲରେ ଆଉଟ୍ ହୋଇଥିଲେ। ଆଉଟ୍ ହେବା ପରେ ମୁଶିରଙ୍କ ସହ ପୃଥ୍ୱୀଙ୍କର ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେ ମୁଶିରଙ୍କୁ ପିଟିବା ପାଇଁ ବ୍ୟାଟ୍ ଉଠାଇଥିଲେ। ଶେଷରେ ଅମ୍ପାୟରଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ

**ଜାତୀୟ ସିନିୟର ମହିଳା ଫୁଟ୍‌ବଲ**

ଭୁବନେଶ୍ୱର, ୭।୧୦(ତପନ ସ୍ୱାଇଁ)

ଛତିଶଗଡ଼ର ନରେନପୁରଠାରେ ରାଜମାତା ଜୀଜାବାଈ ଟ୍ରଫି ପାଇଁ ଚାଲିଥିବା ୩୦ତମ ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ର ଫାଇନାଲ ରାଉଣ୍ଡରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ସମ୍ପୂର୍ଣ୍ଣ ଏକପାଖିଆ ମ୍ୟାଚ୍‌ରେ ଓଡ଼ିଶା ୩-୦ ଗୋଲରେ ଘରୋଇ ଛତିଶଗଡ଼କୁ ପରାସ୍ତ କରିଛି। ଖେଳର ପ୍ରଥମ ୨୦ ମିନିଟ୍‌ରେ ଛତିଶଗଡ଼ ଖେଳାଳିମାନେ ଓଡ଼ିଶାକୁ ଟକ୍କର ଦେବାକୁ ସକ୍ଷମ ହୋଇଥିଲେ ହେଁ ୨୩ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋରକରି ଦଳକୁ ଅଗ୍ରଣୀ କରାଇଥିଲେ ଯଶୋଦା ମୁଣ୍ଡା। ପ୍ରଥମାର୍ଦ୍ଧର ଅଳ୍ପ କିଛି ସମୟ ପୂର୍ବରୁ ଅର୍ଥାତ୍ ୪୫ତମ ମିନିଟ୍‌ରେ ଇପ୍ସିତା ରାଉତ ଆଉ ଏକ ଗୋଲ ଦେଇ ଓଡ଼ିଶା ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ଚାପର ବଶବର୍ତ୍ତୀ ହୋଇଥିଲେ ମଧ୍ୟ ଛତିଶଗଡ଼ ଦ୍ୱିତୀୟାର୍ଦ୍ଧରେ କଡ଼ା ଟକ୍କର ଦେଇଥିଲା। ଗୋଲ୍ ପରିଶୋଧ କରିବାକୁ ସୁଯୋଗ ସୃଷ୍ଟି କରିଥିଲେ ହେଁ ଓଡ଼ିଶା ରକ୍ଷଣଭାଗ ତାହା ହେବାକୁ ଦେଇ ନ ଥିଲା। ୯୦ ମିନିଟ୍ ପର୍ଯ୍ୟନ୍ତ ଆଉ ଗୋଲ ହୋଇପାରି ନ ଥିବାବେଳେ ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୫ ମିନିଟ୍‌ରେ ଅଧିନାୟିକା ପ୍ୟାରୀ ଖାଖା ଗୋଟିଏ ଗୋଲ ଦେବାରୁ ଓଡ଼ିଶା ୩-୦ ବ୍ୟବଧାନରେ ବିଜୟ ହାସଲ କରିଥିଲା। ଓଡ଼ିଶା ପକ୍ଷରୁ ପ୍ରଥମ ଗୋଲ ସ୍କୋର କରି ଛତିଶଗଡ଼ ଉପରେ ଚାପ ସୃଷ୍ଟି କରିଥିବା ଯଶୋଦା ମୁଣ୍ଡା ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିଲେ। ପ୍ରକାଶଯୋଗ୍ୟ, ନିଜର ପ୍ରଥମ ମ୍ୟାଚ୍‌ରେ ପଶ୍ଚିମବଙ୍ଗଠାରୁ ୦-୧ ଗୋଲରେ ପରାଜିତ ହୋଇଥିବା ଓଡ଼ିଶା ଗୋଆ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ୪-୨ରେ ବିଜୟ ସହ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ପ୍ରକାଶ ଯେ, ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଖେଳାଳି ଓ କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ପକ୍ଷରୁ ଜାତୀୟ ଚୟନକର୍ତ୍ତାଭାବେ ଗୁରୁଦାୟିତ୍ୱ ବହନ କରୁଛନ୍ତି। ଭାରତୀୟ ଦଳ ଆଗାମୀ ଦିନରେ ଖେଳିବାକୁଥିବା ପ୍ରତିଯୋଗିତା ପାଇଁ ଶ୍ରଦ୍ଧାଞ୍ଜଳି ଓ ଅନ୍ୟ ଚୟନକର୍ତ୍ତାମାନେ ଏହି ଟୁର୍ନାମେଣ୍ଟରୁ ଖେଳାଳି ଚୟନ କରିବେ।

# କ୍ରୀଡ଼ାମନ୍ତ୍ରୀ ମାଣ୍ଡବ୍ୟଙ୍କୁ ଭେଟିଲେ ଯୁବରାଜ

**ନୂଆଦିଲ୍ଲୀ, ୭।୧୦(ପି.ଟି.):** କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟଙ୍କୁ ମଙ୍ଗଳବାର ପୂର୍ବତନ ଭାରତୀୟ କ୍ରିକେଟର ତଥା ଇଣ୍ଡିଆନ୍ ଗଲ୍ଫ ପ୍ରିମିୟର ଲିଗ୍ (ଆଇଜିପିଏଲ)ର ସହପ୍ରତିଷ୍ଠାତା ଯୁବରାଜ ସିଂ(ଯୁବି) ଭେଟିଛନ୍ତି। ଏହି ଅବସରରେ ସେମାନଙ୍କ ମଧ୍ୟରେ ଭାରତରେ ଗଲ୍ଫ ଖେଳର ବିକାଶ ଉପରେ ଆଲୋଚନା ହୋଇଥିଲା। ଇଣ୍ଡିଆନ୍ ଗଲ୍ଫ ୟୁନିୟନ(ଆଇଜିୟୁ), ଓମେନ୍ସ ଗଲ୍ଫ ଆସୋସିଏଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଜିଏଆଇ) ଓ ପିଜିଏ ଅଫ୍ ଇଣ୍ଡିଆ ମିଳିତ ସହଭାଗୀଦାରିତାରେ ଦେଶର ପ୍ରଥମ ଫ୍ରାଞ୍ଚାଇଜ୍‌ଭିତ୍ତିକ ଗଲ୍ଫ ଲିଗ୍ ଆଇଜିପିଏଲ୍ ଆସନ୍ତା ଜାନୁଆରୀରେ ୬ଟି ଦଳକୁ ନେଇ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଉଭୟ ପ୍ରଫେଶନାଲ ଓ ଆମେଚର ଗଲ୍ଫର୍ସ ଭାଗନେବେ।

# ଅଷ୍ଟ୍ରେଲିଆ ଦଳ ଘୋଷିତ ; ଷ୍ଟାର୍କ ଫେରିଲେ

**ଭାରତ ବିପକ୍ଷ ସିରିଜ୍**

ମେଲ୍‌ବୋର୍ନ, ୭।୧୦(ପି.ଟି.)

ଆସନ୍ତା ୧୯ ତାରିଖରୁ ଭାରତ ବିପକ୍ଷରେ ଆରମ୍ଭ ହେବାକୁଥିବା ହ୍ୱାଇଟ୍ ବଲ୍ କ୍ରିକେଟ୍ ସିରିଜ୍ ଲାଗି ମଙ୍ଗଳବାର ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି। ଭେଟେରାନ୍ ପେସର ମିଚେଲ ଷ୍ଟାର୍କ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ନିୟମିତ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ଅନୁପସ୍ଥିତିରେ ମିଚେଲ ମାର୍ଶ ଦଳର ନେତୃତ୍ୱଭାର ସମ୍ଭାଳିବେ।

ଗତମାସରେ ଟି୨୦ ଅନ୍ତର୍ଜାତୀୟରୁ ଅବସର ଘୋଷଣା କରିଥିବା ଷ୍ଟାର୍କଙ୍କୁ ଅଗଷ୍ଟରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍‌ରୁ ବିଶ୍ରାମ ଦିଆଯାଇଥିଲା। ଆଗକୁ ଆସେସ୍ ଥିବାରୁ ତାଙ୍କ ୱାର୍କଲୋଡ୍ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସେ ଅନ୍ତିମଥର ୨୦୨୪ ନଭେମ୍ବରରେ ଦିନିକିଆ ମ୍ୟାଚ୍ ଖେଳିଥିଲେ। ମାଥ୍ୟୁ ରେନଶ୍, ମ୍ୟାଟ୍ ଶର୍ଟ ଓ ମିଚ ଓୱେନ ନୂଆ ଚେହେରା ଭାବେ ଦଳରେ ସ୍ଥାନ ପାଇଛନ୍ତି।

**ଅଷ୍ଟ୍ରେଲିଆ ଦିନିକିଆ ଦଳ:** ମିଚେଲ ମାର୍ଶ(ଅଧିନାୟକ), ଜାଭିଅର ବାର୍ଟଲେଟ, ଆଲେକ୍ସ କାରୀ, କୁପର କନୋଲି, ବେନ୍ ଡ୍ୱାରଶୁଇସ, ନାଥନ ଏଲିସ, କାମେରନ ଗ୍ରୀନ, ଜୋଶ୍ ହାଜେଲଉଡ୍, ଟ୍ରାଭିସ ହେଡ୍, ଜୋଶ୍ ଇଙ୍ଗ୍‌ଲିସ, ମିଚେଲ ଓୱେନ, ମାଥ୍ୟୁ ରେନଶ୍, ମାଥ୍ୟୁ ଶର୍ଟ, ମିଚେଲ ଷ୍ଟାର୍କ ଓ ଆଡାମ ଜାମ୍ପା।

**ଅଷ୍ଟ୍ରେଲିଆ ଟି୨୦ ଦଳ:** ମିଚେଲ ମାର୍ଶ(ଅଧିନାୟକ), ସିନ୍ ଆବଟ, ଜାଭିଅର ବାର୍ଟଲେଟ, ଟିମ୍ ଡେଭିଡ୍, ବେନ ଡ୍ୱାରଶୁଇସ, ନାଥନ ଏଲିସ, ଜୋଶ୍ ହାଜେଲଉଡ୍, ଟ୍ରାଭିସ ହେଡ୍, ଜୋଶ୍ ଇଙ୍ଗ୍‌ଲିସ, ମାଥ୍ୟୁ କୁହ୍ନେମାନ, ମିଚେଲ ଓୱେନ, ମାଥ୍ୟୁ ଶର୍ଟ, ମାର୍କସ ଷ୍ଟୋଇନିସ, ଆଡାମ ଜାମ୍ପା।

# ଏଫ୍‌ସି ଗୋଆକୁ ଦଣ୍ଡିତ କଲା ଏଏଫ୍‌ସି

**ନୂଆଦିଲ୍ଲୀ, ୭।୧୦(ପି.ଟି.):** ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ(ଏଏଫ୍‌ସି) ଡିସିପ୍ଲିନାରି ଆଣ୍ଡ ଏଥିକ୍ସ କମିଟି ଆଇଏସ୍‌ଏଲ୍ କ୍ଲବ ଏଫ୍‌ସି ଗୋଆକୁ ୧୦ ହଜାର ଡଲାର (ପ୍ରାୟ ୮.୮ ଲକ୍ଷ) ଅର୍ଥଦଣ୍ଡରେ ଦଣ୍ଡିତ କରିଛି। ମାର୍ଗାଓସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅଲ୍ ସିବ ବିପକ୍ଷରେ ଖେଳାଯାଇଥିବା ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ କ୍ୱାଲିଫାୟର ମ୍ୟାଚ୍ ବେଳେ ଷ୍ଟାଡିୟମରେ ଉପସ୍ଥିତ ଏଫ୍‌ସି ଗୋଆର ସମର୍ଥକମାନେ ଜ୍ୱଳନଶୀଳ ଯନ୍ତ୍ର ବ୍ୟବହାର କରି ଏଏଫ୍‌ସିର ନିୟମ ଉଲ୍ଲଂଘନ କରିଥିଲେ। ଏଥିଲାଗି ଏଏଫ୍‌ସି ଡିସିପ୍ଲିନାରି ଆଣ୍ଡ ଏଥିକ୍ସ କମିଟି ପକ୍ଷରୁ କ୍ଲବକୁ ଆଗାମୀ ୩୦ ଦିନ ମଧ୍ୟରେ ୧୦ ହଜାର ଡଲାର ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ଏଫ୍‌ସି ଗୋଆ ଫ୍ୟାନ୍ କ୍ଲବ ପକ୍ଷରୁ କୁହାଯାଇଛି ଯେ, କ୍ଲବ ଉପରେ ଲଗାଯାଇଥିବା ଆର୍ଥିକଦଣ୍ଡ ସହ ଆମେ ଏକମତ ନୁହେଁ। ଷ୍ଟାଡିୟମରେ କଦାପି କୌଣସି ଜ୍ୱଳନଶୀଳ ଯନ୍ତ୍ର ବ୍ୟବହାର କରାଯାଇନାହିଁ। କେବଳ ଚାପ ଦ୍ୱାରା ପରିଚାଳିତ କଲର ଓ ସ୍ମୋକ୍ ଇଫେକ୍ଟ ବ୍ୟବହାର କରାଯାଇଥିଲା।

**Classified Everyday**
**0674-2580101, 9692975378**


**MATRIMONIAL**
**GROOM WANTED**

Beautiful Khandayat girl 24+ 5’5” MBA (Hyderabad) serving Tech Mahindra Hyderabad“Sunasansar” 9937512659. D-2188

Govt, ଚାକିରିଆ 58 ବୟସ୍କା, ଜାତିରେ Brahmin Unmrd ଏକାକୀ ରହୁଥିବା ଝିଅଙ୍କୁ Anycasteର ବରପାତ୍ର ଆବଶ୍ୟକ। 7873141286. D-2178

ବୟସ 28, Primary School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-2179


**REAL ESTATE**
**SALE**

ଭୁବନେଶ୍ୱର ପିତାପଲ୍ଲିଛକ **NH sideରେ immediate** ଘରବାଲା ଭଳି ପ୍ଲଟ୍ **Boundary,** ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- **9337166296.** D-1941

**Duplex sale near Aiims Hospital, Patrapada, Bhubaneswar. Gated Society: 9777433701.** D-03

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **(owner)- 9090963952.** D-02

Car washing Centre available on lease, Maruti Gypsy King, steel body for sale. Nayapali, Bhubaneswar. Contact No.- 9437637168. D-2184

Plot for sale near Railwaystation Bhawanipatna, Kalahandi, no broker. Contact:- 8658579717. D-2201

Centrally located housing plot for sale at Medinipur near Bhawanipatna, Kalahandi. Contact-: 9437148590, 8658579717. D-2202

Gharabari bounded plot 10000sqft, and 2400sqft, for sale adjacent to Meera’s Courtyard at Kurunti near Kuranga footballfield, 200 mtrs, from Niali-Nakhara SH, Cuttack Sadar. Contact: 7008815552. D-76862

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




The massage felt totally professional & comfortable at all times-7978109255. D-76495

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
**classifieddharitri@gmail.com**
ରେ ଇମେଲ୍ କରନ୍ତୁ।

**AFFIDAVIT**

SUNAJHARI SABAR, wife of late GABARDHAN SABAR, declare by this affidavit No.- 258, dated- 06.10.2025, before the Executive Magistrate, Gunupur, that now onwards I want to correction my minor daughter’s name from Jageswari Sabar (Old name) to JOSMINE SABAR (New name) bearing Aadhaar card No.- xxxx xxxx 6629 as my Address as At- Srirampur, P.O.- Bagasala, P.S.- Gunupur, Dist.- Rayagada for all future purposes. D-2203

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ନିବେଦିତା ବିଶ୍ୱାଳ (ନିତା)**
ଧରାବତରଣ 14/06/1966
ସ୍ୱର୍ଗାରୋହଣ 30/10/2023
(Ex Technical Officer, C.R.R.I, Cuttack)
କେଶପୁର C.R.R.I, କଟକ-୬

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ!
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ!!

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପରୋପକାରିତା, ଆମ ସମସ୍ତଙ୍କ ପାଇଁ ପାଥେୟ ହେଉ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ : ପ୍ରଭାକର ସ୍ୱାଇଁ ଏବଂ ପରିବାରର ସମସ୍ତ ବୃନ୍ଦ।**
ଧ-୭୬୮୬୧

## ଫଳ ଚାଷ



ଫଳବଗିଚାରେ ପାଣି ଜମିବାର ଥିଲେ ଜଳ ନିଷ୍କାସନ କରନ୍ତୁ ଓ ଶେଷ ଦଫା ସାର ପ୍ରୟୋଗ କରନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ । ଅଦରକାରୀ ଡାଳଗୁଡ଼ିକୁ କାଟଛାଣ୍ଟ କରି ବୋର୍ଡୋପେଷ୍ଟର ପ୍ରଲେପ ଦିଅନ୍ତୁ। ଉଇ ନ ହେବା ପାଇଁ କ୍ଲୋରୋପାଇରିଫସ୍ ଦ୍ରବଣ (୫ ମି.ଲି. / ଲିଟର ପାଣିରେ) ମାଟିରେ ସିଞ୍ଚନ କରନ୍ତୁ କିମ୍ବା ଗଛ ପ୍ରତି ୫୦ ଗ୍ରାମ୍ ହିସାବରେ କ୍ଲୋରୋପାଇରିଫସ୍ ଗୁଣ୍ଡକୁ ଗଛମୂଳରେ ପ୍ରୟୋଗ ପରେ ମାଟି ଟେକିଦିଅନ୍ତୁ। କଲମୀ ଗଛର କାଟଛାଣ୍ଟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଆମ୍ବଗଛରେ ଜଳସେଚନ ବନ୍ଦ କରନ୍ତୁ।

## ସୂର୍ଯ୍ୟମୁଖୀର ଉନ୍ନତ କିସମ

ଉନ୍ନତକିସମସୂର୍ଯ୍ୟମୁଖୀଯଥା–ମଡର୍ନ,ଇସି–୬୮୪୧୪,ଇସି–୬୮୪୧୫ହେକ୍ଟରପ୍ରତି୧୦କି.ଗ୍ରା. ଓ ସଙ୍କର ଜାତୀୟ ପିଏସି–୩୬, କେବିଏସ୍ଏଚ୍–୧, କେବିଏସ୍ଏଚ୍–୪୪ ଓ ଏମ୍ଏସ୍ଏଫ୍ଏଚ୍–୮ କିସମ ୭.୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ଏକ କି.ଗ୍ରା. ବିହନରେ କାର୍ବୋକ୍ସିନ୍ ସହ ଥିରାମ୍ କିମ୍ବା ଟେବୁକୋନାଜୋଲ୍୨%ଡିଏସ୍୨ଗ୍ରାମ୍‌ରୁ୨.୫ଗ୍ରାମ୍‌ହିସାବରେ୨କି.ଗ୍ରା.ମଞ୍ଜିପ୍ରତିବ୍ୟବହାରକରନ୍ତୁ।



## ଫୁଲ ଚାଷ



ତରଳ ଖତ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ୧ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ ।

# କୁକୁଡ଼ା ଫାର୍ମରେ ଜଳ ଆବଶ୍ୟକତା



ଡା. ବୀରକିଶୋର ପରିଡ଼ା

ଜଳ ପୃଥିବୀର ସମସ୍ତ ଜୀବଜଗତର ଜୀବନଧାରଣ ପାଇଁ ସବୁଠାରୁ ମୂଲ୍ୟବାନ୍ ଓ ଶସ୍ତା ଖାଦ୍ୟସାର ବା ପୋଷକ ରୂପେ ପରିଗଣିତ ହୁଏ । ସାଧାରଣତଃ କୁକୁଡ଼ାଙ୍କ ଶରୀରରେ ସମୁଦାୟ ଜଳ ଅଂଶ ୫୫–୮୫ ପ୍ରତିଶତ ମଧ୍ୟରେ ସୀମିତ ଥାଏ । କମ୍ ବୟସ୍କ କୁକଡ଼ାଙ୍କ ଶରୀରରେ ଜଳ ସଂରକ୍ଷଣ ଶକ୍ତି ବୟସ୍କ କୁକୁଡ଼ାଙ୍କ ଅପେକ୍ଷା ବେଶି ଥାଏ। କାରଣ ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କର ଚର୍ବି ଅଂଶ ସମାନୁପାତିକ ଶରୀରର ଜଳରୂପକ ଭାବେ ଯନ୍ ନେଇଥାଏ। ତେଣୁ ମୋଟ ଉପରେ କହିବାକୁ ଗଲେ, କୁକୁଡ଼ାଙ୍କ ସମୁଦାୟ ଶରୀର ଓଜନର ତିନି ଚତୁର୍ଥାଂଶ ହେଉଛି ଜଳ । ଏତଦ୍‌ବ୍ୟତୀତ ଶରୀରରେ ବଳକା ଜଳ ଅଂଶ ପରିସ୍ରା, ମଳ, ଫୁସ୍‌ଫୁସ୍‌ର ବାଷ୍ପୀକରଣ ପ୍ରକ୍ରିୟା ଏବଂ ଜୀବକୋଷ ଗଠନ ମାଧ୍ୟମରେ ନିର୍ଗତ ହୋଇଥାଏ। କୁକୁଡ଼ାମାନେ ପ୍ରତ୍ୟକ୍ଷ ଭାବେ ଜଳ ପିଇବା ମାଧ୍ୟମରେ ଏବଂ ଆଂଶିକ ଭାବେ ଖାଦ୍ୟପଦାର୍ଥରୁ ସେମାନଙ୍କର ଜଳର ଚାହିଦା ମେଣ୍ଟାଇଥାନ୍ତି ।

**କୁକୁଡ଼ାଙ୍କ ଶରୀରରେ ଜଳର ଆବଶ୍ୟକତା :** ରକ୍ତର ମୁଖ୍ୟ ଅଂଶ ହେଉଛି ଜଳ ବା ଜଳୀୟ ପଦାର୍ଥ ଏବଂ ଶରୀରର ଜୀବକୋଷଗୁଡ଼ିକର ଭିତର ଓ ବାହାର ଜଳୀୟ ପଦାର୍ଥ ରୂପେ ଅନ୍ତର୍ନିହିତ କରିଥାଏ। ତେଣୁ ଏହା ଶରୀରର ବିଭିନ୍ନ ଖାଦ୍ୟସାର ଏବଂ ଶରୀରରୁ ଉତ୍ପନ୍ନ ବିଭିନ୍ନ ଦୂଷିତ ବିଷାକ୍ତ ପଦାର୍ଥ ନିଷ୍କାସନ କରିବାର ବାହକ ରୂପେ କାର୍ଯ୍ୟ କରିଥାଏ। ଏହା ଶରୀରରେ ଉତ୍ତାପ ନିୟନ୍ତ୍ରଣର ଏଜେଣ୍ଟ ରୂପେ ସହାୟକ ହୋଇଥାଏ। ଏହା ଶରୀରରେ କ୍ଷାରୀୟ–ଅମ୍ଳତା ଭାରସାମ୍ୟ ସହ ପରାସାରଣୀ ଚାପ ଓ ଧାତବଲବଣର ଭାରସାମ୍ୟ ରକ୍ଷା କରିଥାଏ। ଏହା ଶରୀରର ବିଭିନ୍ନ ତରଳ ରାସାୟନିକ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥାଏ । ଏହା ରକ୍ତରୁ ସାରାଂଶ ଗ୍ରହଣ ରୂପକ ଦୈହିକ କ୍ରିୟାର ଜଳୀୟ ପଦାର୍ଥ ବା ମେଟାବୋଲିକ୍ ଜଳ ଉତ୍ପନ୍ନ କରିବାରେ ସହାୟକ ହୋଇ କୁକୁଡ଼ାଙ୍କ ଶରୀରର ବିଭିନ୍ନ ଶାରୀରିକ ପ୍ରକ୍ରିୟାରେ ସାହାଯ୍ୟ କରିଥାଏ । ସାଧାରଣତଃ କୁକୁଡ଼ାଙ୍କ ଖାଦ୍ୟରେ ୧୦%ରୁ ଅଧିକ ଜଳୀୟ ଅଂଶ ନ ଥାଏ । ତେଣୁ କୁକୁଡ଼ାଙ୍କୁ ପିଇବା ପାଇଁ ଯଥେଷ୍ଟ ପରିମାଣରେ ପରିଷ୍କାର ଥଣ୍ଡା ଜଳ ଯୋଗାଇବା ଏକାନ୍ତ ଅପରିହାର୍ଯ୍ୟ। ଜଳବାୟୁର ଉତ୍ତାପ ଏବଂ ଦାନାର ଉପାଦାନଗୁଡ଼ିକ ଉପରେ କୁକୁଡ଼ାଙ୍କ ଜଳର ଆବଶ୍ୟକତା ନିର୍ଭର କରିଥାଏ । ଏହି ଜଳ ପରିଚାଳନା ଉପରେ ହିଁ କୁକୁଡ଼ା ଫାର୍ମର କେତେକ ଆର୍ଥିକ କାରକ ନିର୍ଭର କରିଥାଏ। ଉଦାହରଣ – ଅଣ୍ଡାର ଆକାର, ଅଣ୍ଡାର ଖୋଳ ଝିଲ୍ଲି, କୁକୁଡ଼ା ମାଂସର କ୍ୱାଲିଟି ଏବଂ କୁକୁଡ଼ା ଘରର ଲିଟର ଅବସ୍ଥା ଇତ୍ୟାଦି। କୁକୁଡ଼ାଙ୍କ ଜଳ ପିଇବା ଉପରେ ହିଁ ମଳର ଗଠନ ନିର୍ଭର କରିଥାଏ। ବାହ୍ୟ ଜଳବାୟୁର ଉତ୍ତାପ ବୃଦ୍ଧିରେ ମଧ୍ୟ କୁକୁଡ଼ାଙ୍କ ଜଳ ପିଇବାର ଚାହିଦା ବଢ଼ିଥାଏ। କୁକୁଡ଼ାଙ୍କ ଜଳ ପିଇବା ବିଶେଷକରି ଜଳବାୟୁର ଆପେକ୍ଷିକ ଆର୍ଦ୍ରତା ଉପରେ ନିର୍ଭର କରେ । କୁକୁଡ଼ା ଚିଆଁଠାରୁ ଆରମ୍ଭକରି ଅଣ୍ଡାଦେବା ପର୍ଯ୍ୟନ୍ତ ସେମାନଙ୍କର ପାଣି ପିଇବାର ଚାହିଦା ବଢ଼ି ବଢ଼ି ଯାଇଥାଏ। ବଡ଼ ଉନ୍ନତ ଧରଣର କୁକୁଡ଼ା ଅଧିକ ପାଣି ପିଇଥାନ୍ତି । କୁକୁଡ଼ାଙ୍କ ଯୌନାଙ୍ଗ ବୟୋପ୍ରାପ୍ତ ହେବା ପରେ ପରେ ମଧ୍ୟ ଅଧିକ ପାଣି ପିଇଥାନ୍ତି। ଫାର୍ମରେ ଅଣ୍ଡା ଉତ୍ପାଦନର ହାର ମଧ୍ୟ କୁକୁଡ଼ାଙ୍କ ପାଣି ପିଇବା ଉପରେ ପ୍ରଭାବ ପକାଇଥାଏ ।

“ଜଳବାୟୁର ଉତ୍ତାପ ଏବଂ ଦାନାର ଉପାଦାନଗୁଡ଼ିକ ଉପରେ କୁକୁଡ଼ାଙ୍କ ଜଳର ଆବଶ୍ୟକତା ନିର୍ଭର କରିଥାଏ । ଏହି ଜଳ ପରିଚାଳନା ଉପରେ ହିଁ କୁକୁଡ଼ା ଫାର୍ମର କେତେକ ଆର୍ଥିକ କାରକ ନିର୍ଭର କରିଥାଏ । ଉଦାହରଣ - ଅଣ୍ଡାର ଆକାର, ଅଣ୍ଡାର ଖୋଳ ଝିଲ୍ଲି, କୁକୁଡ଼ା ମାଂସର କ୍ୱାଲିଟି ଏବଂ କୁକୁଡ଼ା ଘରର ଲିଟର ଅବସ୍ଥା ଇତ୍ୟାଦି । କୁକୁଡ଼ାଙ୍କ ଜଳ ପିଇବା ଉପରେ ହିଁ ମଳର ଗଠନ ନିର୍ଭର କରିଥାଏ । ବାହ୍ୟ ଜଳବାୟୁର ଉତ୍ତାପ ବୃଦ୍ଧିରେ ମଧ୍ୟ କୁକୁଡ଼ାଙ୍କ ଜଳ ପିଇବାର ଚାହିଦା ବଢ଼ିଥାଏ । କୁକୁଡ଼ାଙ୍କ ଜଳ ପିଇବା ବିଶେଷକରି ଜଳବାୟୁର ଆପେକ୍ଷିକ ଆର୍ଦ୍ରତା ଉପରେ ନିର୍ଭରକରେ ।”



ଜଳର ଗଠନ ବା ଉପାଦନରେ ମଧ୍ୟ କୁକୁଡ଼ାଙ୍କ ଜଳ ପିଇବା ନିର୍ଭର କରେ। ଉଦାହରଣ, ଯଦି ପାଣିରେ ବିଭିନ୍ନ ଲବଣ ଯୌଗିକ ପଦାର୍ଥ ଥାଏ। ଯଥା – ସୋଡ଼ିୟମ କ୍ଲୋରାଇଡ୍, ସୋଡ଼ିୟମ୍ ସଲ୍‌ଫେଟ୍ ଆଦି ନିହିତ ଥାଏ, ତେବେ କୁକୁଡ଼ାଙ୍କ ପାଣି ପିଇବା ଦକ୍ଷତା ହ୍ରାସ ପାଇଥାଏ । କୁକୁଡ଼ାଙ୍କ ପିଇବା ପାଣିର କ୍ଷାରୀୟ ଅମ୍ଳତା ଅନୁପାତ ୬.୭ରେ ରହିବା ଦରକାର । ଔଷଧ ବ୍ୟବହୃତ ପାଣିର ପିଏଚ୍ ମଧ୍ୟରେ ସୀମିତ ରହିବା ଉଚିତ । ପିଇବା ପାଣିରେ ଯଦି କୁକୁଡ଼ାଙ୍କ ମଳ ମିଶେ, ତେବେ ସେହି ପାଣିରେ ନାଇଟ୍ରେଟ୍ ଏବଂ ଆମୋନିଆ ଅଂଶ ବୃଦ୍ଧି ପାଇ ଶରୀରରେ ପ୍ରଭୂତ କ୍ଷତି ଘଟାଇଥାଏ। ପିଇବା ପାଣିରେ ବିଭିନ୍ନ ନିର୍ଜୀବ ମୌଳିକ ପଦାର୍ଥ ଯଥା – ସୋଡ଼ିୟମ, ପୋଟାସିୟମ ଏବଂ କ୍ଲୋରିନ୍ ଉପସ୍ଥିତିକୁ ପରୀକ୍ଷା କରିବା ଦରକାର । ଏହି ଧାତବ ଲବଣ କୁକୁଡ଼ାଙ୍କ ପାଣି ପିଇବା ଶକ୍ତି ବଢ଼ାଇଥାଏ । ଫଳରେ କୁକୁଡ଼ାମାନେ ତରଳ ଝାଡ଼ା ବା ମଳତ୍ୟାଗ କରନ୍ତି ଏବଂ ଏହା ଲିଟରକୁ ଓଦା ଅବସ୍ଥା ସୃଷ୍ଟି କରିଥାଏ। ଫଳରେ କୁକୁଡ଼ାଘରର ବିଛଣା ବା ଲିଟର ଓଦା ଓ ସନ୍ତସନ୍ତିଆ ରହେ ଏବଂ ବିଭିନ୍ନ ରୋଗ ଯଥା ରକ୍ତଝାଡ଼ା, କୃମି, ନିମୋନିଆ ଇତ୍ୟାଦି ସୃଷ୍ଟିକରିବା ସହ କେତେକ ଆମୋନିଆ ଗ୍ୟାସ୍ ସଂଘଟିତ ହେବାରୁ କୁକୁଡ଼ାଙ୍କ ବିଭିନ୍ନ ଶ୍ୱାସରୋଗ ଯଥା – ଫାଉଲ୍ କରିଜା, ଇନ୍‌ଫେକ୍ସିଅସ୍ ବ୍ରୋଙ୍କାଇଟିସ୍ ବା ସିଆର୍‌ଡି ଇତ୍ୟାଦି ସୃଷ୍ଟି ହୋଇଥାଏ । ଅଣ୍ଡାଗୁଡ଼ିକ ତରଳ ମଳରେ ଲାଗି ଅପରିଷ୍କାର ଦିଶେ । ଡ୍ରେନ୍‌ର ଯଦି କୌଣସି ଦୂଷିତ ପାଣି ପିଇବା ପାଣି ପାଇପରେ ମିଶେ, ତେବେ ଅଧିକାଂଶ କୁକୁଡ଼ା ଇ.କୋଲାଇ ଜୀବାଣୁ ଦ୍ୱାରା ସଂକ୍ରମିତ ହୋଇ ମୃତ୍ୟୁମୁଖରେ ପଡ଼ନ୍ତି ।

ପକ୍ଷୀମାନେ ଅନାହାର ହୁଏତ ସମ୍ଭାଳି ପାରିବେ, କିନ୍ତୁ ପିଇବାପାଣି ଅଭାବରେ ସେମାନଙ୍କ ପକ୍ଷେ ବଞ୍ଚିବା କଷ୍ଟକର ହୋଇପଡ଼େ । ଅନ୍ତପୁଟରୁ ଖାଦ୍ୟ ପରିବହନରେ ବିଳମ୍ବ ଘଟିଲେ କୁକୁଡ଼ାଙ୍କ ଖାଦ୍ୟ ବିନିଯୋଗ ଦକ୍ଷତା କମିଯାଏ। ଅନ୍ତପୁଟରୁ ପେଷଣାକୁ ଖାଦ୍ୟପଦାର୍ଥ ପରିବହନ ଶରୀରର ଜଳୀୟ ପଦାର୍ଥ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । କୁକୁଡ଼ାଙ୍କ ଅଧିକ ସମୟ ଅନାହାର ବା ଖାଦ୍ୟ ପଦାର୍ଥରୁ ବଞ୍ଚିତ ହେବା ଓ ରୁଗ୍‌ଣ ଶରୀରରେ ଜଳଶୁଷ୍କତା ଭାବ ପ୍ରକାଶ କରିଥାଏ । ପ୍ରାପ୍ତବୟସ୍କ କୁକୁଡ଼ାଙ୍କର ଅଣ୍ଡାଶୟ ଜୀବକୋଷ ନଷ୍ଟହେବା, ଗ୍ରନ୍ଥିଳ ଜଠର ଏବଂ କିଡ୍‌ନୀରେ ପ୍ରଦାହ ସୃଷ୍ଟିହେବା ସହ କୁକୁଡ଼ାଙ୍କ ଅଣ୍ଡା ଉତ୍ପାଦନ ଶକ୍ତି କମିଯାଇଥାଏ।

**କୁକୁଡ଼ା ଫାର୍ମରେ ପାଣି ପରିଚାଳନା ପାଇଁ କେତେକ ଉପାୟ**

➤ସର୍ବଦା ପରିଷ୍କାର, ସ୍ୱଚ୍ଛ ନିର୍ମଳ ଜଳ ବ୍ୟବହାର କରନ୍ତୁ । କୂପ ପାଣି ଅପେକ୍ଷା ନଳକୂପ ଜଳ ଅଧିକ ସ୍ୱାସ୍ଥ୍ୟକର । ଯଦି ନଳକୂପ ଜଳ ନ ଥାଏ, ତେବେ ଗୋଟିଏ ମାଠିଆ କୂଅଜଳରେ ୪ଟି ହାଲୋଜେନ୍ ବଟିକା ପକାଇ ବ୍ୟବହାର କରନ୍ତୁ।

➤ପାଣିରେ ଥିବା ଧାତବ ଲବଣ ପଦାର୍ଥ ଯଥା – ସୋଡ଼ିୟମ, ପୋଟାସିୟମ ଇତ୍ୟାଦି ବ୍ୟବହାର କରିବା ପୂର୍ବରୁ ପରୀକ୍ଷା କରିନିଅନ୍ତୁ।

➤ଖାଦ୍ୟ ବା ଦାନାରେ ଲବଣାଂଶ ଭାଗ କମାଇ ଦିଅନ୍ତୁ।

➤ପିଇବା ଜଳରେ କ୍ଷତିକାରକ ଜୀବାଣୁ ଅଛନ୍ତି କି ନାହିଁ, ତାହା ଲାବରୋଟୋରିରେ ପରୀକ୍ଷା କରାଇ ନିଅନ୍ତୁ।

➤ପିଇବା ପାଣିର ପାଇପ୍‌ରେ ବାହ୍ୟ ଡ୍ରେନ୍ ଜଳ କିମ୍ବା ଶିଳ୍ପାଞ୍ଚଳ ନିର୍ଗତ ଦୂଷିତ ଜଳ କୌଣସି କାରଣରୁ ଲିକେଜ୍ ହୋଇ ମିଶୁଛି କି ନାହିଁ, ତାହା ଉପରେ ସର୍ବଦା ଦୃଷ୍ଟି ରଖନ୍ତୁ।

➤ଉତ୍ତମ କୁକୁଡ଼ା ଫାର୍ମ ପରିଚାଳନାଗତ ଅଭ୍ୟାସ ଯଥା – ଲିଟରକୁ ଠିକ୍ ସମୟାନୁବର୍ତ୍ତିତ ଅନୁସାରେ ବଦଳେଇ ଦେବା ବା ଚୂନ ପ୍ରୟୋଗ କରିବା, ପିଇବା ପାଣିରେ କୁକୁଡ଼ାଙ୍କ ମଳ ନ ମିଶିବା, ପାଣିଟାଙ୍କି ବା କୂଅରେ ଉପଯୁକ୍ତ ସମୟ ବ୍ୟବଧାନରେ ବ୍ଲିଚିଂ ପାଉଡ଼ର ପକାଇବା ଇତ୍ୟାଦି ଉପରେ ସର୍ବଦା ନଜର ରଖିବା ଆବଶ୍ୟକ। କୁକୁଡ଼ାଙ୍କୁ ଗହଳି ନ କରି ସଂଖ୍ୟା ଅନୁସାରେ କୁକୁଡ଼ା ଘରେ ଆବଶ୍ୟକ ପାଣିପାତ୍ର ରଖନ୍ତୁ ଏବଂ ପାଣିପାତ୍ରଗୁଡ଼ିକୁ ସର୍ବଦା ପରିଷ୍କାର ରଖିବା ଦରକାର ।

–ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ,
ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଅଳ୍ପରେ...



**କପା :** କପାରେ ଜଉପୋକ, ପତ୍ରଡିଆଁ ପୋକ ଓ ଉଙ୍କୁଣିଆ ପୋକ ଦେଖାଦେଲେ ୧୫ ଲିଟର ପାଣିରେ କିମ୍ବା ୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ମିଶାଇ ସିଞ୍ଚନ କରନ୍ତୁ। ୧୦ ଲିଟର ପାଣିରେ ୩ ଗ୍ରାମ୍ ଏସିଟାମିପ୍ରିଡ୍ ମିଶାଇ ପତ୍ର ସିଞ୍ଚନ କରାଯାଇପାରେ।

**ଅଦା ଓ ହଳଦୀ ଚାଷ:** ଅଦା–ହଳଦୀ ଚାଷରେ ମୂଳଶଢ଼ା ରୋଗ ହେଲେ ମେଟାଲାକ୍ସିଲ + ମାନ୍‌କୋଜେବ୍ ୨ ଗ୍ରାମ୍/ଲିଟର ପାଣି ମିଶାଇ ମୂଳଭିଜା କରନ୍ତୁ।



**ଢିପଜମିରେ ରାଶି ଚାଷ:** ଢିପଜମିରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ । ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା – ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା, ଅମ୍ରିତ୍, ସ୍ମାରକ ଓ ଶୁଭ୍ରା। ହେକ୍ଟର ପ୍ରତି ୭.୫–୧୦ କିଲୋଗ୍ରାମ୍ ବିହନ ବ୍ୟବହାର କରନ୍ତୁ । ପ୍ରତି କିଲୋଗ୍ରାମ୍ ବିହନରେ କାର୍ବୋକ୍ସିନ୍ + ଥିରାମ୍ ୨ ଗ୍ରାମ୍ ଗୋଳାଇ ବିଶୋଧନ କରନ୍ତୁ । ବିହନସହସମାନପରିମାଣରେବାଲିମିଶାଇଧାଡ଼ିକୁଧାଡ଼ି୩୦ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବୁଣନ୍ତୁ ।

## ଜାଣି ରଖନ୍ତୁ



➤ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

➤ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।

➤ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଟିଡ ଗୁଣ୍ଡ ପ୍ରୟୋଗ କରନ୍ତୁ ।



## ପନିପରିବା ଚାଷ

ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨–୩ଟି ଆଖି ଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନକରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାରକରନ୍ତୁ ଓ ଆଳୁ ଲଗାଇଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମତେଲରୁ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା– ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷକଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ୍ ଏଗ୍ରିଫାଉଣ୍ଡ୍ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ।



# ବିଳମ୍ବରେ ଧାନ ରୋଇଥିଲେ...



ବିଳମ୍ବରେ ରୁଆଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହାଦ୍ୱାରା ବୁଦାମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗକରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦାମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକାପ୍ରକାର କୀଟନାଶକକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ୧ ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍‌କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁଜି ଏକର ପ୍ରତି ୫୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




www.tvsmotor.com/tvs-apache | tvsapacheseries | TVS Apache | *Ex showroom price effective 18% GST & may vary depending upon variant & location | **Instant cashback on EMI transactions
^Finance at the sole discretion of the financier | #5 Years included + 5 years extended @ ₹ 999 | Stunts performed by professionals in a controlled environment | T&C apply.

1800 315 7227

TVS CREDIT | IDFC FIRST Bank ALWAYS YOU FIRST | L&T Finance | HDFC BANK We understand your world | SHRIRAM Finance | Chola Enter a better life

FOR ALL INSTITUTIONAL/BULK REQUIREMENTS PLEASE MAIL corporatecustomersupport@tvsmotor.com AUTHORISED MAIN DEALERS: ANGUL: SHREENARAYANI TVS: 9861222572, TALCHER: RAISER TVS: 9124563481, 9124563480, DHENKANAL: SHREE GURUVINAYAK TVS: 7440041000, 7440042000.